# ଲୁଧିୟାନା ଅଭିଭାଷଣ

(ଲେକଚର୍ ଲୁଧିୟାନା)

ଲେଖକ:
ହଜରତ ମିର୍ଜା ଗୁଲାମ ଅହମଦ୍[ଅ.ସ]
ପ୍ରତିଶ୍ରୁତ ମସିହ ଓ ମେହଦୀ

# ଲୁଧିୟାନା ଅଭିଭାଷଣ

(ଲେକଚର୍ ଲୁଧିୟାନା)

ଲେଖକ:

**ହଜରତ ମିର୍ଜା ଗୁଲାମ ଅହମଦ** ଅ.ସ

ପ୍ରତିଶ୍ରୁତ ମସିହ ଓ ମେହଦୀ

# ଲୁଧିୟାନା ଅଭିଭାଷଣ


ମୂଳ ଉର୍ଦ୍ଦୁ : 'ଲେକଚର୍ ଲୁଧିୟାନା'

ଲେଖକ : **ହଜରତ ମିର୍ଜା ଗୁଲାମ ଅହମଦ**ଅ.ସ, ପ୍ରତିଶ୍ରୁତ ମସିହ ଓ ମେହଦୀ
ଅହମଦୀୟା ମୁସଲିମ ଜମାଅତର ସଂସ୍ଥାପକ

ଓଡ଼ିଆ ରୂପାନ୍ତର: ମୌ. ଦବିରୁଲ୍ଲ ହକ୍ ଖାନ୍

ପ୍ରକାଶକ : ନଜାରତ ନଶରୋ ଇଶାଅତ୍, କାଦିୟାନ ଜିଲ୍ଲା: ଗୁରଦାସ୍ପୁର,
ପଞ୍ଜାବ (ଭାରତ)- ୧୪୩୫୧୬

ମୁଦ୍ରକ : ଫଜଲେ ଉମର୍ ପ୍ରିଣ୍ଟିଙ୍ଗ୍ ପ୍ରେସ୍, କାଦିୟାନ (ଭାରତ)

ପ୍ରକାଶନ ବର୍ଷ : ୨୦୨୪, ପ୍ରଥମ ଓଡ଼ିଆ ସଂସ୍କରଣ (ମୁଦ୍ରଣ ସଂଖ୍ୟା: ୩୦୦)


## LUDHIANA ABHIBHASAN

**'Lecture Ludhiana'**


*Author of the Book* : **Hazrat Mirza Ghulam Ahmad**as
Promised Messiah & Mahdi,
Founder of Ahmadiyya Muslim Jama'at

*Translated to Odia* : **Mlv. Dabirul Haq Khan,** Missonary

*Published by* : NAZARAT NASHR-O-ISHA'AT, Qadian
Dist.Gurdaspur, Punjab (India) - 143516

*Year of Publication* : 2024, First Edition in Odia (300 copies)
*Printed at* : Fazle Umar Printing Press, Qadian (India)



*No part of this translation and commentary may be reproduced in any form without prior permission from the Publisher, except for the quotation of brief passages in criticism.*



**ISBN:**



ହଜରତ ମିର୍ଜା ଗୁଲାମ ଅହମଦ ସାହେବ କାଦିୟାନି ପ୍ରତିଶ୍ରୁତ ମସିହ ଓ ମେହଦୀ

# ଲେଖକଙ୍କ ପରିଚୟ

ହଜରତ ମିର୍ଜା ଗୁଲାମ ଅହମଦ ସାହେବ କାଦିୟାନି ପ୍ରତିଶ୍ରୁତ ମସିହ ଓ ମେହଦୀ[ଅ.ସ] ଏହି ଅଭିଭାଷଣଟିକୁ ୪ ନଭେମ୍ବର ୧୯୦୫ ମସିହାରେ ଲୁଧିୟାନା ଠାରେ ଉପସ୍ଥାପନ କରିଥିଲେ । ଏହି ଲୁଧିୟାନା ସେହି ସହର ଯେଉଁସ୍ଥଳେ ସର୍ବପ୍ରଥମେ ହୁଜୁର [ଅ.ସ]ଙ୍କ ବିରୁଦ୍ଧରେ କାଫିର୍ (ଧର୍ମଦ୍ରୋହୀ) ହେବାର ଫତ୍‌ୱା ଦିଆଯାଇଥିଲା ଏବଂ ସମଗ୍ର ଭାରତ ବର୍ଷରେ ତାହାକୁ ପରିକ୍ରମଣ କରାଗଲା । ହୁଜୁର[ଅ.ସ] ଏହି ପ୍ରସଙ୍ଗକୁ ନିଜ ସତ୍ୟବାଦୀ ହେବାର ଚିହ୍ନ ରୂପେ ଦର୍ଶାଇଲେ ଯେ, ଓଲମା (ଧର୍ମ ପଣ୍ଡିତଗଣ) ମିଳିତ ଭାବରେ ଏହି ଜମାଅତର ମୂଳୋତ୍ପାଟନ କରିବାକୁ ସମସ୍ତ ପ୍ରକାରର ପ୍ରୟାସ ଓ ଷଡ଼ଯନ୍ତ୍ର କରିନେଲେ । କିନ୍ତୁ ସେମାନଙ୍କ ସକଳ ପ୍ରଚେଷ୍ଟା କେବଳ ବୃଥା ଗଲା ନାହିଁ, ବରଂ ତାହାର ପରିଣାମ ସେମାନଙ୍କ ଉପରେ ଓଲଟି ପଡ଼ିଲା ଏବଂ ଅଲ୍ଲାଃତାଲାଙ୍କ ସାହାଯ୍ୟ ଓ ସମର୍ଥନର ହସ୍ତ ଏହି ଜମାଅତ ସହିତ ଅବ୍ୟାହତ ରହିଲା ।

କିନ୍ତୁ ମୁଁ ଦେଖୁଅଛି ଏବଂ ଆପଣମାନେ ମଧ୍ୟ ଅବଲୋକନ କରୁଛନ୍ତି ଯେ, ସେହି କାଫିର୍‌ର ଫତୱା ଦେଇଥିବା ବ୍ୟକ୍ତିମାନେ ଆରପାରିକୁ ଚାଲି ଗଲେଣି । କିନ୍ତୁ ପରମେଶ୍ୱର ମୋତେ ଜୀବିତ ରଖିଛନ୍ତି ଏବଂ ମୋ ଜମାଅତକୁ ସମୃଦ୍ଧି ପ୍ରଦାନ କରି ଚାଲିଛନ୍ତି ।

ହଜରତ ମସିହ ମଉଦ[ଅ.ସ] ଅଧିକନ୍ତୁ କହିଲେ; "ମୁଁ ଦାବି କରି କହୁଅଛି ହଜରତ ଆଦମ୍ [ଅ.ସ]ଙ୍କ ଠାରୁ ଆରମ୍ଭ କରି ଚଳିତ ଯୁଗ ପର୍ଯ୍ୟନ୍ତ କୌଣସି ମିଥ୍ୟାବାଦୀର ଉଦାହରଣ ଉପସ୍ଥାପନ କର ଯେ ୨୫ବର୍ଷ ପୂର୍ବରୁ ଅର୍ଥାତ ନିଜର ଅଜ୍ଞାତବାସ ଅବସ୍ଥାରେ ଏପରି ଭବିଷ୍ୟବାଣୀ କରିଥିବ । ପୁନଶ୍ଚ ତାହା ଠିକ୍ ସେହିପରି ପୂରଣ ହୋଇଯାଇଥିବ । ଯଦି କେହି ଏପରି ଉଦାହରଣ ଉପସ୍ଥାପନ କରିଦିଏ ତେବେ ନିଃସନ୍ଦେହ ରୂପେ ଏହି ସମ୍ପୂର୍ଣ୍ଣ କାରବାର ମିଥ୍ୟା ସାବ୍ୟସ୍ତ ହୋଇଯିବ ।"

## ପ୍ରକାଶକଙ୍କ କଲମରୁ:

ଯୁଗାବତାର ହଜରତ ମସିହ ମଉଦ ଅ.ସଙ୍କ ଲିଖିତ ପୁସ୍ତକ 'ଲେକଚର୍ ଲୁଧିୟାନା' ନାମରେ (ମୂଳ ଉର୍ଦ୍ଦୁ ଭାଷାରେ) ସୁପ୍ରସିଦ୍ଧ । ଲୋକମାନଙ୍କ ଇଚ୍ଛା ଓ ବର୍ତ୍ତମାନର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହାର ଓଡ଼ିଆ ଅନୁବାଦ ମୌଲବୀ ଦବିରୁଲ୍ ହକ୍ ଖାନ୍ ଶୀର୍ଷକ "ଲୁଧିୟାନା ଅଭିଭାଷଣ" ନାମରେ କରିଛନ୍ତି । ତ୍ରୁଟି ସଂଶୋଧନ ଓ ପୁସ୍ତକ ସମୀକ୍ଷା ଶ୍ରୀଯୁକ୍ତ ସୟଦ ତାହେର ଅହମଦ କଲିମ୍ ସାହେବ, ମୌଲବୀ ଅନୱର ଅହମଦ ଖାନ୍ ସାହେବ ଓ ଶ୍ରୀମତି ଆଲିୟା ମେହମୁଦ୍ ସାହେବାଃଙ୍କ ଦ୍ୱାରା ସମ୍ପାଦିତ ହୋଇଛି । ଯାହା ଓଡ଼ିଶାବାସୀ ଏବଂ ଓଡ଼ିଆ ଭାଷାଭାଷୀମାନଙ୍କ ନିମନ୍ତେ ପ୍ରକାଶିତ କରାଯାଇଛି । ଅଲ୍ଲାଃତାଲା ସେ ସମସ୍ତଙ୍କୁ ଏହାର ଉତ୍ତମ ପ୍ରତିଫଳ ପ୍ରଦାନ କରନ୍ତୁ । ଆମିନ୍ ।

ପାଠକମାନଙ୍କୁ ନିବେଦନ କି ସେମାନେ ଏହି ପୁସ୍ତକଟିକୁ ସ୍ୱୟଂ ଅଧ୍ୟୟନ କରନ୍ତୁ ଓ ନିଜର ସାଥୀମାନଙ୍କୁ ମଧ୍ୟ ପଢିବା ପାଇଁ ଅନୁପ୍ରାଣିତ କରନ୍ତୁ । ଯଦ୍ୱାରା ଉପରୋକ୍ତ ବିଷୟବସ୍ତୁର ଶୁଦ୍ଧ ଓ ବାସ୍ତବିକ ଜ୍ଞାନ ପ୍ରାପ୍ତ ହେଉ ।

ବିନୀତ

ହାଫିଜ୍ ମଖଦୁମ୍ ଶରିଫ୍

ନାଜିର ନଶ୍ରୋ ଓ ଇଶାଅତ୍

(ଅଧ୍ୟକ୍ଷ ପ୍ରସାରଣ ଓ ପ୍ରକାଶନ ବିଭାଗ)

ସଦର ଅଞ୍ଜୁମନ୍ ଅହେମଦିୟା, କାଦିୟାନ୍

*******

بِسۡمِ اللّٰہِ الرَّحۡمٰنِ الرَّحِیۡمِ
نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ

## ଲେକଚର୍ ଲୁଧିୟାନା ଯାହାକି ହଜୁର[ଅ.ସ] ୪ ନଭେମ୍ବର ୧୯୦୫ ମସିହାରେ ସହସ୍ରାଧିକ ବ୍ୟକ୍ତିମାନଙ୍କ ଉପସ୍ଥିତିରେ ଦେଇଥିଲେ ।

ପ୍ରଥମତଃ ମୁଁ ସର୍ବଶକ୍ତିମାନ୍ ଅଲ୍ଲାଃଙ୍କୁ ଧନ୍ୟବାଦ ଅର୍ପଣ କରୁଅଛି ଯେ କି ମୋତେ ପୁଣିଥରେ ଏହି ସହରରେ ପ୍ରଚାର କରିବା ନିମନ୍ତେ ଆସିବାର ଅବସର ପ୍ରଦାନ କରିଛନ୍ତି । ମୁଁ ଦୀର୍ଘ ୧୪ ବର୍ଷ ପରେ ଏହି ସହରକୁ ଆସିଛି ଏବଂ ମୁଁ ଏହି ସହରରୁ ଏପରି ସମୟରେ ଯେତେବେଳେ କି ମୋ ସାଙ୍ଗେ ଅଳ୍ପ କିଛି ଲୋକ ଥିଲେ ଏବଂ ମୋତେ ତକ୍‌ଫୀର୍, ତକ୍‌ଜୀବ୍ ଏବଂ ଦଜ୍ଜାଲ୍ କହିବାର ବଜାର ଗରମ ଥିଲା । ମୁଁ ଲୋକମାନଙ୍କ ଦୃଷ୍ଟିରେ ଏପରି ଏକ ମନୁଷ୍ୟ ଭଳି ଥିଲି ଯେ କି ଲାଞ୍ଛିତ ଏବଂ ଅପମାନିତ ଥିଲା । ସେହି ଲୋକମାନଙ୍କ ଖିଆଲ ଥିଲା ଯେ, ସ୍ୱଳ୍ପ ସମୟ ମଧ୍ୟରେ ଏହି ଜମାଅତ୍ ଅସ୍ୱୀକୃତ ହୋଇ ଛିନ୍ନ ଭିନ୍ନ ହୋଇଯିବ ଏବଂ ଏହି ସମ୍ପ୍ରଦାୟର ଚିହ୍ନବର୍ଣ୍ଣ ଲିଭିଯିବ । ସୁତରାଂ ଏଥି ସକାଶେ ବଡ଼ ବଡ଼ ଚେଷ୍ଟା ଏବଂ ଯୋଜନାମାନ କରାଯାଇଥିଲା ଏବଂ ଏକ ମସ୍ତବଡ଼ ଷଡ଼ଯନ୍ତ୍ର ମୋ ବିରୁଦ୍ଧରେ ଏହା କରାଯାଇଥିଲା ଯେ, ମୋ ପ୍ରତି ଏବଂ ମୋର ଜମାଅତ୍ ପ୍ରତି କୁଫର୍‌ର ଫତୁଓ୍ୱା (ବିଧର୍ମୀର ଧର୍ମାଦେଶ) ଜାରି କରାଗଲା ଏବଂ ଏହି ଫତୁଓ୍ୱାକୁ ସାରା ଭାରତବର୍ଷରେ ପ୍ରଚାର କରାଇ ଦିଆଗଲା । ମୁଁ ଦୁଃଖର ସହିତ ଏହା ପ୍ରକାଶ କରୁଅଛି ଯେ, ସର୍ବ ପ୍ରଥମେ ମୋ ଉପରେ କୁଫର୍ (ବିଧର୍ମୀ)ର ଫତୁଓ୍ୱା ଏହି ସହରର କେତେକ ମୌଲବୀମାନେ ଦେଇଥିଲେ । କିନ୍ତୁ ମୁଁ ଦେଖୁଅଛି ଏବଂ ଆପଣମାନେ ଦେଖୁଛନ୍ତି ଯେ, ସେହି ବିଧର୍ମୀ କହିଲାବାଲା ଆଜି ନାହାଁନ୍ତି ଏବଂ ସର୍ବ ଶକ୍ତିମାନ୍ ଅଲ୍ଲାଃ ମୋତେ ଏବେ ପର୍ଯ୍ୟନ୍ତ ଜିବୀତ ରଖିଛନ୍ତି ଏବଂ ମୋର ଜମାଅତ୍‌କୁ ସମୃଦ୍ଧ କରିଛନ୍ତି । ମୋ ମତରେ ସେହି କୁଫର୍‌ର ଫତୁଓ୍ୱା ଯାହା ଦ୍ୱିତୀୟ ଥର ମୋ ବିରୁଦ୍ଧରେ ଗଢ଼ାଗଲା ତାହା ଭାରତବର୍ଷର ସମସ୍ତ ବଡ଼ ସହରରେ ପ୍ରସାର କରାଗଲା ।

ହାରାହାରି ଦୁଇଶହ ମୌଲବୀ ଏବଂ ବିଶିଷ୍ଟ ବ୍ୟକ୍ତିମାନଙ୍କର ସାକ୍ଷ୍ୟ ଓ ମୋହର ଏହା ଉପରେ ଲଗାଗଲା । ଏଥିରେ ଏକଥା ସ୍ପଷ୍ଟ କରାଗଲା ଯେ, ଏହି ବ୍ୟକ୍ତି ଜଣେ ଅଧର୍ମୀ, କାଫିର୍, ପ୍ରତାରକ, ଲାଂଛନାକାରୀ ଏବଂ କାଫିର୍ ବରଂ ଅତି ମାତ୍ରାରେ କାଫିର୍ ଅଟେ । ସୁତରାଂ ଯାହାକିଛି ଯାହା ଦ୍ୱାରା ସମ୍ଭବ ହେଲା ସେ ମୋ ବିରୁଦ୍ଧରେ ତାହା କହିଲା, ଆଉ ସେହି ଲୋକମାନେ ନିଜ ବିଚାରରେ ଏହା ଭାବିନେଲେ ଯେ ବାସ୍ ! ଏହି ଅସ୍ତ୍ର ଏବେ ଏହି ସମ୍ପ୍ରଦାୟକୁ ସମାପ୍ତ କରିଦେବ । ବାସ୍ତବରେ ଯଦି ଏହି ସମ୍ପ୍ରଦାୟ ମାନବୀୟ ଯୋଜନା ଏବଂ ମନଗଢ଼ା କାର୍ଯ୍ୟ ହୋଇଥାନ୍ତା ତେବେ ଏହାକୁ ସମାପ୍ତ କରିଦେବା ନିମନ୍ତେ ଏହି ଫତୱା-ଅସ୍ତ୍ର ଅତ୍ୟନ୍ତ ଶକ୍ତିଶାଳୀ ଥିଲା କିନ୍ତୁ ଏହାର ସ୍ଥାପନା ଈଶ୍ୱର କରିଥିଲେ । ତେଣୁ ଏହା କିପରି ଭାବେ ବିରୋଧୀମାନଙ୍କ ବିରୋଧ ଏବଂ ଶତୃତା ଦ୍ୱାରା ମରି ଯାଇଥାନ୍ତା । ଯେଉଁ ପରିମାଣରେ ବିରୋଧ ତୀବ୍ର ହୋଇଚାଲିଲା ସେହି ପରିମାଣରେ ଏହି ସମ୍ପ୍ରଦାୟର ମହାନତା ଏବଂ ସମ୍ମାନ ଲୋକମାନଙ୍କ ହୃଦୟରେ ଦୃଢ଼ିଭୂତ ହେବାକୁ ଲାଗିଲା । ଆଜି ମୁଁ ଈଶ୍ୱରଙ୍କୁ ଅଶେଷ ଧନ୍ୟବାଦ ଅର୍ପଣ କରୁଅଛି ଯେ, ଏକଦା ଏପରି ଏକ ସମୟ ଥିଲା ଯେତେବେଳେ କି ମୁଁ ଏହି ସହରକୁ ଆସିଥିଲି ଏବଂ ଏଠାରୁ ଗଲାବେଳେ ମୋ ସହିତ କେବଳ ଅଳ୍ପକିଛି ଲୋକ ଥିଲେ ମୋର ସମ୍ପ୍ରଦାୟର ଜନସଂଖ୍ୟା ଖୁବ୍‌ସ୍ୱଳ୍ପ ଥିଲା ଏବଂ ଅଧୁନା ଏପରି ଏକ ସମୟ ଆସିଅଛି ଯେତେବେଳେ କି ଏକ ବିରାଟ ଜନସଂଖ୍ୟା ମୋ ସହିତ ଅଛି ଏବଂ ଏ ସମ୍ପ୍ରଦାୟର ଜନସଂଖ୍ୟା ତିନି ଲକ୍ଷ୍ୟ ପର୍ଯ୍ୟନ୍ତ ପହଞ୍ଚି ଯାଇଅଛି ଏବଂ ପ୍ରତିଦିନ ଏହା ବଢ଼ିଚାଲିଛି । ନିଶ୍ଚିତ ରୂପେ ଏହା ବହୁ କୋଟିକୁ ପହଞ୍ଚିବ ।

ଅତଏବ ଏହି ବିରାଟ ବିରାଟ ପରିବର୍ତ୍ତନକୁ ଦେଖ ! କ'ଣ ଏହା ମନୁଷ୍ୟକୃତ ହୋଇପାରେ ? ସଂସାରର ଲୋକମାନେ ତ ଚାହିଁଥିଲେ ଯେ, ଏହି ସମ୍ପ୍ରଦାୟର ଚିହ୍ନବର୍ଣ୍ଣ ବିଲୁପ୍ତ କରିଦେବେ ଏବଂ ଯଦି ଏହା ସେମାନଙ୍କର ଅକ୍ତିଆରରେ ଥାଆନ୍ତା ତେବେ ସେମାନେ ଏହାକୁ କେବେଠାରୁ ଲୋପ କରିସାରିଥାନ୍ତେ । କିନ୍ତୁ ଏହା ଈଶ୍ୱରଙ୍କର କାର୍ଯ୍ୟ । ସେ ଯେଉଁ କାର୍ଯ୍ୟ କରିବାର ଇଚ୍ଛା କରିଥାନ୍ତି ସଂସାର ତାହାକୁ ଅଟକାଇପାରେ ନାହିଁ ଏବଂ ଯେଉଁ କଥାକୁ

ସଂସାର କରିବାକୁ ଚାହିଁଥାଏ ଅଥଚ ଈଶ୍ୱର ତାହାକୁ ଚାହିଁନଥାନ୍ତି ସେଗୁଡ଼ିକ କେବେ ବି ହୋଇପାରେ ନାହିଁ । ଧ୍ୟାନଦିଅ ! ମୋ ବିଷୟରେ ସମଗ୍ର ଜ୍ଞାନୀଜନ ଏବଂ ପୀର ସନ୍ତାନଗଣ ଏବଂ ଗାଦୀଧାରକମାନେ ବିରୋଧୀ ହୋଇଥିଲେ ଏବଂ ଅନ୍ୟ ଧର୍ମର ଲୋକମାନଙ୍କୁ ମଧ୍ୟ ମୋର ବିରୋଧ ପାଇଁ ନିଜ ସହିତ ସାମିଲ୍ କଲେ ପୁନଶ୍ଚ ମୋ ବିରୁଦ୍ଧରେ ସମସ୍ତ ପ୍ରକାରର ଚେଷ୍ଟା କଲେ ଏବଂ ମୁସଲମାନଙ୍କ ନଜରରେ ମୋତେ ବଦନାମ କରିବା ପାଇଁ ମୋ ଉପରେ କୁଫର୍‌ର ଫତୁଓ୍ୱା ଲଗାଇଲେ ଏବଂ ପୁଣି ଯେତେବେଳେ ଏହି କାର୍ଯ୍ୟରେ ମଧ୍ୟ ସଫଳତା ମିଳିଲା ନାହିଁ ସେତେବେଳେ ମକଦ୍ଦମାମାନ ଆରମ୍ଭ କଲେ । ହତ୍ୟାର ମକଦ୍ଦମାରେ ମୋତେ ଫାଶରେ ପକାଇଲେ ଏବଂ ସମସ୍ତ ପ୍ରକାରର ଚେଷ୍ଟ କଲେ ଯେ, ମୁଁ କିପରି ଦଣ୍ଡ ପାଏ । ଏପରିକି ଗୋଟିଏ ପାଦ୍ରୀକୁ ହତ୍ୟା କରିବାର ଆରୋପ ମୋ ଉପରେ ଲଗାଗଲା । ଏହି ମକଦ୍ଦମାରେ ମୌଲବୀ ମୁହମ୍ମଦ ହୁସୈନ୍ ମଧ୍ୟ ମୋ ବିପକ୍ଷରେ ବଡ଼ ପ୍ରୟାସ କରିଥିଲା ଏବଂ ସାକ୍ଷ୍ୟ ଦେବା ନିମନ୍ତେ ନିଜେ ଗଲା । ସେ ଚାହୁଁଥିଲା ଯେ, ମୁଁ ଫାଶରେ ପଡ଼ିଯାଏ ଏବଂ ମୋତେ ଦଣ୍ଡ ମିଳୁ । ମୌଲବୀ ମୁହମ୍ମଦ ହୁସୈନ୍‌ର ଏହି ଚେଷ୍ଟା ସ୍ପଷ୍ଟ କରୁଥିଲା ଯେ, ସେ ତର୍କ ଓ ପ୍ରମାଣ ଦେବାରେ ଅସମର୍ଥ । କାରଣ ଏହା ନିୟମର କଥା ଯେ, ଯେତେବେଳେ ବିରୋଧୀ ପ୍ରମାଣ ଦେବାରେ ଅସମର୍ଥ ହୋଇଯାଏ ଏବଂ ତର୍କ ଦ୍ୱାରା ପରାସ୍ତ କରିପାରେ ନାହିଁ, ସେତେବେଳେ ସେ ହତ୍ୟାର ଯୋଜନାମାନ କରିଥାଏ ଏବଂ ଦେଶରୁ ବିତାଡ଼ିତ କରିଦେବାକୁ ବିଚାର କରିଥାଏ । ତା ବିରୁଦ୍ଧରେ ଭିନ୍ନ ପ୍ରକାରର ଯୋଜନାମାନ ଏବଂ ଷଡ଼ଯନ୍ତ୍ରମାନ କରେ । ଯେପରିକି ଯେତେବେଳେ ହଜରତ ମୁହମ୍ମଦ ସ.ଅଙ୍କ ବିପକ୍ଷରେ ମକ୍କାର ଅମାନ୍ୟକାରୀମାନେ ଅସମର୍ଥ ହୋଇଗଲେ ଏବଂ ସମସ୍ତ ଦିଗରୁ ଅଚଳ ହୋଇଗଲେ ସେତେବେଳେ ପରିଶେଷରେ ସେମାନେ ମଧ୍ୟ ଏହି ପ୍ରକାରର ପନ୍ଥାମାନ ପାଞ୍ଚିଲେ ଯେ, କିପରି ତାଙ୍କୁ ହତ୍ୟା କରିଦେବେ ଅଥବା ବନ୍ଦୀ କରିଦେବେ ଅଥବା ଦେଶରୁ ବିତାଡ଼ିତ କରିଦେବେ । ହଜରତ ମୁହମ୍ମଦ ସ.ଅଙ୍କ ଅନୁଗାମୀମାନଙ୍କୁ ଅତି ନିର୍ଯ୍ୟାତନା ଦେଲେ କିନ୍ତୁ ପରିଶେଷରେ ସେମାନେ ସମସ୍ତେ ନିଜ ସଂକଳ୍ପ ଏବଂ ଯୋଜନାମାନରେ ପରାସ୍ତ ଓ ବିଫଳ ହେଲେ ।

ଏବେ ସେହି ମାର୍ଗ (ସୁନ୍ନତ) ଏବଂ ପନ୍ଥା ମୋ ସହିତ ଅନୁସରଣ କରାଯାଉଅଛି ମାତ୍ର ଏ ସଂସାର ତା'ର ସୃଷ୍ଟିକର୍ତ୍ତା ଓ ପାଳନକର୍ତ୍ତାଙ୍କ ବ୍ୟତୀରେକେ କୌଣସି ଅସ୍ତିତ୍ୱ ରଖେ ନାହିଁ । ସେ ହିଁ ଅସତ୍ୟ ଓ ସତ୍ୟ ମଧ୍ୟରେ ପ୍ରଭେଦ କରିଥାନ୍ତି ଏବଂ ପରିଶେଷରେ ସତ୍ୟବାଦୀର ପକ୍ଷ ନେଇ ତାହାକୁ ବିଜୟ କରି ଦେଖାଇଦିଏ । ବର୍ତ୍ତମାନ ସମୟରେ ଯେବେ କି ଈଶ୍ୱର ପୁନର୍ବାର ନିଜ ଶକ୍ତିର ନମୁନା ଦେଖାଉଛନ୍ତି, ମୁଁ ତାଙ୍କ ସମର୍ଥନର ଏକ ଜୀବନ୍ତ ଚିହ୍ନ । ସମ୍ପ୍ରତି ତୁମ୍ଭେମାନେ ସମସ୍ତେ ଦେଖୁଅଛ ଯେ, ମୁଁ ସେ ବ୍ୟକ୍ତି ଯାହାକୁ ଲୋକମାନେ ପ୍ରତ୍ୟାଖ୍ୟାନ କରିଥିଲେ । ଆଉ ଏବେ ମୁଁ ଏକ ସ୍ୱୀକୃତ ବ୍ୟକ୍ତି ହୋଇ (ସମ୍ମୁଖରେ) ଦଣ୍ଡାୟମାନ ରହିଛି । ତୁମ୍ଭେ ଅନୁମାନ କର, ଆଜିଠାରୁ ଚଉଦ ବର୍ଷ ପୂର୍ବେ ସେ ସମୟରେ ଯେତେବେଳେ ମୁଁ ଏଠାକୁ ଆସିଥିଲି ସେତେବେଳେ କିଏ ଚାହୁଁଥିଲା... ଯେ ଜଣେ ବି ମୋର ସାଥି ହୋଇଯାଉ । ସମସ୍ତ ଜ୍ଞାନୀଜନ, ଧାର୍ମିକ ବ୍ୟକ୍ତି ସମୂହ ତଥା ସମ୍ମାନନୀୟ ଲୋକେ ଏହା ଚାହୁଁଥିଲେ ଯେ, ମୁଁ ମରିଯାଏ ଏବଂ ଏହି ସମ୍ପ୍ରଦାୟର ନାମ ଓ ଚିହ୍ନ ଲୋପ ପାଇଯାଉ । ସେମାନେ କଦାପୀ ଏହା ଚାହୁଁ ନଥିଲେ ଯେ, ଆମ୍ଭର ଉନ୍ନତି ଘଟୁ କିନ୍ତୁ ସେହି ଅଲ୍ଲାଃ ଯେ କି ସଦାସର୍ବଦା ନିଜ ଭକ୍ତଗଣଙ୍କର ସମର୍ଥନ କରିଥାନ୍ତ ଏବଂ ଯେ କି ସତ୍ୟବାନମାନଙ୍କୁ ବିଜୟ ମଣ୍ଡିତ କରି ଦେଖାଇ ଥାଆନ୍ତି, ସେ (ଅଲ୍ଲାଃ) ମୋର ସମର୍ଥନ କରିଅଛନ୍ତି ତଥା ମୋ ବିରୋଧୀମାନଙ୍କ ବିରୁଦ୍ଧରେ, ସେମାନଙ୍କର ଆଶା ଏବଂ ଯୋଜନାମାନର ବିପରୀତ ମୋତେ ଏପରି ସ୍ୱୀକୃତି ପ୍ରଦାନ କରିଛନ୍ତି ଯେ, ଗୋଟିଏ ବିଶାଳ ଜନସମୁଦ୍ରକୁ ମୋ ଆଡ଼କୁ ଆକର୍ଷିତ କରାଇଛନ୍ତି । ଯେଉଁମାନେ କି ସମସ୍ତ ବିରୋଧ ଏବଂ ଦୁସ୍ତର ଆବରଣ ତଥା ପ୍ରତିବନ୍ଧକମାନ ଛିନ୍ନ କରି ମୋ ଆଡ଼କୁ ଆସିଛନ୍ତି ଓ ଆସୁ ଅଛନ୍ତି ।

ଏବେ ଧ୍ୟାନପୂର୍ବକ ଲକ୍ଷ୍ୟ କରିବାର କଥା ଏହିକି ଯେ, କ'ଣ ମାନବୀୟ ଉପାୟ ଓ ଯୋଜନାମାନ ଦ୍ୱାରା ଏହି ସଫଳତା ହାସଲ ହୋଇପାରିବ ? ଅର୍ଥାତ୍ କ'ଣ ଏହା ସମ୍ଭବ ଯେ, ଦୁନିଆର ପ୍ରଭାବଶାଳୀ ବ୍ୟକ୍ତିଗଣ ଜଣେ ବ୍ୟକ୍ତିର ବିନାଶ ପାଇଁ ଚିନ୍ତିତ ଥିବେ ଏବଂ ତା' ବିରୁଦ୍ଧରେ ସମସ୍ତ ପ୍ରକାରର ଯୋଜନା ପ୍ରସ୍ତୁତ କରାଯାଉଥିବ ଏବଂ ତା' ସକାଶେ ବିପଦଜନକ ଅଗ୍ନିମାନ

ପ୍ରଜ୍ୱଳିତ କରାଯାଉଥିବ କିନ୍ତୁ ସେ ସମସ୍ତ ବିପତ୍ତିଗୁଡ଼ିକରୁ ପରିଷ୍କାର ଭାବେ ମୁକୁଳିଯିବ ? କଦାପି ନୁହେଁ ! ଏହା ଅଲ୍ଲାଙ୍କ କାର୍ଯ୍ୟ, ଯାହାକୁ ସେ ଆଦ୍ୟକାଳରୁ ଦେଖାଇ ଆସିଛନ୍ତି । ପୁନଶ୍ଚ ଏ ସମ୍ପର୍କରେ ଏକ ଦୃଢ଼ ଦଲିଲ୍ ଏହିକି ଯେ, ଆଜିଠାରୁ ପଚିଶି ବର୍ଷ ପୂର୍ବେ ଯେତେବେଳେ କେହି ବି ମୋତେ ଚିହ୍ନି (ପରିଚିତ) ନଥିଲେ ଅଥବା କେହି ଜଣେ (ବ୍ୟକ୍ତି) ମଧ୍ୟ ମୋତେ ଭେଟିବା ପାଇଁ କାଦିୟାନ୍ ଆସୁ ନଥିଲେ, ଅଥବା ଚିଠିପତ୍ର ମାଧ୍ୟମରେ ମୋ ସହିତ ସମ୍ପର୍କ ରଖୁ ନଥିଲେ ସେହି ଅଜ୍ଞାତବାସ ସମୟରେ, ସେହି ଦୟନୀୟ ଅବସ୍ଥାରେ ସର୍ବଶକ୍ତିମାନ ଅଲ୍ଲାଃ ମୋତେ ସମ୍ବୋଧନ କରି କହିଲେ:

يأتون من كلّ فجٍ عميق۔ يأتيك من كلّ فجٍّ عميق۔ لا تصعّر لخلق اللّٰہ ولا تسئم من النّاس۔ ربّ لا تذرنی فردًا و انت خیر الوارثین۔

ଏହା ସେହି ଶକ୍ତିଶାଳୀ ଭବିଷ୍ୟବାଣୀ ଯାହା ସେ ସମୟରେ କରାଯାଇଥିଲା ଏବଂ ମୁଦ୍ରିତ ହୋଇ ପ୍ରକାଶିତ ହୋଇଥିଲା । ସବୁ ସମ୍ପ୍ରଦାୟର ଓ ସବୁ ଗୋଷ୍ଠୀର ଲୋକେ ଏହାକୁ ପଢ଼ିଥିଲେ । ଏପରି ଅବସ୍ଥାରେ ଏବଂ ଏପରି ସମୟରେ ଯେତେବେଳେ କି ମୁଁ ଅଖ୍ୟାତିର ଏକ କୋଣରେ ପଡ଼ି ରହିଥିଲି, କେହି ବି ମୋତେ ଜାଣି ନଥିଲେ । ସର୍ବଶକ୍ତିମାନ ଅଲ୍ଲାଃ କହିଲେ; ତୋ ପାଖକୁ ଦୂରଦୂରାନ୍ତ ଦେଶରୁ ଲୋକେ ଆସିବେ ଏବଂ ବହୁସଂଖ୍ୟାରେ ଆସିବେ ଏବଂ ସେମାନଙ୍କ ସକାଶେ ଅତିଥି ସତ୍କାରର ସମସ୍ତ ପ୍ରକାରର ସାମଗ୍ରୀ ଓ ଉପସାଧନମାନ ମଧ୍ୟ ଆସିବ । ଯେହେତୁ ଜଣେ ବ୍ୟକ୍ତି ଏକୁଟିଆ ସହସ୍ରାଧିକ ଲୋକମାନଙ୍କର ଅତିଥି ସତ୍କାରର ସମସ୍ତ ସୁବ୍ୟବସ୍ଥା କରିପାରି ନଥାଏ ଏବଂ ନା ସେସମସ୍ତ ପ୍ରକାର ଖର୍ଚ୍ଚ ବହନ କରିବା (ତା'ପକ୍ଷେ) ସମ୍ଭବପର । ସେଥିପାଇଁ ସେ ସ୍ୱୟଂ କହିଲେ:- يأتيك من كلّ فجٍّ عميق

ସେମାନଙ୍କର ସାମଗ୍ରୀ ମଧ୍ୟ ସେମାନଙ୍କ ସଙ୍ଗେ ଆସିବ । ପୁନଶ୍ଚ ମନୁଷ୍ୟ ଅତ୍ୟାଧିକ ଜନସମାଗମ ଯୋଗୁଁ ବିଚଳିତ ହୋଇଯାଏ ଏବଂ ସେମାନଙ୍କ ସହିତ ଦୁର୍ବ୍ୟବହାର କରି ବସେ । ତେଣୁ ସେଥିପ୍ରତି ବାରଣ କରାଗଲା ଯେ, ସେମାନଙ୍କ ସହ ଦୁର୍ବ୍ୟବହାର କର ନାହିଁ, ଅଧିକନ୍ତୁ ଏହା ମଧ୍ୟ କୁହାଗଲା କି ଲୋକମାନଙ୍କର ଅତ୍ୟାଧିକତାକୁ ଦେଖି ଥକି ଯାଅନାହିଁ । ଏବେ ଆପଣମାନେ ଧ୍ୟାନ ଦିଅନ୍ତୁ ଯେ କ'ଣ ଏହି କାର୍ଯ୍ୟ ମାନବୀୟ ଶକ୍ତିରେ ରହିଛି ଯେ, ପଚିଶ

(୨୫)/ ତିରିଶ (୩୦) ବର୍ଷ ପୂର୍ବେ ଗୋଟିଏ ଘଟଣାର ସମ୍ବାଦ ଦିଆଯିବ । ତାହା ପୁଣି ତାହାରି ସମ୍ବନ୍ଧରେ ଏବଂ ପୁଣି ସେହିପରି ଭାବରେ ଘଟଣାଟି ମଧ୍ୟ ଘଟିଯିବ ? ମାନବୀୟ ଅସ୍ତିତ୍ୱ ଏବଂ ଜୀବନର ତ ଗୋଟିଏ ମୁହୂର୍ତ୍ତ ମଧ୍ୟ ନିଶ୍ଚିତତା ନାହିଁ ଏବଂ କହିପାରିବା ନାହିଁ ଯେ, ପରବର୍ତ୍ତୀ ନିଃଶ୍ୱାସ ସମ୍ଭବ ହେବ କି ନାହିଁ, ସେତେବେଳେ ପୁଣି ଏପରି ସମ୍ବାଦ ଦେବା ଏହା କିପରି ଭାବେ ତା'ର ଶକ୍ତି ଓ ଚିନ୍ତାରେ ଆସିପାରିବ ? ମୁଁ ସତ୍ୟ କହୁଅଛି ଯେ, ଏହା ସେହି ସମୟର କଥା ଯେତେବେଳେ କି ମୁଁ ବିଲ୍‌କୁଲ୍ ଏକୁଟିଆ ଥିଲି ଏବଂ ଲୋକମାନଙ୍କୁ ଭେଟ କରିବାକୁ ମୁଁ ଘୃଣା କରୁଥିଲି ଏବଂ ଯେହେତୁ ଏପରି ଏକ ସମୟ ଆସିବାର ଥିଲା ଯେତେବେଳେ କି ଲକ୍ଷାଧିକ ଲୋକେ ମୋ ଆଡ଼କୁ ଆକୃଷ୍ଟ ହେବେ । ସେଥିପାଇଁ ଏହି ଉପଦେଶର ଆବଶ୍ୟକତା ପଡ଼ିଲା ଯେ, لا تصعّر لخلق اللہ ولا تسئم من النّاس ଏବଂ ପୁନଶ୍ଚ ସେହି ଦିନମାନଙ୍କରେ ଏହା ମଧ୍ୟ କହିଲେ;

انت منّی بمنزلۃ توحیدی۔ فحان ان تعان و تعرف بین الناس

ଅର୍ଥାତ୍ ସେହି ସମୟମାନ ଆସୁଅଛି ଯହିଁରେ ତୋର ସାହାଯ୍ୟ କରାଯିବ ଏବଂ ତୁମେ ଲୋକମାନଙ୍କ ମଧ୍ୟରେ ସୁବିଦିତ ହେବ । ଏହିପରି ରୂପେ ପାର୍ଶୀ, ଆରବୀ ଏବଂ ଇଂରାଜୀରେ ମଧ୍ୟ ବହୁଳ ଭାବେ ଏପରି ଐଶ୍ୱରିକ ବାଣୀଗୁଡ଼ିକ ରହିଛି, ଯାହା କି ଏହି ବିଷୟକୁ ପରିପ୍ରକାଶ କରୁଅଛି । ଏବେ ଚିନ୍ତା କରିବାର କଥା ସେମାନଙ୍କ ପାଇଁ ଯେଉଁମାନେ କି ସର୍ବଶକ୍ତିମାନ ଅଲ୍ଲାଃଙ୍କୁ ଭୟ କରନ୍ତି ଯେ, ଏତେ ଦୀର୍ଘ ସମୟ ପୂର୍ବରୁ ଗୋଟିଏ ଭବିଷ୍ୟତ ବାଣୀ କରାଗଲା ଏବଂ ତାହା ପୁସ୍ତକରେ ମୁଦ୍ରିତ ହୋଇ ପ୍ରକାଶିତ ହେଲା । ବରାହୀନେ ଅହମଦିୟା ଏପରି ଏକ ପୁସ୍ତକ ଯାହାକୁ ମିତ୍ର ଶତ୍ରୁ ସମସ୍ତେ ପଢ଼ିଛନ୍ତି । ସରକାରଙ୍କୁ ମଧ୍ୟ ଏହାର ପ୍ରତିଲିପି ପଠା ଯାଇଅଛି । ଖ୍ରୀଷ୍ଟିୟାନ ଏବଂ ହିନ୍ଦୁମାନେ ଏହାକୁ ପଢ଼ିଛନ୍ତି । ଏହି ସମୟରେ ମଧ୍ୟ ଅନେକଙ୍କ ପାଖରେ ଏହି ପୁସ୍ତକ ଥିବ । ସେମାନେ ଦେଖନ୍ତୁ ଯେ, ଏଥିରେ ଏ କଥା ଲିପିବଦ୍ଧ ଅଛି ନା ନାହିଁ ? ପୁଣି ସେହି ମୌଲବୀ (ଯେଉଁମାନେ କେବଳ ଈର୍ଷାପରାୟଣତା ହେତୁ ମୋତେ ପ୍ରବଞ୍ଚକ ଏବଂ ମିଥ୍ୟାବାଦୀ କହୁଛନ୍ତି

ତଥା କହୁଛନ୍ତି ଯେ, କୌଣସି ଭବିଷ୍ୟବାଣୀ ପୂରଣ ହୋଇ ନାହିଁ) ଲଜ୍ଜା କରନ୍ତୁ ଏବଂ କୁହନ୍ତୁ; ଯଦି ଏହା ଭବିଷ୍ୟବାଣୀ ନୁହେଁ ତେବେ ପୁଣି ଆଉ କାହାକୁ ଭବିଷ୍ୟତ ବାଣୀ କୁହାଯାଏ ? ଏହା ସେହି ପୁସ୍ତକ ଯାହାର ସମୀକ୍ଷା ମୌଲବୀ ଅବୁ ସଇଦ୍ ମୁହମ୍ମଦ ହୁସୈନ୍ ବଟାଲୱୀ କରିଛନ୍ତି । ଯେହେତୁ ସେ ମୋର ସହପାଠୀ ଥିଲେ ସେଥିପାଇଁ ବାରମ୍ବାର କାଦିୟାନ୍ ଆସୁଥିଲେ । ସେ ଭଲ ଭାବରେ ଜାଣିଛନ୍ତି ଏବଂ ଏହିପରି କାଦିୟାନ୍-ବଟାଲା-ଅମୃତସର ଏବଂ ଆଖପାଖର ଲୋକମାନଙ୍କୁ ଭଲଭାବରେ ଜଣାଅଛି ଯେ, ସେହି ସମୟରେ ମୁଁ ସମ୍ପୂର୍ଣ୍ଣ ରୂପେ ଏକା ଥିଲି ଏବଂ କେହି ମୋତେ ଜାଣି ନଥିଲେ ଏବଂ ସେ ବେଳର ଅବସ୍ଥାକୁ ଲକ୍ଷ୍ୟ କଲେ ଚିନ୍ତା ପରିସରରେ ମଧ୍ୟ ଏହା ଦୂରବର୍ତ୍ତୀ ପ୍ରତୀତ ହେଉଥିଲା ଯେ, ମୋ ଭଳି ଏକ ଅଜଣା ବ୍ୟକ୍ତି ପ୍ରତି ଏପରି ଏକ ସମୟ ଆସିବ ଯେ ଲକ୍ଷାଧିକ ଲୋକେ ମୋ ସହିତ (ସମ୍ମିଳିତ) ହୋଇଯିବେ । ମୁଁ ସତ କହୁଅଛି ଯେ, ମୁଁ ସେହି ସମୟରେ କିଛି ବି ନଥିଲି । ଏକାକି ଓ ଅସହାୟ ଥିଲି । ଈଶ୍ୱର ସ୍ୱୟଂ ସେ ସମୟରେ ମୋତେ ଏହି ପ୍ରାର୍ଥନା ଶିଖାଇଲେ- ربّ لا تذرنی فردًا وانت خیر الوارثین

ଏହି ପ୍ରାର୍ଥନା ସେ ଶିଖାଇଲେ ଯେ, ସେ ଈଶ୍ୱର ସେମାନଙ୍କୁ ପ୍ରେମ କରନ୍ତି ଯେଉଁମାନେ ପ୍ରାର୍ଥନା କରନ୍ତି କାରଣ ପ୍ରାର୍ଥନା ହିଁ ଉପାସନା । ସେ (ଈଶ୍ୱର) କହି ଅଛନ୍ତି; اُدْعُوْنِیْٓ اَسْتَجِبْ لَکُمْ (ସୁରେ ମୁମିନ୍ 40:61)

ପ୍ରାର୍ଥନା କର, ମୁଁ ସ୍ୱୀକାର କରିବି ଏବଂ ହଜରତ ମୁହମ୍ମଦ[ସ.ଅ] କହିଛନ୍ତି; ଉପାସନାର ସାର ଓ ମୂଳତତ୍ତ୍ୱ ପ୍ରାର୍ଥନା ହିଁ ଅଟେ । ଏଥିରେ ଏହା ରହିଛି ଯେ, ପରମେଶ୍ୱର ପ୍ରାର୍ଥନା ମାଧ୍ୟମରେ ଏକଥା ଶିଖାଇବାକୁ ଚାହୁଁଛନ୍ତି କି ତୁମେ ବର୍ତ୍ତମାନ ଏକା ଅଛ କିନ୍ତୁ ଏପରି ଏକ ସମୟ ଆସିବ ଯେତେବେଳେ ତୁମେ ଏକା ରହିବ ନାହିଁ । ଏବଂ ମୁଁ ସଜୋରେ ଘୋଷଣା କରି କହୁଅଛି ଯେ, ଯେପରି ଏହି ଦିନଟି ଉଜ୍ଜଳ ସେହିପରି ଏହି ଭବିଷ୍ୟବାଣୀଟି ମଧ୍ୟ ଉଜ୍ଜଳ । ଏକଥା ସତ୍ୟ ଯେ ମୁଁ ସେ ସମୟରେ ଏକା ଥିଲି । **କିଏ ଛିଡ଼ା ହୋଇ କହିପାରିବ ଯେ, ତୋ ସହିତ ଏକ ଜମାଅତ (ଦଳ) ଥିଲା ।** କିନ୍ତୁ ଏବେ ଦେଖ

ସର୍ବଶକ୍ତିମାନ ଅଲ୍ଲାଃଙ୍କ ସେହି ପ୍ରତିଶୃତି ଓ ସେହି ଭବିଷ୍ୟତ ବାଣୀ ଅନୁଯାୟୀ ଯାହାର ସେ ଗୋଟିଏ ଯୁଗ ପୂର୍ବରୁ ସୂଚନା ଦେଇଥିଲେ । ଗୋଟିଏ ବିରାଟ ସଂଖ୍ୟାଗରିଷ୍ଠ ଦଳ ମୋ ସହିତ କରିଦେଲେ ।

(ଅଲ୍‌ହକମ୍ ୧୦ ସେପ୍ଟେମ୍ବର ୧୯୦୬, ପୃଷ୍ଠା-୮,୯)

ଏପରି ଅବସ୍ଥାରେ ଓ ଏପରି ରୂପରେ ଏହି ମହାନ ଭବିଷ୍ୟତ ବାଣୀକୁ କିଏ ମିଥ୍ୟା ସିଦ୍ଧ କରିପାରିବ ? ପୁଣି ଯେତେବେଳେ କି ଏହି ପୁସ୍ତକରେ ଏହି ଭବିଷ୍ୟତ ବାଣୀଟି ମଧ୍ୟ ରହିଛି ଯେ, ଲୋକମାନେ ମାରାତ୍ମକ ରୂପେ ବିରୋଧ କରିବେ ଏବଂ ଏହି ସମ୍ପ୍ରଦାୟକୁ ଅଟକାଇବା ପାଇଁ ସମସ୍ତ ପ୍ରକାରର ଚେଷ୍ଟା କରିବେ କିନ୍ତୁ ମୁଁ (ଅଲ୍ଲାଃ) ସେ ସମସ୍ତଙ୍କୁ ବିଫଳ କରିଦେବି ।

ପୁଣି ବରାହୀନେ ଅହେମଦିୟାରେ ଏହା ଭବିଷ୍ୟତ ବାଣୀ କରାଯାଇଥିଲା, ଯେତେବେଳ ପର୍ଯ୍ୟନ୍ତ ପବିତ୍ର ଏବଂ ଅପବିତ୍ର ମଧ୍ୟରେ ପାର୍ଥକ୍ୟ ସାବ୍ୟସ୍ତ କରି ନ ନିଏ ସେତେବେଳେ ପର୍ଯ୍ୟନ୍ତ ଛାଡ଼ିବ ନାହିଁ । ମୁଁ ଏହି ଘଟଣାଗୁଡ଼ିକୁ ବର୍ଣ୍ଣନା କରି ସେହି ଲୋକମାନଙ୍କୁ ସମ୍ବୋଧନ କରୁ ନାହୁଁ । ଯେଉଁମାନଙ୍କ ହୃଦୟରେ ଈଶ୍ୱରଙ୍କର ଭୟ ନାହିଁ ଏବଂ ଯେଉଁମାନେ କେବଳ ଏହା ହିଁ ଭାବୁଛନ୍ତି ଯେ, ଆମମାନଙ୍କର ମୃତ୍ୟୁ ହେବ ହିଁ ନାହିଁ । ସେମାନେ ପରମେଶ୍ୱରଙ୍କ ବାଣୀର ବିକୃତୀକରଣ କରୁଛନ୍ତି ବରଂ ମୁଁ ସେହି ଲୋକମାନଙ୍କୁ ସମ୍ବୋଧନ କରୁଅଛି, ଯେଉଁମାନେ ସର୍ବଶକ୍ତିମାନ ଅଲ୍ଲାଃଙ୍କୁ ଭୟ କରୁଛନ୍ତି ଏବଂ ବିଶ୍ୱାସ ରଖୁଛନ୍ତି ଯେ, ଦିନେ ମରିବାକୁ ହେବ ଏବଂ ମୃତ୍ୟୁର ଦ୍ୱାର ନିକଟତର ହୋଇଚାଲିଛି । ଏହା ଏଥିଯୋଗୁଁ ଯେ ଈଶ୍ୱରଙ୍କୁ ଯେ ଭୟ କରେ ସେ ଏପରି ଉଦ୍ଧତ ହୋଇପାରିବ ନାହିଁ । ସେମାନେ ଧ୍ୟାନ ଦିଅନ୍ତି ଯେ କ'ଣ ୨୫ବର୍ଷ ପୂର୍ବେ ଏପରି ଭବିଷ୍ୟତ ବାଣୀ କରିବା ମାନବିକ ଶକ୍ତି ଦ୍ୱାରା ଓ ଅନୁମାନ ଲଗାଇ କରାଯାଇ ପାରିବ ? ପୁଣି ଏପରି ଅବସ୍ଥାରେ କି କେହି ତାକୁ ଜାଣି ମଧ୍ୟ ନଥିଲେ ଏବଂ ଏଥି ସହିତ ଏହି ଭବିଷ୍ୟତ ବାଣୀ ମଧ୍ୟ ହୋଇଥିବ ଯେ, ଲୋକମାନେ ତା'ର ବିରୋଧ କରିବେ ଏବଂ ସେମାନେ ବିଫଳ ହିଁ ହେବେ । ବିରୋଧୀମାନଙ୍କର ବିଫଳ ହେବା ଏବଂ ନିଜେ ସଫଳ ହେବାର ଭବିଷ୍ୟତ ବାଣୀ କରିବା ଗୋଟିଏ

ଅସାଧାରଣ କାର୍ଯ୍ୟ ଅଟେ । ଯଦି ଏହାକୁ ମାନିନେବାରେ କୌଣସି ସନ୍ଦେହ ଥାଏ **ତେବେ ଉଦାହରଣ ଉପସ୍ଥାପନ କର ।**

ମୁଁ ଦାବି କରି କହୁଅଛି ଯେ, ହଜରତ ଆଦମ୍ [ଅ.ସ]ଙ୍କ ଠାରୁ ଆରମ୍ଭ କରି ଏପର୍ଯ୍ୟନ୍ତ କୌଣସି ମିଥ୍ୟାବାଦୀର ଉଦାହରଣ ଦିଅ ଯେ କି ୨୫ ବର୍ଷ ପୂର୍ବରୁ ସ୍ୱୟଂ ଅଜ୍ଞାତ ଥିବା ସମୟରେ ଏପରି ଭବିଷ୍ୟତ ବାଣୀମାନ କରିଅଛି ଏବଂ ତାହା ଏପରି ଦିବାଲୋକ ସଦୃଶ ପୂରଣ ହୋଇଯାଇଛି । ଯଦି କୌଣସି ବ୍ୟକ୍ତି ଏପରି ଉଦାହରଣ ଆଣି ଦେଖାଇଦିଏ ତେବେ ଭଲଭାବେ ମନେରଖ ଯେ, ଏହି ସମସ୍ତ ଶୃଙ୍ଖଳା ଓ କାର୍ଯ୍ୟକ୍ରମ ମିଥ୍ୟା ସାବ୍ୟସ୍ତ ହୋଇଯିବ । କିନ୍ତୁ ସର୍ବଶକ୍ତିମାନ ଅଲ୍ଲାଃଙ୍କ କାରବାରକୁ କିଏ ମିଥ୍ୟା (ବାତିଲ୍) ସାବ୍ୟସ୍ତ କରି ଦେଇପାରିବ ? ଏଭଳି ଭାବେ ମିଥ୍ୟାଚ୍ଚର କରିବା ଏବଂ ଅକାରଣେ ପୂର୍ଣ୍ଣ ଅସ୍ୱୀକାର କରିବା ତଥା ଥଟ୍ଟା ପରିହାସ କରିବା, ଏସବୁ ହରାମ୍‌ଜାଦାର କାମ, କୌଣସି ଭଦ୍ର ବ୍ୟକ୍ତି ଏପରି ଦୁଃସାହସ କରିପାରିବ ନାହିଁ । ମୁଁ ନିଜର ସତ୍ୟତାକୁ ଏହା ଉପରେ ନ୍ୟସ୍ତ କରୁଛି ଯେ, ଯଦି ତୁମ୍ଭମାନଙ୍କ ମଧ୍ୟରେ କେହି ସତ୍ୟ ହୃଦୟ ରଖିଥାଏ ତେବେ ଭଲ ଭାବରେ ମନେରଖ ! ଏହି ଭବିଷ୍ୟତ ବାଣୀ କେବେ ବି ଅସିଦ୍ଧ ହୋଇପାରିବ ନାହିଁ, ଯେପର୍ଯ୍ୟନ୍ତ ଏହାର ଉଦାହରଣ ଦିଆଯାଇ ନାହିଁ । ମୁଁ ପୁଣି କହୁଅଛି; ଏହି ଭବିଷ୍ୟତ ବାଣୀ ବରାହୀନେ ଅହେମଦିୟାରେ (ଲିଖିତଭାବେ) ବିଦ୍ୟମାନ ଯାହାର ସମୀକ୍ଷା ମୌଲବୀ ଅବୁ ସୟୀଦ୍ ଲେଖିଛନ୍ତି । ଏହି ସହରରେ (ଏହି ବହି) ମୌଲବୀ ମୁହମ୍ମଦ ହସନ୍ ଏବଂ ମୁନ୍‌ସୀ ମୁହମ୍ମଦ ଉମର୍ ଇତ୍ୟାଦିଙ୍କ ପାଖରେ ଥିବ । ଏହାର ପ୍ରତିଲିପି ମକ୍କା-ମଦିନା-ବୁଖାରା ପର୍ଯ୍ୟନ୍ତ ଯାଇଛି । ସରକାରଙ୍କ ପାଖକୁ ଏହାର ନକଲ ପଠାଯାଇଛି । ହିନ୍ଦୁମାନେ, ମୁସଲ୍‌ମାନମାନେ, ଖ୍ରୀଷ୍ଟଧର୍ମାବଲମ୍ବୀ, ବ୍ରହ୍ମବାଦୀଗଣ ସମସ୍ତେ ଏହାକୁ ପଢ଼ି ଅଛନ୍ତି ଏବଂ ଏହା କୌଣସି ଅଜଣା ବହି ନୁହେଁ ବରଂ ଏହା ଏକ ଖ୍ୟାତନାମା ପୁସ୍ତକ । ଧର୍ମରେ ରୁଚି ରଖୁଥିବା ଏପରି କୌଣସି ଶିକ୍ଷିତ ବ୍ୟକ୍ତି ନାହିଁ ଯେ କି ଏହି ପୁସ୍ତକକୁ ଜାଣି ନାହିଁ । ପୁଣି ଏହି ପୁସ୍ତକରେ ଏହି ଭବିଷ୍ୟତ ବାଣୀ ଲିଖିତ ରୂପେ ବିଦ୍ୟମାନ ଯେ, ଗୋଟିଏ ଜଗତ ତୋ ସଙ୍ଗେ ହୋଇଯିବ । ସଂସାରରେ ମୁଁ ତତେ ପ୍ରସିଦ୍ଧ କରିବି ଏବଂ ତୋର

ବିରୋଧୀମାନଙ୍କୁ ବିଫଳ କରିଦେବି । ଏବେ କୁହ କ'ଣ ଏହି କାର୍ଯ୍ୟ କୌଣସି ମିଥ୍ୟାବାଦୀର ହୋଇପାରିବ ? ଯଦି ତୁମ୍ଭେ ଏହି ନିଷ୍ପତ୍ତି ଦେଉଅଛ ଯେ, ହଁ ଏହା ମିଥ୍ୟାବାଦୀର କାର୍ଯ୍ୟ ହୋଇପାରେ ତେବେ ପୁଣି ଏଥିପାଇଁ **ଉଦାହରଣ ଆଣି ଦେଖାଅ ।** ଯଦି ଉଦାହରଣ ଦେଖାଇଦେବ ତେବେ ମୁଁ ମାନି ନେବି ଯେ, ମୁଁ ଏକ ମିଥ୍ୟାବାଦୀ । କିନ୍ତୁ କେହି ନାହିଁ ଯିଏ କି **ଏହାର ଉଦାହରଣ ଦେଖାଇ ଦେବ** ଏବଂ ଯଦି ତୁମ୍ଭେ ଏହାର ଉଦାହରଣ ଦେଖାଇ ନପାର ଏବଂ ନିଃସନ୍ଦେହ ରୂପେ ତୁମେ ଏହା କରିପାରିବ ନାହିଁ, ତେଣୁ ମୁଁ ତୁମକୁ ପୁନର୍ବାର କହୁଛି ଯେ, (ସେହି ପରାକ୍ରମୀ) **ଈଶ୍ୱରଙ୍କୁ ଭୟକର ଏବଂ ଅମାନ୍ୟକାରୀ ହେବାରୁ ବିରତ ରୁହ ।**

ମନେରଖ ! ଈଶ୍ୱରଙ୍କ ସଂକେତମାନଙ୍କୁ ବିନା କୌଣସି କାରଣରେ ରଦ୍ଦ କରିଦେବା ବୁଦ୍ଧିମତା ନୁହେଁ ଏବଂ ତାହାର ପରିଣତି କେବେ ବି କଲ୍ୟାଣକର ହୋଇନଥାଏ । ମୁଁ ତ କାହାରି ମିଥ୍ୟାରୋପ ଅଥବା ବିଧର୍ମୀ କହିବାକୁ ଖାତିର୍ କରେ ନାହିଁ ଏବଂ ସେହି ଆକ୍ରମଣଗୁଡ଼ିକୁ ଭୟ କରେ ନାହିଁ ଯାହା ମୋ ପ୍ରତି କରାଯାଉଅଛି, ଏହା ଏଥିପାଇଁ ଯେ ଈଶ୍ୱର ସ୍ୱୟଂ ମୋତେ ପୂର୍ବରୁ ସୂଚିତ କରି ଦେଇଥିଲେ କି ମିଥ୍ୟାଚାରୀ ଓ ବିଧର୍ମୀର ଆରୋପ ଲଗାଯିବ ଏବଂ ସାଙ୍ଘାତିକ ରୂପେ ବିରୋଧ କରିବେ କିନ୍ତୁ କିଛି ବିଗାଡ଼ି ପାରିବେ ନାହିଁ । କ'ଣ ମୋ ପୂର୍ବର ସତ୍ୟବାଦୀଗଣଙ୍କୁ ଏବଂ ଈଶ୍ୱର ପ୍ରେରିତମାନଙ୍କୁ ରଦ୍ଦ କରାଯାଇ ନାହିଁ । ହଜରତ ମୁସା ଅ.ସଙ୍କ ପ୍ରତି ଫିରୋନ୍ ଏବଂ ଫିରୋନୀୟମାନେ ହଜରତ ମସିହ୍ ଅ.ସଙ୍କ ପ୍ରତି ଶାସ୍ତ୍ରବିଦ୍‌ଗଣ ଏବଂ ହଜରତ ମୁହମ୍ମଦ ସ.ଅଙ୍କ ପ୍ରତି ମକ୍‌କାର ଅନେକଶ୍ୱରବାଦୀ କେଉଁ କେଉଁ ପ୍ରକାରର ଆକ୍ରମଣମାନ ନକଲେ ? କିନ୍ତୁ ସେହି ଆକ୍ରମଣଗୁଡ଼ିକର ପରିଣତି କ'ଣ ହେଲା ? ଏହି ବିରୋଧୀଗଣ ସେ ନିଦର୍ଶନଗୁଡ଼ିକ ସାମ୍‌ନାରେ କୌଣସି ଦୃଷ୍ଟାନ୍ତ ପ୍ରସ୍ତୁତ କଲେ ? କେବେ ବି ନୁହେଁ । ଦୃଷ୍ଟାନ୍ତ ପ୍ରସ୍ତୁତ କରିବାରୁ ତ ସର୍ବଦା ଅସମର୍ଥ ରହିଲେ, ହଁ ମୁଁହ କିନ୍ତୁ ଚାଲିଥିଲା । ସେଥିପାଇଁ ସେମାନେ ସେମାନଙ୍କୁ ମିଥ୍ୟାବାଦୀ ବୋଲି କହି ଚାଲିଲେ । ସେହିପରି ଏଠାରେ ମଧ୍ୟ ସେମାନେ ଯେତେବେଳେ ଅସମର୍ଥ ହୋଇ ପଡ଼ିଲେ ସେତେବେଳେ ଆଉ ତ କିଛି ହୋଇପାରିଲା ନାହିଁ । ମୋତେ ଶଠ ଏବଂ ମିଥ୍ୟାବାଦୀ କହିଦେଲେ ।

କିନ୍ତୁ କ'ଣ ସେମାନେ ତାଙ୍କର ସେହି ମୁହଁର ଫୁଙ୍କ ଦ୍ୱାରା ଈଶ୍ୱରଙ୍କ ଜ୍ୟୋତିକୁ ଲିଭାଇ ଦେଇପାରିବେ ? କଦାପି ନୁହେଁ ।

(ସୁରେ ସଫ୍ 61:9) وَاللّٰهُ مُتِمُّ نُوْرِهٖ وَلَوْ كَرِهَ الْكٰفِرُوْنَ

ଯେଉଁ ବ୍ୟକ୍ତିମାନେ ଦ୍ୱେଷ ଭାବ ପୋଷଣ କରିଥାନ୍ତି, ସେମାନେ ଅନ୍ୟାନ୍ୟ ଚମତ୍କାର ଏବଂ ନିଦର୍ଶନମାନ ଦେଖି କହିଦିଅନ୍ତି ଯେ, ଏହି (ବ୍ୟକ୍ତି ଜଣକ) ଚଲାଖ ହୋଇଥିବ କିନ୍ତୁ ଭବିଷ୍ୟତ ବାଣୀ (ପୂରଣ ହେବା) କ୍ଷେତ୍ରରେ ସେମାନଙ୍କ ନିକଟରେ ଆଉ କୌଣସି ବାହାନ (ଆଳ କରିବା) ବାକି ରହି ନଥାଏ । ସେଥି ସକାଶେ ଅବତାରଙ୍କ ପାଇଁ ଥିବା ନିଦର୍ଶନମାନରେ ସର୍ବଶ୍ରେଷ୍ଠ ନିଦର୍ଶନ ତଥା ଚମତ୍କାରପୂର୍ଣ୍ଣ ନିଦର୍ଶନ ହେଉଛି ଭବିଷ୍ୟତ ବାଣୀ । ଯାହାକି ତୌରାତ୍ ଓ ପବିତ୍ର କୁରଆନ୍ ଉଭୟରୁ ସାବ୍ୟସ୍ତ । ଭବିଷ୍ୟତ ବାଣୀ ସମକକ୍ଷ କୌଣସି ଚମତ୍କାରିତା ନାହିଁ । ତେଣୁ ଈଶ୍ୱର ପ୍ରେରିତଙ୍କୁ ସେମାନଙ୍କ ଭବିଷ୍ୟତ ବାଣୀ ମାଧ୍ୟମରେ ଚିହ୍ନଟ କରିବା ଉଚିତ୍ । କାରଣ ସର୍ବଶକ୍ତିମାନ ଅଲ୍ଲାଃ ଏହି ଚିହ୍ନ ନିର୍ଦ୍ଧାରଣ କରି ଦେଇଛନ୍ତି ଯେ, لَا يُظْهِرُ عَلٰى غَيْبِهٖٓ اَحَدًا

اِلَّا مَنِ ارْتَضٰى مِنْ رَّسُوْلٍ (ସୁରେ ଜିନ୍ 72:27,28)

ଅର୍ଥାତ୍ ସର୍ବଶକ୍ତିମାନ ଅଲ୍ଲାଃଙ୍କ ରହସ୍ୟ ଅନ୍ୟ କାହାରି ପ୍ରତି ଉନ୍ମୋଚିତ ହୋଇନଥାଏ କିନ୍ତୁ ତାଙ୍କ ମନୋନୀତ ଅବତାରଙ୍କ ପ୍ରତି ହୋଇଥାଏ । ପୁନଶ୍ଚ ଏହା ମଧ୍ୟ ମନେରହୁ ଯେ, କେତେକ ଭବିଷ୍ୟତ ବାଣୀ ନିଜ ମଧ୍ୟରେ ସୂକ୍ଷ୍ମ ରହସ୍ୟ ରଖିଥାଆନ୍ତି । ପୁଣି ଏହା ମଧ୍ୟ ମନେ ରହେ ଯେ କେତେକ ଐଶ୍ୱରିକବାଣୀ ଏବଂ ଏହି ଗୂଢ଼ ତଥ୍ୟ ମନ ଯୋଗୁଁ ସେମାନଙ୍କୁ ବୋଧଗମ୍ୟ ହୋଇନଥାଏ । ଯେଉଁମାନେ ଦୂରଦୃଷ୍ଟି ସମ୍ପନ୍ନ ନଥାନ୍ତି ଏବଂ କେବଳ ମାତ୍ର ସ୍ଥୁଳ ବିଷୟ ବୁଝିପାରନ୍ତି । ଏହିପରି ଭବିଷ୍ୟତ ବାଣୀମାନଙ୍କ ଉପରେ ସାଧାରଣତଃ ମିଥ୍ୟାରୋପ ହୋଇଥାଏ ଏବଂ ଚପଳମନା ଓ ଅଧୈର୍ଯ୍ୟ ଲୋକେ କହି ଉଠନ୍ତି ଯେ, ତାହା ପୂର୍ଣ୍ଣ ହେଲା ନାହିଁ । ଏଥି ସମ୍ପର୍କରେ ସର୍ବଶକ୍ତିମାନ ଅଲ୍ଲାଃ କହିଛନ୍ତି:-

ظَنُّوْٓا اَنَّهُمْ قَدْ كُذِبُوْا (ସୁରେ ୟୁସୁଫ୍ 12:111)

ଏହି ଭବିଷ୍ୟତ ବାଣୀଗୁଡ଼ିକରେ ଲୋକେ ସନ୍ଦେହ ଜନ୍ମାନ୍ତି । କିନ୍ତୁ ବାସ୍ତବରେ ସେହି ଐଶ୍ୱରିକବାଣୀ ଗୁଡ଼ିକ ଈଶ୍ୱରଙ୍କ ନିୟମ ଅନୁଯାୟୀ ପୂରଣ ହୋଇଥାଏ । ଯାହା ବି ହେଉ, ଯଦି ସେଗୁଡ଼ିକ ବୁଝି ନ ହୁଏ ତେବେ ମଧ୍ୟ ବିଶ୍ୱାସକାରୀ ଏବଂ ଈଶ୍ୱରଭକ୍ତ ମନୁଷ୍ୟର ଏହି କର୍ତ୍ତବ୍ୟ ଯେ, ସେ ସେହି ଭବିଷ୍ୟତ ବାଣୀଗୁଡ଼ିକ ଉପରେ ଦୃଷ୍ଟି ନିକ୍ଷେପ କରୁ ଯେଉଁଥିରେ ଗୂଢ଼ ରହସ୍ୟ ନାହିଁ । ଅର୍ଥାତ୍ ଯେଉଁଗୁଡ଼ିକ ସ୍ଥୁଳ ଭବିଷ୍ୟବାଣୀ । ପୁଣି ଦେଖୁ ଯେ ସେଗୁଡ଼ିକ କେତେ ସଂଖ୍ୟାରେ ପୂରଣ ହୋଇସାରିଛି । ଏତାଦୃଶ ରୂପେ ଖାଲି ମୁହଁରେ ମନା କରିଦେବା ଧର୍ମପରାୟଣତା ବିରୁଦ୍ଧ ଅଟେ । ସଙ୍କୋଚତା ଏବଂ ଈଶ୍ୱରଙ୍କ ଭୟ ସହକାରେ ସେହି ଭବିଷ୍ୟତ ବାଣୀଗୁଡ଼ିକୁ ଦେଖିବା ଦରକାର, ଯେଉଁଗୁଡ଼ିକ ପୂରଣ ହୋଇସାରିଛି । କିନ୍ତୁ ଧୈର୍ଯ୍ୟହୀନ ଲୋକଙ୍କ ମୁହଁକୁ କିଏ ବନ୍ଦ କରିବ ?

ଏତାଦୃଶ ଅବସ୍ଥା କେବଳ ମୋ ପ୍ରତି ଆସି ନାହିଁ ବରଂ ହଜରତ ମୁସା[ଅ.ସ]-ହଜରତ ଈଶା[ଅ.ସ] ଏବଂ ହଜରତ ମୁହମ୍ମଦ [ସ.ଅ]ଙ୍କ ପ୍ରତି ମଧ୍ୟ ଆସିଅଛି । ପୁଣି ଯଦି ଏହି ଅବସ୍ଥା ମୋ ପ୍ରତି ମଧ୍ୟ ଆସେ ତେବେ ବିସ୍ମୟ ହେବାର ନାହିଁ ବରଂ ଜରୁରୀ ଥିଲା ଯେ, ଏହିପରି ଘଟିଥାନ୍ତା କାରଣ ଈଶ୍ୱରଙ୍କ ଚିରାଚରିତ ପ୍ରଥା ଏହା ହିଁ (ନିୟତ) ଥିଲା । ମୁଁ କହୁଅଛି ଯେ, ବିଶ୍ୱାସକାରୀଙ୍କ ପାଇଁ ତ ଗୋଟିଏ ପ୍ରମାଣ ମଧ୍ୟ ଯଥେଷ୍ଟ । ଏହିଥିରୁ ତାହାର ହୃଦୟ କମ୍ପି ଯାଇଥାଏ । କିନ୍ତୁ ଏଠାରେ ତ ଗୋଟିଏ ନୁହେଁ ସହଶ୍ର ନିଦର୍ଶନ ଉପସ୍ଥିତ ରହିଛି । ବରଂ ମୁଁ ଦାବି କରି କହୁଅଛି; ତାହା ଏପରି ମାତ୍ରାରେ ରହିଛି ଯେ, ମୁଁ ସେମାନଙ୍କୁ ଗଣିପାରିବି ନାହିଁ । ଏହି ପ୍ରମାଣ ସ୍ୱଳ୍ପ ନୁହେଁ ଯେ, ହୃଦୟଗୁଡ଼ିକୁ ପରାଜୟ କରିଦେବ । ମିଥ୍ୟାବାଦୀଙ୍କୁ ସତ୍ୟବାଦୀ କରିଦେବ । ଯଦି କେହି ପରମେଶ୍ୱରଙ୍କୁ ଭୟ କରେ ଏବଂ ହୃଦୟରେ ସଙ୍କୋଚତା ଓ ଦୂରଦୃଷ୍ଟି ଦ୍ୱାରା ଚିନ୍ତା କରେ ତେବେ ତାକୁ ଛାଏଁ ମାନିନେବାକୁ ପଡ଼ିବ ଯେ, ଏହା ପରମେଶ୍ୱରଙ୍କ ତରଫରୁ ଅଟେ ।

ପୁଣି ଏହା ମଧ୍ୟ ସ୍ପଷ୍ଟ ପ୍ରସଙ୍ଗ ଯେ, ବିରୋଧୀ ଯେପର୍ଯ୍ୟନ୍ତ ଏହାକୁ ରଦ୍ଦ କରେ ନାହିଁ ଏବଂ ସେଥିସକାଶେ ଉଦାହରଣ ଦେଇ ନାହିଁ ଈଶ୍ୱରଙ୍କ ତର୍କ ସର୍ବମାନ୍ୟ ରହିବ । ଏବେ ସାରକଥା ଏହିକି ଯେ, ମୁଁ ସେହି ପରମେଶ୍ୱରଙ୍କୁ ଧନ୍ୟବାଦ ଅର୍ପଣ କରୁଅଛି ଯେ କି ମୋତେ ପ୍ରେରଣ କରିଅଛନ୍ତି ଏବଂ

ଏହି ସମସ୍ତ ଦୁଷ୍ଟତା ଏବଂ ଝଡ଼ମାନ ସତ୍ତ୍ୱେ ମୋ ବିରୁଦ୍ଧରେ ଉଠିଥିଲା ଏବଂ ଯାହାର ମୂଳ ଏବଂ ଆରମ୍ଭ ଏହି ସହରରୁ ଉଠିଥିଲା ଏବଂ ପୁଣି ଦିଲ୍ଲୀ ପର୍ଯ୍ୟନ୍ତ ପହଞ୍ଚି ଥିଲା, ସେ ସମସ୍ତ ଝଡ଼ଗୁଡ଼ିକୁ ଏବଂ ଯନ୍ତ୍ରଣାମାନ ସମୟରେ ସେ ମୋତେ ସକୁଶଳ ଏବଂ ସୁରକ୍ଷିତ ବାହାର କରି ଆଣିଲେ ଏବଂ ମୋତେ ଏପରି ଅବସ୍ଥାରେ ଏହି ସହରକୁ ଆଣିଲେ କି ତିନି ଲକ୍ଷରୁ ଉର୍ଦ୍ଧ ପୁରୁଷ, ମହିଳା ମୋର ଅନୁଗାମୀ ହୋଇସାରିଛନ୍ତି । ଏପରି କୌଣସି ମାସ ଅତିକ୍ରମ କରେ ନାହିଁ ଯେଉଁଥିରେ ଦୁଇହଜାର, ଚାରିହଜାର ଏବଂ କେତେକ ସମୟରେ ପାଞ୍ଚ ପାଞ୍ଚ ହଜାର ଏହି ସମ୍ପ୍ରଦାୟରେ ପ୍ରବେଶ କରି ନଥାନ୍ତି ।

ପୁନଶ୍ଚ ସେହି ଅଲ୍ଲାଃ ଏପରି ସମୟରେ ମୋର ସହାୟତା କଲେ ଯେତେବେଳେ କି ସମଗ୍ର ଜାତି ହିଁ ଶତ୍ରୁ ପାଲଟି ଗଲା; ଯେତେବେଳେ କୌଣସି ବ୍ୟକ୍ତିର ନିଜ ସମ୍ପ୍ରଦାୟ ହିଁ ଶତ୍ରୁ ପାଲଟି ଯାଏ ସେତେବେଳେ ସେ ବଡ଼ ଅସହାୟ ଓ ଅସମର୍ଥ ପାଲଟି ଯାଇଥାଏ । କାରଣ ସମ୍ପ୍ରଦାୟ ହିଁ ହାତ, ପାଦ ଏବଂ ଅଙ୍ଗ ହୋଇଥାଏ । ସେ ହିଁ ତାହାର ସହାୟତା କରିଥାଏ । ଅନ୍ୟ ଲୋକମାନେ ତ ଶତ୍ରୁ ହିଁ ହୋଇଥାନ୍ତି ଯେ ଆମ ଧର୍ମ ଉପରେ ଆକ୍ରମଣ କରୁଅଛି । କିନ୍ତୁ ଯେତେବେଳେ ନିଜ ସମ୍ପ୍ରଦାୟ ମଧ୍ୟ ଶତ୍ରୁ ହୋଇଯାଏ ସେତେବେଳେ ପୁଣି ବର୍ଦ୍ଧିଯିବା ଏବଂ ସଫଳ ହୋଇଯିବା ସାମାନ୍ୟ କଥା ନୁହଁ ବରଂ ଏହା ଏକ ମହାନ ନିଦର୍ଶନ ଅଟେ ।

ମୁଁ ଅତ୍ୟନ୍ତ ଦୁଃଖର ସହିତ ଏବଂ ବ୍ୟଥିତ ହୃଦୟରେ ଏହି କଥା କହୁଅଛି ଯେ, ଆମ ଜାତିଭାଇ ମୋ ବିରୋଧରେ କେବଳ ମାତ୍ର ଶୀଘ୍ରତା ଅବଲମ୍ବନ କଲେ ତାହା ନୁହେଁ ବରଂ ଅତି ନିର୍ଦ୍ଦୟତା ମଧ୍ୟ (ପ୍ରଦର୍ଶନ) କଲେ । କେବଳ ଗୋଟିଏ ସମସ୍ୟା "ମସିହଙ୍କ ମୃତ୍ୟୁ" ବିଷୟରେ ମତଭେଦ ଥିଲା । ଯାହାକୁ ମୁଁ ପବିତ୍ର କୁରଆନ୍, ହଜରତ ମୁହମ୍ମଦ ସ.ଅ.ଙ୍କ ସୁନ୍ନତ (ପଦ୍ଧତି) ସାହାବାମାନଙ୍କର ସହମତି ଏବଂ ବୌଦ୍ଧିକ ତର୍କ ତଥା ପୂର୍ବତନ ପୁସ୍ତକଗୁଡ଼ିକରୁ ସାବ୍ୟସ୍ତ କରୁଥିଲି ଏବଂ କରୁଅଛି ଏବଂ ହନ୍‌ଫି ମତ ଅନୁଯାୟୀ ସ୍ୱଷ୍ଟ ଆଦେଶ ହଦିସ ଅନୁମାନ ଶରିୟତର ତର୍କଗୁଡ଼ିକ ମୋ ସହିତ ଥିଲା କିନ୍ତୁ ସେହି ଲୋକମାନେ ଏହା ପୂର୍ବରୁ କି ସେଗୁଡ଼ିକ ପୂର୍ଣ୍ଣ ରୂପରେ ମୋତେ ପଚାରିଥାନ୍ତେ

ଏବଂ ମୋର ତର୍କଗୁଡ଼ିକୁ ଶୁଣନ୍ତେ; ଏହି ସମସ୍ୟାର ବିରୋଧରେ ଏପର୍ଯ୍ୟନ୍ତ ଅତ୍ୟୁକ୍ତି କଲେ କି ମୋତେ କାଫିର୍ (ଅମାନ୍ୟକାରୀ) ଘୋଷଣା କରିଦେଲେ । ଏବଂ ଏଥି ସହିତ ଆଉ ମଧ୍ୟ ଯାହା ଚାହିଁଲେ କହିଲେ ଏବଂ ମୋତେ ଦାୟୀ କଲେ । ସଚ୍ଚୋଟତା, ସଦାଚାର ଏବଂ ନୈତିକତା (ଦୃଷ୍ଟିରୁ) ଏହା ଆବଶ୍ୟକ ଥିଲା ଯେ, ସେମାନେ ପ୍ରଥମେ ମୋ ଠାରୁ ପଚାରି (ବୁଝି) ନେଇଥାନ୍ତେ । ଯଦି ମୁଁ ଅଲ୍ଲାଃଙ୍କ ଉକ୍ତ ଏବଂ ରସୁଲଙ୍କ ଉକ୍ତିଠାରୁ ବାହାରିଥାନ୍ତି ତେବେ ପୁଣି ନିଃସନ୍ଦେହ ସେମାନଙ୍କୁ ଅଧିକାର ଥିଲା ଯେ, ସେମାନେ ମୋତେ ଯାହା ଚାହିଁଥାନ୍ତେ କହିଥାନ୍ତେ ଯଥା ଦଜ୍ଜାଲ୍ (ଶଠ), କଜ୍ଜାବ୍ (ମିଥ୍ୟାବାଦୀ) । କିନ୍ତୁ ଯେହେତୁ ମୁଁ ଆରମ୍ଭରୁ କହି ଆସିଛି ଯେ, ମୁଁ ପବିତ୍ର କୁରଆନ୍ ଏବଂ ହଜରତ ମୁହମ୍ମଦ ସ.ଅଙ୍କ ଅନୁସରଣରୁ ଟିକିଏ ମଧ୍ୟ ଏପାଖ ସେପାଖ ହେବା ଅସାଧୁତା ମନେକରେ, ମୋର ଏହା ବିଶ୍ୱାସ- ଯଦି କେହି ଏହାକୁ ତିଳେ ମଧ୍ୟ ଛାଡ଼ିବ ସେ ନର୍କଗାମୀ ହେବ, ଅଧିକନ୍ତୁ ଏହି ବିଶ୍ୱାସକୁ କେବଳ ଭାଷଣଗୁଡ଼ିକରେ ନୁହଁ ବରଂ ଷାଠିଏ ପାଖାପାଖି ନିଜ ପୁସ୍ତକଗୁଡ଼ିକରେ ଅତ୍ୟନ୍ତ ବିଷଦ ରୂପେ ବ୍ୟାଖ୍ୟା କରିଅଛି ଏବଂ ଦିବାରାତ୍ର ମୋତେ ଏହି ଚିନ୍ତା ଏବଂ ଭାବନା ରହିଥାଏ । ଅତଏବ ଯଦି ଏହି ବିରୋଧୀମାନେ ଅଲ୍ଲାଃଙ୍କୁ ଭୟ କରୁଥାନ୍ତେ ତେବେ କ'ଣ ସେମାନଙ୍କର କର୍ତ୍ତବ୍ୟ ନଥିଲା ଯେ, ମୋତେ ପଚାରନ୍ତେ ଅମୁକ କଥା ଇସ୍‌ଲାମ ବହିର୍ଭୂତ । ତାହାର କାରଣ କ'ଣ ଅଥବା ତାହାର ତୁମେ କ'ଣ ଜବାବ ଦେଉଛ ? କିନ୍ତୁ ନା ଏହାର ଟିକିଏ ମଧ୍ୟ ପରୱା କଲେ ନାହିଁ । ଶୁଣିଲେ ଏବଂ କାଫିର୍ (ଅବିଶ୍ୱାସୀ) କହିଦେଲେ । ମୁଁ ଅତ୍ୟନ୍ତ ଆଶ୍ଚର୍ଯ୍ୟର ସହିତ ସେମାନଙ୍କର ଏହି ଆଚରଣକୁ ଦେଖୁଅଛି । କାରଣ ପ୍ରଥମତଃ ମସିହ୍‌ଙ୍କ ଜୀବନ୍ତ, ମୃତ ସମସ୍ୟା ଏପରି କୌଣସି ସମସ୍ୟା ନୁହେଁ ଯାହା ଇସ୍‌ଲାମ ଧର୍ମରେ ଅନ୍ତର୍ଭୁକ୍ତ ହେବା ପାଇଁ ସର୍ତ୍ତ ରୂପେ ରହିଛି । ଏଠାରେ ମଧ୍ୟ ହିନ୍ଦୁ କିମ୍ବା ଖ୍ରୀଷ୍ଟିୟାନ୍‌ମାନେ ମୁସଲ୍‌ମାନ ହେଉଛନ୍ତି କିନ୍ତୁ କୁହ ଯେ କ'ଣ ସେମାନଙ୍କଠାରୁ ଏଥିରେ ଅଙ୍ଗୀକାର ମଧ୍ୟ ନିଆଯାଉଅଛି ? କେବଳ ମାତ୍ର ଏହାଛଡ଼ା;

آمنت باللہ وملائکتہٖ وکتبہٖ ورسلہٖ والقدر خیرہٖ وشرّہٖ من اللہ
تعالیٰ والبعث بعد الموت

ଯଦି ଓ ଏହି ସମସ୍ୟା ଇସ୍‌ଲାମର ଅଂଶ ନୁହେଁ ତେବେ ପୁଣି ମୋ ଉପରେ ମସିହ୍‌ଙ୍କ ମୃତ୍ୟୁ ଘୋଷଣା ଏପରି ପରିମାଣରେ ଅତ୍ୟାଚାର କାହିଁକି କରାଗଲା ଯେ ଏମାନେ କାଫିର୍ (ଅବିଶ୍ୱାସୀ) ଅଟନ୍ତି, ଦଜ୍ଜାଲ (ଶଠ) ଅଟନ୍ତି, ଏମାନଙ୍କୁ ମୁସଲ୍‌ମାନମାନଙ୍କ କବରସ୍ତାନରେ ସମାଧି ନ ଦିଆଯାଉ। ସେମାନଙ୍କ ଧନସମ୍ପତ୍ତି ଲୁଣ୍ଠନ କରିନେବା ବୈଧ ଏବଂ ସେମାନଙ୍କ ପତ୍ନୀମାନଙ୍କୁ ବିବାହ ନକରି ଘରେ ରଖିନେବା ଯଥାର୍ଥ। ଏମାନଙ୍କୁ ହତ୍ୟା କରିଦେବା ହେଉଛି ପୁଣ୍ୟ କାର୍ଯ୍ୟ। ଗୋଟିଏତ ଦିନ ଥିଲା ଏହି ମୌଲବୀମାନେ ହାଲ୍ଲା କରୁଥିଲେ କି ଯଦି ୯୯ଟି କାରଣ କୁଫର୍‌ର (ଅବିଶ୍ୱାସ) ଥିବ ଏବଂ ଗୋଟିଏ କାରଣ ଇସ୍‌ଲାମର ଥିବ ତେବେ ମଧ୍ୟ କୁଫର୍‌ର ଫତୁଆ ଦେବା ଉଚିତ୍ ନୁହେଁ ତାକୁ ମୁସଲ୍‌ମାନ ହିଁ କୁହ। କିନ୍ତୁ ଏବେ କ'ଣ ହୋଇଗଲା। କ'ଣ ମୁଁ ଏହାଠାରୁ ମଧ୍ୟ ହୀନ ହୋଇଗଲି ? କ'ଣ ମୁଁ ଏବଂ ମୋର ଜମାଅତ୍ (କଲ୍‌ମା)

اشهد ان لا اله الا الله واشهد ان محمدا عبده ورسوله

ପଢୁ ନାହାଁନ୍ତି ? କ'ଣ ମୁଁ ନମାଜ ପାଠ କରୁ ନାହିଁ କିମ୍ବା ମୋର ଅନୁଗାମୀମାନେ ପଢୁ ନାହାଁନ୍ତି ? କ'ଣ ଆମ୍ଭେ ରମଜାନ୍‌ର ଉପବାସ ରଖୁ ନାହୁଁ ? ଏବଂ କ'ଣ ଆମେମାନେ ସେହି ସମସ୍ତ ଅସ୍ଥାଗୁଡ଼ିକର ପାଳନ କରୁ ନାହୁଁ ଯାହା ମୁହମ୍ମଦ[ସ.ଅ] ଇସ୍‌ଲାମ (ଗ୍ରହଣ) କ୍ଷେତ୍ରରେ ନିର୍ଦ୍ଦେଶ ଦେଇଛନ୍ତି ?

ମୁଁ ସତ୍ୟ କହୁଅଛି ଏବଂ ଈଶ୍ୱରଙ୍କ ନାମରେ ଶପଥ କରି କହୁଅଛି ଯେ, ମୁଁ ଏବଂ ମୋର ଜମାଅତ୍ (ଗୋଷ୍ଠୀ) ମୁସଲ୍‌ମାନ ଧର୍ମାବଲମ୍ବୀ ତଥା ସେମାନେ ହଜରତ ମୁହମ୍ମଦ[ସ.ଅ] ଏବଂ ପବିତ୍ର କୁରଆନ୍ ଉପରେ ସେହିପରି ବିଶ୍ୱାସ କରୁଛନ୍ତି ଯେଉଁଭଳି ଗୋଟିଏ ସଚ୍ଚୋଟ ମୁସଲ୍‌ମାନକୁ କରିବା ଦରକାର। ମୁଁ ଅଣୁ ମାତ୍ର ମଧ୍ୟ ଇସ୍‌ଲାମରୁ ବାହାର ପାଦ ରଖିବା ବିନାଶର କାରଣ ବୋଲି ବିଶ୍ୱାସ କରୁଅଛି ଏବଂ ମୋର ଧର୍ମ ଏହିକି ଯେ, ଯେଉଁ ମାତ୍ରାରେ ଜଣେ ବ୍ୟକ୍ତି କଲ୍ୟାଣ ଏବଂ ସମୃଦ୍ଧି ହାସଲ କରିପାରେ ଏବଂ ଯେଉଁ ମାତ୍ରାରେ ସେ ଅଲ୍ଲାହ୍‌ଙ୍କ ନିକଟତା ଲାଭ କରିପାରେ ତାହା କେବଳ ମାତ୍ର ହଜରତ ମୁହମ୍ମଦ [ସ.ଅ]ଙ୍କ ପ୍ରକୃତ ଆଜ୍ଞାବହତା ଏବଂ ପୂର୍ଣ୍ଣ ପ୍ରେମ ଦ୍ୱାରା ପ୍ରାପ୍ତ ହୋଇପାରିବ, ନଚେତ୍ ନୁହେଁ। ତାଙ୍କ ବ୍ୟତିରେକେ ପୁଣ୍ୟର କୌଣସି ମାର୍ଗ

ନାହିଁ । ହଁ ଏହା ମଧ୍ୟ ସତ୍ୟ ଯେ, ମୁଁ କଦାପି ବିଶ୍ୱାସ କରେ ନାହିଁ କି ଯିଶୁ ମସିହ୍ଅ.ସ ଏହି ନଶ୍ୱର ଶରୀର ସହିତ ଜୀବନ୍ତ ସ୍ୱର୍ଗ (ଆକାଶ)କୁ ଯାଇଥିବେ ଏବଂ ଏଯାବତ୍ ଜୀବନ୍ତ ଅବସ୍ଥାରେ ରହିଛନ୍ତି । ଏହା ଏଥିପାଇଁ କି ଏହି ବିଷୟକୁ ମାନିନେବା ଦ୍ୱାରା ହଜରତ ମୁହମ୍ମଦ ସ.ଅଙ୍କ ଘୋର ଅପମାନ ଏବଂ ଅସମ୍ମାନ ହେବ । ମୁଁ ଗୋଟିଏ ମୁହୂର୍ତ୍ତ ପାଇଁ ଏହି ଅସମ୍ମାନକୁ ସହ୍ୟ କରିପାରିବି ନାହିଁ । ସମସ୍ତଙ୍କୁ ଜଣା ଯେ, ହଜରତ ମୁହମ୍ମଦସ.ଅ ୬୩ ବର୍ଷ ବୟସରେ ମୃତ୍ୟୁ ବରଣ କଲେ ଏବଂ ପବିତ୍ର ମଦିନା ସହରରେ ଆପଣଙ୍କର ସମାଧି ଅବସ୍ଥିତ । ପ୍ରତିବର୍ଷ ସେଠାକୁ ହଜାର ହଜାର, ଲକ୍ଷ ଲକ୍ଷ ହଜ୍ ତିର୍ଥଯାତ୍ରୀ ମଧ୍ୟ ଯାଆନ୍ତି । ଏବେ ଯଦି ମସିହ୍ଅ.ସ (ଯିଶୁଖ୍ରୀଷ୍ଟ)ଙ୍କ ସମ୍ବନ୍ଧରେ ମୃତ୍ୟୁ ବିଶ୍ୱାସ କରିବା ଅଥବା ମୃତ୍ୟୁକୁ ତାଙ୍କ ପ୍ରତି ଉଦ୍ଦିଷ୍ଟ କରିବା ତାଙ୍କ ପ୍ରତି ଅବମାନନା ଅଟେ । ତେବେ ପୁଣି ମୁଁ କହୁଅଛି, ଆଁ ହଜରତ ମୁହମ୍ମଦ ସ.ଅଙ୍କ ସମ୍ପର୍କରେ ଏହି ଧୃଷ୍ଟତା ଏବଂ ଅବମାନନା କାହିଁକି ଗ୍ରହଣ କରିନିଆ ଯାଉଅଛି ? ତୁମେ ତାଙ୍କୁ ଅତି ଆନନ୍ଦ ସହକାରେ କହି ଦେଉଅଛ ଯେ, ହଜରତ ମୁହମ୍ମଦସ.ଅ ମୃତ୍ୟୁବରଣ କରିଥିଲେ । ମିଲାଦ ଗାୟକ ଅତି ମଧୁର କଣ୍ଠରେ ମୃତ୍ୟୁ ଘଟଣାକୁ ବର୍ଣ୍ଣନା କରନ୍ତି ଏବଂ ଅବିଶ୍ୱାସୀମାନଙ୍କ ମୁକାବିଲାରେ ମଧ୍ୟ ତୁମ୍ଭେ ଅତ୍ୟନ୍ତ ଖୋଲା ହୃଦୟ ସହିତ ଗ୍ରହଣ କରି ନେଉଅଛ କି ହଜରତ ମୁହମ୍ମଦସ.ଅ ମୃତ୍ୟୁବରଣ କଲେ । ପୁଣି ମୁଁ ଏହା ବୁଝିପାରୁ ନାହିଁ କି ହଜରତ ଇସା (ଯିଶୁଖ୍ରୀଷ୍ଟ) ଅ.ସଙ୍କ ମୃତ୍ୟୁ ପରିପ୍ରେକ୍ଷୀରେ ଏପରି କ'ଣ ଆପଦ ପଡ଼ିଥାଏ ଯେ, ରାଗରେ ତୁମ ଚକ୍ଷୁ ରକ୍ତବର୍ଣ୍ଣ ହୋଇଯାଏ । ମୋତେ ମଧ୍ୟ କଷ୍ଟ ହୁଅନ୍ତା ନାହିଁ, ଯଦି ତୁମେ ହଜରତ ମୁହମ୍ମଦ ସ.ଅଙ୍କ ସମ୍ବନ୍ଧରେ ମଧ୍ୟ ମୃତ୍ୟୁର ଶବ୍ଦ ଶୁଣି ଏପରି ଅଶ୍ରୁ ବୁହାଇ ଥାନ୍ତ । କିନ୍ତୁ ଦୁଃଖ ତ ଏହା ଯେ, ଖାତମୁନ୍ ନବୀଇନ୍ (ଶ୍ରେଷ୍ଠ ଅବତାର) ଏବଂ ଜଗତ ସମ୍ରାଟଙ୍କ ସମ୍ପର୍କରେ ତୁମେ ଅତ୍ୟନ୍ତ ଆନନ୍ଦର ସହିତ ମୃତ୍ୟୁବରଣ କରିବା ଗ୍ରହଣ କରି ନେଉଅଛ ଏବଂ ସେ ବ୍ୟକ୍ତି ସମ୍ପର୍କରେ ଯେ କି ନିଜକୁ ହଜରତ ମୁହମ୍ମଦ ସ.ଅଙ୍କ ଜୋତାର ଫିତା ଖୋଲିବାର ମଧ୍ୟ ଯୋଗ୍ୟ ନୁହେଁ, ତାକୁ ଜୀବିତ ବିଶ୍ୱାସ କରୁଅଛ ଏବଂ ତା' ସମ୍ପର୍କରେ ଯଦି ମୃତ୍ୟୁର ଶବ୍ଦ ମୁହଁରୁ ବାହାରିଲା ତେବେ ତୁମେ କ୍ରୋଧାନ୍ୱିତ ହୋଇପଡୁଅଛ । ଯଦି ହଜରତ ମୁହମ୍ମଦସ.ଅ ଅଦ୍ୟାବଧି ଜୀବିତ ଥାନ୍ତେ ତେବେ କୌଣସି ଅସୁବିଧା ନଥିଲା । ଏହା ଏଥିପାଇଁ

ଯେ, ଆପଣ[ସ.ଅ] ସେହି ମହାନ ଓ ଶ୍ରେଷ୍ଠ ଦିଗ୍‌ଦର୍ଶନ ଧରି ଆସିଥିଲେ ଯାହାର ଦୃଷ୍ଟାନ୍ତ ସଂସାରରେ ଉପଲବ୍ଧ ନାହିଁ ଏବଂ ଆପଣ ଏପରି (ସୁନ୍ଦର) ଆଚରଣ ପ୍ରଦର୍ଶନ କଲେ ଯେ, ଆଦମ [ଅ.ସ]ଙ୍କ ଠାରୁ ଅଦ୍ୟାବଧି କେହି ତାହାର ନମୁନା ଏବଂ ଦୃଷ୍ଟାନ୍ତ ଦେଖାଇ ପାରି ନାହିଁ। ମୁଁ ତୁମମାନଙ୍କୁ ନିରାଟ ସତ୍ୟ କହୁଅଛି ଯେ, ହଜରତ ମୁହମ୍ମଦ [ସ.ଅ]ଙ୍କ ବ୍ୟକ୍ତିତ୍ୱର ଜଗତକୁ ଏବଂ ମୁସଲମାନଙ୍କୁ ଆବଶ୍ୟକତା ଥିଲା। ଏପରି ଆବଶ୍ୟକତା ହଜରତ ଯିଶୁ ମସିହ୍‌ଙ୍କର ନଥିଲା। ଆପଣଙ୍କ ବ୍ୟକ୍ତିତ୍ୱ ସେହି ପବିତ୍ର ବ୍ୟକ୍ତିତ୍ୱ, ଯେ ଯେତେବେଳେ ଆପଣଙ୍କ ଦେହାନ୍ତ ହେଲା ସେତେବେଳେ ଅନୁଗାମୀମାନଙ୍କର ଏପରି ଅବସ୍ଥା ହୋଇଗଲା କି ସେମାନେ ପାଗଳପ୍ରାୟ ହୋଇପଡ଼ିଲେ। ଏପରିକି ହଜରତ ଉମର୍[ର.ଅ] ମିଆଣରୁ ତରବାରୀ ବାହାର କରିନେଲେ ଏବଂ କହିଲେ; ଯଦି କେହି ହଜରତ ମୁହମ୍ମଦ [ସ.ଅ]ଙ୍କୁ ମୃତ ବୋଲି କହିବ ତେବେ ମୁଁ ତାର ଶିରଚ୍ଛେଦ କରିବି, ଏପରି ଆବେଗପୂର୍ଣ୍ଣ ସମୟରେ ସର୍ବଶକ୍ତିମାନ ଅଲ୍ଲାଃ ହଜରତ ଅବୁବକର୍ [ର.ଅ]ଙ୍କୁ ଏକ ବିଶେଷ ଜ୍ୟୋତି ଓ ବୁଦ୍ଧିଜ୍ଞାନ ପ୍ରଦାନ କଲେ ଏବଂ ସେ ସମସ୍ତଙ୍କୁ ଏକାଠି କରି ଅଭିଭାଷଣ ଦେଲେ; مَا مُحَمَّدٌ اِلَّا رَسُوْلٌ ۚ قَدْ خَلَتْ مِنْ قَبْلِهِ الرُّسُلُ

(ଆଲେ ଇମ୍ରାନ୍ 3:145)

ଅର୍ଥାତ୍ ହଜରତ ମୁହମ୍ମଦ[ସ.ଅ] ଜଣେ ରସୁଲ୍ ଏବଂ ଆପଣଙ୍କ ପୂର୍ବରୁ ଯେତେ ରସୁଲ୍ ଆସିଛନ୍ତି ସେମାନେ ସମସ୍ତେ ମୃତ୍ୟୁବରଣ କରିସାରିଛନ୍ତି। ଏବେ ଆପଣମାନେ ବିଚାର କରନ୍ତୁ ଏବଂ ଚିନ୍ତା କରି କୁହନ୍ତୁ ଯେ, ହଜରତ ଅବୁ ବକର୍ ସିଦ୍ଦୀକ୍[ର.ଅ] ହଜରତ ମୁହମ୍ମଦ [ସ.ଅ]ଙ୍କ ମୃତ୍ୟୁ ସମୟରେ ଏହି ଆୟତ୍ କେଉଁଥି ପାଇଁ ଆବୃତ୍ତି କରିଥିଲେ ? ଏଥିରେ ଆପଣଙ୍କର ଉଦ୍ଦେଶ୍ୟ ଏବଂ ଅଭିପ୍ରାୟ କ'ଣ ଥିଲା ? ପୁଣି ଏପରି ଅବସ୍ଥାରେ ଯେତେବେଳେ କି ସମସ୍ତ ଅନୁଗାମୀଗଣ ଉପସ୍ଥିତ ଥିଲେ ? ମୁଁ ବିଶ୍ୱାସର ସହିତ କହୁଅଛି ଏବଂ ଆପଣମାନେ ଅସ୍ୱୀକାର କରିପାରିବେ ନାହିଁ ଯେ, ହଜରତ ମୁହମ୍ମଦ [ସ.ଅ]ଙ୍କ ଦେହାନ୍ତ ହେତୁ ଅନୁଗାମୀମାନଙ୍କ ହୃଦୟ ଅତ୍ୟନ୍ତ ବ୍ୟଥିତ ଥିଲା ଏବଂ (ସେମାନେ) ତାହାକୁ ଅସମୟ ତଥା ଅକାଳ ବିୟୋଗ ବୋଲି ମନେ କରୁଥିଲେ। ଏହା ପସନ୍ଦ କଲେ ନାହିଁ ଯେ, ହଜରତ ମୁହମ୍ମଦ [ସ.ଅ]ଙ୍କ ତିରୋଧାନର ସମ୍ବାଦ ଶୁଣନ୍ତୁ

ଏପରି ଅବସ୍ଥା ଏବଂ ପରିସ୍ଥିତିରେ ଯେ ହଜରତ ଉମର୍ [ର.ଅ]ଙ୍କ ପରି ସାହାବା (ଅନୁଗାମୀ) ଭାବପ୍ରବଣ ଅବସ୍ଥାରେ ଥିବେ ସେମାନଙ୍କ କ୍ରୋଧ ଦୂର ହୋଇପାରି ନଥାନ୍ତା । କେବଳ ଏଥି ବ୍ୟତୀତ ଯେ, ଏହି ଆୟତ୍ ସେମାନଙ୍କ ଶାନ୍ତ୍ୱନାର କାରଣ ହୁଅନ୍ତା । ଯଦି ସେମାନଙ୍କୁ ଏହା ଜଣାଥାଆନ୍ତା କିମ୍ବା ଏହା ବିଶ୍ୱାସ ଥାଆନ୍ତା ଯେ, ହଜରତ ଇସା[ଅ.ସ] ଜୀବିତ ରହିଛନ୍ତି ତେବେ ସେମାନେ ତ ଜିଅନ୍ତା ହିଁ ମରି ଯାଇଥାନ୍ତେ । ସେମାନେ ତ ମୁହମ୍ମଦ [ସ.ଅ]ଙ୍କ ପ୍ରେମିକ ଥିଲେ ଏବଂ ଆପଣଙ୍କ ଜୀବିତ ରହିବା ବ୍ୟତୀତ ଅନ୍ୟ କାହାରି ଜୀବିତ ରହିବାକୁ ସହ୍ୟ ହିଁ କରିପାରି ନଥାନ୍ତେ । ପୁଣି କିପରି ନିଜ ଆଖି ଆଗରେ ହଜରତ ମୁହମ୍ମଦ [ସ.ଅ]ଙ୍କୁ ମୃତ ଦେଖନ୍ତେ ଏବଂ ଯିଶୁମସିହ୍ [ଅ.ସ]ଙ୍କୁ ଜୀବିତ ରହିଥିବା ବିଶ୍ୱାସ କରନ୍ତେ । ଅର୍ଥାତ୍ ଯେତେବେଳେ ହଜରତ ଅବୁବକର୍[ର.ଅ] ନିଜ ବକ୍ତବ୍ୟ ରଖିଲେ ସେତେବେଳେ ସେମାନଙ୍କର ଭାବ ପ୍ରବଣତା ଦୂର ହୋଇଗଲା । ସେତେବେଳେ ସାହାବାମାନେ ମଦିନାର ଗଳିମାନଙ୍କରେ ଏହି ଆୟତ ପଢ଼ି ବୁଲୁଥିଲେ ଏବଂ ସେମାନେ ମନେ କରୁଥିଲେ ଯେ, ସତେ ଯେପରି ଉକ୍ତ ଆୟତ୍ ଆଜି ହିଁ ଅବତୀର୍ଣ୍ଣ ହୋଇଛି । ସେହି ସମୟରେ ହସନ୍ ବିନ୍ ସାବିତ୍[ର.ଅ] ଏକ ଶୋକ ଗୀତ ଲେଖିଲେ ଯେଉଁଥିରେ ସେ କହିଲେ:-

كُنْتَ السَّوَادَ لِنَاظِرِيْ فَعَمِيَ عَلَيْكَ النَّاظِرُ

مَنْ شَاءَ بَعْدَكَ فَلْيَمُتْ فَعَلَيْكَ كُنْتُ اُحَاذِرُ

ଅର୍ଥାତ୍ ହେ ମୁହମ୍ମଦ[ସ.ଅ] ତୁମେ ମୋ ଆଖିର ପିତୁଳା ଥିଲ, ତୁମର ବିୟୋଗରେ ମୋର ଆଖି ଯେପରି ଅନ୍ଧ ହୋଇଯାଇଛି । ଏବେ ତୁମ୍ଭ ପରେ ଯିଏ ଚାହୁଁ ମୃତ୍ୟୁବରଣ କରୁ, ମୋତେ ତ କେବଳ ତୁମରି ମୃତ୍ୟୁର ଭୟ ଥିଲା । ଯେହେତୁ ଉପରୋକ୍ତ ଆୟତ୍ ଜଣାଇ ଦେଇଥିଲା ଯେ, ସମସ୍ତେ ମରି ଯାଇଛନ୍ତି ତେଣୁ ହସନ୍ ମଧ୍ୟ କହିଦେଲେ; ଏବେ କାହାରି ମୃତ୍ୟୁର ପରୱା ନାହିଁ । ନିଶ୍ଚିତ ରୂପେ ଜାଣିନିଅ ଯେ ହଜରତ ମୁହମ୍ମଦ [ସ.ଅ]ଙ୍କ ତୁଳନାରେ କାହାରି ଜୀବନ ସାହାବାମାନଙ୍କ ପାଇଁ ଅତ୍ୟନ୍ତ ଅସହ୍ୟ ଥିଲା ଏବଂ ସେମାନେ ତାହାକୁ ଗ୍ରହଣ କରିପାରି ନଥାନ୍ତେ । ଏହି ରୂପେ ହଜରତ ମୁହମ୍ମଦ [ସ.ଅ]ଙ୍କ ମୃତ୍ୟୁ ସମୟରେ ଏହା ପ୍ରଥମ ଇଜ୍‌ମା (ସହମତ) ଥିଲା ଯାହା ସଂସାରରେ ହୋଇଥିଲା ଏବଂ ଏଥିରେ

ହଜରତ ଯିଶୁ ମସିହ୍ [ଅ.ସ]ଙ୍କ ମୃତ୍ୟୁର ମଧ୍ୟ ଚୂଡ଼ାନ୍ତ ନିଷ୍ପତ୍ତି ହୋଇଯାଇଥିଲା ।

ମୁଁ ବାରମ୍ବାର ଏ କଥାରେ ଜୋର୍ ଦେଉଅଛି ଯେ, ଏହି ଦଲିଲ୍ ଅତି ଶକ୍ତିଶାଳୀ ଦଲିଲ୍ । ଯେଉଁଥିରୁ ଯିଶୁ ମସିହ୍‌ଙ୍କର ମୃତ୍ୟୁ ସାବ୍ୟସ୍ତ ହେଉଅଛି । ମୁହମ୍ମଦ [ସ.ଅ]ଙ୍କ ମୃତ୍ୟୁ କୌଣସି ସାମାନ୍ୟ ଏବଂ ଛୋଟ ବିଷୟ ନଥିଲା ଯାହାର ଆଘାତ ସାହାବାମାନଙ୍କୁ ହୋଇ ନଥିବ । ଯଦି ଗ୍ରାମର ନମ୍ବରଦାର ଅଥବା ବସ୍ତି ମୁଖିଆ ଅଥବା ଘରର କୌଣସି ସୁଜନ ବ୍ୟକ୍ତି ମରିଯାଏ ତେବେ ଘରବାଲା ଅଥବା ଗ୍ରାମବାସୀଙ୍କୁ କଷ୍ଟ ହୋଇଥାଏ । ଯେ କି ସମଗ୍ର ସଂସାର ପାଇଁ ଆସିଥିଲେ ଏବଂ ସମଗ୍ର ବ୍ରହ୍ମାଣ୍ଡ ପାଇଁ (ପରମ) ଦୟାଳୁ ହୋଇ ଆସିଥିଲେ । ଯେପରିକି ପବିତ୍ର କୁରଆନ୍‌ରେ ବର୍ଣ୍ଣନା ଅଛି:-

وَمَآ اَرْسَلْنٰكَ اِلَّا رَحْمَةً لِّلْعٰلَمِيْنَ (ଅମ୍ବିୟା 21:108)

ଏବଂ ପୁଣି ଅନ୍ୟ ଏକ ସ୍ଥାନରେ ବର୍ଣ୍ଣନା ରହିଛି:-

قُلْ يٰٓاَيُّهَا النَّاسُ اِنِّىْ رَسُوْلُ اللّٰهِ اِلَيْكُمْ جَمِيْعًا

(ଅଲ୍ ଆରଫ୍ 7:159) ଏବଂ ପୁଣି ସେ ନବୀ (ଅବତାର) ଯେ କି ସତ୍ୟ ଏବଂ ନିଷ୍ଠାର ନମୁନା ଦେଖାଇଲେ ଏବଂ ଏପରି ଉତ୍କର୍ଷତାମାନ ଦେଖାଇଲେ । ଯାହାର ଉଦାହରଣ ଦେଖାଯାଉ ନାହିଁ କି ସେ ମୃତ୍ୟୁବରଣ କରିବେ ଏବଂ ତାଙ୍କର ସେହି ପ୍ରାଣ ଉତ୍ସର୍ଗୀକୃତ ଅନୁଗାମୀଗଣଙ୍କ ଉପରେ ପ୍ରଭାବ ପଡ଼ିବ ନାହିଁ, ଯେଉଁମାନେ କି ତାଙ୍କ ପାଇଁ ପ୍ରାଣ ତ୍ୟାଗ କରିବାକୁ ମଧ୍ୟ ସଙ୍କୋଚ ଅବା କୁଣ୍ଠାବୋଧ କରି ନଥିଲେ । ଯେଉଁମାନେ ନିଜ ଭିଟାମାଟିକୁ ତ୍ୟାଗ କଲେ, ସୁଜନ ଏବଂ ପରିଜନମାନଙ୍କ ବିରହ ବିଚ୍ଛେଦ ସହ୍ୟ କଲେ ଏବଂ ତାଙ୍କ ପାଇଁ ସମସ୍ତ ପ୍ରକାରର ଦୁଃଖ ଓ ବିପତ୍ତିକୁ ନିଜ ପାଇଁ ସହୃଦୟରେ ଗ୍ରହଣ କରିନେଲେ । ସାମାନ୍ୟ ଟିକିଏ ବିଚାର ଏବଂ ଅନୁଧ୍ୟାନ ଦ୍ୱାରା ଏହି କଥା ବୁଝି ହୋଇଯାଏ ଯେ, ଯେତିକି ଦୁଃଖ ଓ ଯନ୍ତ୍ରଣା ସେମାନଙ୍କୁ ଏହି ଖିଆଲକୁ କଳ୍ପନା କରିବାରେ ହୋଇପାରିଥାଏ ତାହାର ଅନୁମାନ ଏବଂ ପରିକଳ୍ପନା ଆମ୍ଭେ କରିପାରିବା ନାହିଁ । ସେମାନଙ୍କର ଶାନ୍ତ୍ୱନା ଏବଂ ସନ୍ତୁଷ୍ଟିର କାରଣ ଏହି ଆୟତ୍ ଥିଲା ଯାହା ହଜରତ ଅବୁବକର[ର.ଅ] ପଢ଼ିଥିଲେ । ସର୍ବଶକ୍ତିମାନ

ଅଲ୍ଲାଃ ତାଙ୍କୁ ଉତ୍ତମ ପ୍ରତିଫଳ ପ୍ରଦାନ କରନ୍ତୁ, ସେ ଏପରି ସମ୍ବେଦନଶୀଳ ସମୟରେ ଅନୁଗାମୀମାନଙ୍କୁ ସମ୍ଭାଳି ଥିଲେ । ମୋତେ ଅବଶୋଷ ସହିତ କହିବାକୁ ପଡୁଅଛି ଯେ, କେତେକ ନିର୍ବୋଧ ନିଜର ଚଞ୍ଚଳ ଏବଂ ଅଧୈର୍ଯ୍ୟ ସ୍ୱଭାବ ଯୋଗୁଁ ଏହା କହି ଦିଅନ୍ତି ଯେ, ଏହି ଆୟତଗୁଡ଼ିକ ତ ନିଃସନ୍ଦେହ ଅବୁବକର୍[ର.ଅ] ପଢ଼ିଥିଲେ ପରନ୍ତୁ ହଜରତ ଇସା ମସିହ୍[ଅ.ସ] ଏଥିରୁ ବାହାରେ ରହିଛନ୍ତି । ମୁଁ ଜାଣିପାରୁ ନାହିଁ ଯେ, ଏପରି ମୂର୍ଖମାନଙ୍କୁ ମୁଁ କ'ଣ କହିବି ? ସେମାନେ ମୌଲବୀ କୁହାଇବା ସତ୍ତ୍ୱେ ଏପରି ମୂଢ଼ତାପୂର୍ଣ୍ଣ କଥାମାନ ଉପସ୍ଥାପନ କରି ଦେଉଛନ୍ତି । ସେମାନେ କହୁନାହାଁନ୍ତି ଯେ ଏହି ଆୟତ୍‌ରେ ଏପରି କେଉଁ ଶବ୍ଦ ଅଛି ଯାହା ହଜରତ ଇସା ମସିହ୍ [ଅ.ସ]ଙ୍କୁ ଅଲଗା କରୁଅଛି । ଅଧିକନ୍ତୁ ସର୍ବଶକ୍ତିମାନ ଅଲ୍ଲାଃ ଏଥିରେ କୌଣସି ଯୁକ୍ତି ସାପେକ୍ଷ କଥା ଛାଡ଼ି ହିଁ ନାହାଁନ୍ତି । قدخلت ର ଅର୍ଥ ନିଜେ ହିଁ କରିଦେଲେ –

اَفَاۡئِنۡ مَّاتَ اَوۡ قُتِلَ (ଆଲେ ଇମ୍ରାନ୍ 3:145)

ଯଦି କୌଣସି ତୃତୀୟ ଅଂଶ ମଧ୍ୟ ଏହା ବ୍ୟତୀତ ଥାଏ ତେବେ କାହିଁକି କହି ନଥାନ୍ତେ, اَو رفع بجسدہ العنصری الی السماء କ'ଣ ପରମେଶ୍ୱର ଏହାକୁ ଭୁଲି ଯାଇଥିଲେ ଯେ, ଏମାନେ ମନେ କରାଉଛନ୍ତି ? نعوذ باللہ من ذالك

ଯଦି କେବଳ ଏହି ଆୟତ୍ ଥାଆନ୍ତା ତେବେ ମଧ୍ୟ ପର୍ଯ୍ୟାପ୍ତ ଥିଲା । କିନ୍ତୁ ମୁଁ କହୁଛି, ହଜରତ ମୁହମ୍ମଦ [ସ.ଅ]ଙ୍କ ଜୀବନ ତ ସେମାନଙ୍କୁ ଏତେ ଆପଣାର ଥିଲା ଯେ, ଏଯାବତ୍ ତାଙ୍କ ମୃତ୍ୟୁର ଚର୍ଚ୍ଚା କରି ଏହିମାନେ ମଧ୍ୟ କାନ୍ଦୁଛନ୍ତି । ପୁଣି ଅନୁଗାମୀଗଣଙ୍କ ପାଇଁ ତ ଆହୁରି ମଧ୍ୟ ଯନ୍ତ୍ରଣା ଏବଂ ଅଶ୍ରୁ ସେ ସମୟରେ ସୃଷ୍ଟି ହୋଇଯାଇ ଥିଲା । ମୋ ନିକଟରେ (ପ୍ରକୃତ) ବିଶ୍ୱାସୀ ସେ ହିଁ ହୋଇଥାଏ ଯେ, ହଜରତ ମୁହମ୍ମଦ [ସ.ଅ]ଙ୍କୁ ଅନୁସରଣ କରିଥାଏ ଏବଂ ସେ ହିଁ କୌଣସି ବିଶିଷ୍ଟ ସ୍ଥାନରେ ପହଞ୍ଚିଥାଏ । ଯେପରିକି ସ୍ୱୟଂ ସର୍ବଶକ୍ତିମାନ ପରମେଶ୍ୱର ବର୍ଣ୍ଣନା କରିଛନ୍ତି ।

قُلۡ اِنۡ كُنۡتُمۡ تُحِبُّوۡنَ اللّٰهَ فَاتَّبِعُوۡنِىۡ يُحۡبِبۡكُمُ اللّٰهُ

(ଆଲେ ଇମ୍ରାନ୍ 3:32) ଅର୍ଥାତ୍ କହିଦିଅ ଯେ, ଯଦି ତୁମେମାନେ ଅଲ୍ଲାଃଙ୍କୁ ପ୍ରେମ କରୁଛ ତେବେ ମୋର ଅନୁସରଣ କର ଯଦ୍ୱାରା ପରମେଶ୍ୱର ତୁମମାନଙ୍କୁ

ଭଲ ପାଇବେ । ତେବେ ପ୍ରେମର ଆବଶ୍ୟକ କ'ଣ ? ତାହା ଏହିକି ଯେ, ପ୍ରେମିକର କାର୍ଯ୍ୟାବଳୀ ସହିତ ବିଶେଷ ପ୍ରେମ ହେଉ ଏବଂ ମୃତ୍ୟୁ ଲଭିବା ହଜରତ ମୁହମ୍ମଦ ସ.ଅଙ୍କ ସୁନ୍ନତ (ପଦ୍ଧତି) ଅଟେ । ସେ ମୃତ୍ୟୁବରଣ କରି ଦେଖାଇ ଦେଲେ । ପୁଣି କିଏ ଅଛି ଯେ କି ସର୍ବଦା ଜୀବିତ ରହିବ ? ଅଥବା ଜୀବିତ ରହିବାର ଅଭିଳାଷା କରିବ ? ଅଥବା ଅନ୍ୟ କାହା ପାଇଁ ପ୍ରସ୍ତାବ ଦେବ ଯେ ସେ ଜୀବିତ ରହୁ ? ପ୍ରେମର ଆବଶ୍ୟକତା ତ ଏହିକି ଯେ, ହଜରତ ମୁହମ୍ମଦ ସ.ଅଙ୍କ ଅନୁସରଣରେ ସେ ଏପରି ହଜିଯାଏ କି ନିଜର ଇଚ୍ଛାଗୁଡ଼ିକୁ ଧରି ରଖେ ଏବଂ ଏହା ଭାବିନିଏ କି ମୁଁ କାହା ଉମ୍ମତ୍‌ରେ (ସାମିଲ) ରହିଛି । ଏପରି ପରିସ୍ଥିତିରେ ଯେଉଁ ବ୍ୟକ୍ତି ହଜରତ ଇସା ମସିହ ଅ.ସଙ୍କ ସମ୍ବନ୍ଧରେ ଏହି ଧାରଣା ରଖିଥାଏ ଯେ, ସେ ଏପର୍ଯ୍ୟନ୍ତ ଜୀବିତ ରହିଛନ୍ତି । ସେ ହଜରତ ମୁହମ୍ମଦ ସ.ଅଙ୍କୁ ପ୍ରେମ କରିବାର ଏବଂ (ତାଙ୍କ) ଅନୁଗାମୀ ହୋଇଥିବାର କିପରି ଦାବି କରିପାରିବ ? ଏହା ଏଥିପାଇଁ ଯେ, ହଜରତ ମୁହମ୍ମଦ ସ.ଅଙ୍କ ସମ୍ବନ୍ଧରେ ସେ ସ୍ୱୀକାର କରିନିଏ ଯେ, ଯିଶୁ ମସିହ୍‌ଙ୍କୁ ଶ୍ରେଷ୍ଠତର ବିବେଚନା କରାଯାଉ ଏବଂ ହଜରତ ମୁହମ୍ମଦ ସ.ଅଙ୍କୁ ମୃତ କହି ଦିଆଯାଉ । କିନ୍ତୁ ତାଙ୍କ ପାଇଁ ସେ ଏହା ପସନ୍ଦ କରେ ଯେ, ଜୀବିତ ବିଶ୍ୱାସ କରାଯାଉ ।

(ଅଲ୍ ହକମ୍ ୧୭ସେପ୍ଟେମ୍ବର ୧୯୦୬ମସିହା ପୃ-୨,୩)

ମୁଁ ସତ କହୁଛି; ଯଦି ହଜରତ ମୁହମ୍ମଦସ.ଅ ଜୀବିତ ଥାଆନ୍ତେ ତେବେ ଜଣେ ବ୍ୟକ୍ତି ମଧ୍ୟ ଅବିଶ୍ୱାସୀ ରହି ନ ଥାଆନ୍ତା । ହଜରତ ଇସା ମସିହ ଅ.ସଙ୍କ ଜୀବିତ ରହିବା କି ପରିଣାମ ଦେଖାଇଲା ? କେବଳ ଏହା ଯେ ଚାଳିଶି କୋଟି ଖ୍ରୀଷ୍ଟିଆନ୍ ରହିଛନ୍ତି । ବିଚାର କରି ଦେଖ ଯେ କ'ଣ ତୁମେ ଏହି ଜୀବିତ ରହିବା ଆସ୍ଥାକୁ ପରୀକ୍ଷା କରି ଦେଖିନେଲ ନାହିଁ ? ଏବଂ ପରିଣାମ ଭୟାବହ ହେଲା ନାହିଁ ? ମୁସଲ୍‌ମାନମାନଙ୍କ ମଧ୍ୟରୁ କୌଣସି ଏକ ଗୋଷ୍ଠୀର ନାମ ନିଅ ଯାହା ମଧ୍ୟରୁ କେହି ଖ୍ରୀଷ୍ଟିୟାନ୍ ହୋଇ ନାହାଁନ୍ତି । ମୁଁ କିନ୍ତୁ ନିଶ୍ଚିନ୍ତ ରୂପେ କହିପାରିବି ଏବଂ ଏହା ସମ୍ପୂର୍ଣ୍ଣ ସତ କଥା ଯେ, ସମସ୍ତବର୍ଗର ମୁସଲମାନ, ଖ୍ରୀଷ୍ଟିୟାନ୍ ହୋଇ ସାରିଛନ୍ତି ଏବଂ ସେମାନଙ୍କର ସଂଖ୍ୟା ଏକ ଲକ୍ଷ୍ୟରୁ ମଧ୍ୟ ଉର୍ଦ୍ଧ୍ୱ ହେବ । ଖ୍ରୀଷ୍ଟିୟାନ୍‌ମାନଙ୍କ ହାତରେ ମୁସଲ୍‌ମାନଙ୍କୁ ଖ୍ରୀଷ୍ଟିୟାନ୍ କରବା

ପାଇଁ ଏକମାତ୍ର ଅସ୍ତ୍ର ରହିଛି ଏବଂ **ତାହା ହେଉଛି ଏହି ଜୀବିତ ରହିବା ବିଷୟ ।** ସେମାନେ କହୁଛନ୍ତି ଯେ, ଏହି ବିଶେଷତ୍ୱ ଅନ୍ୟ କାହା ମଧ୍ୟରେ ସାବ୍ୟସ୍ତ କର । ଯଦି ସେ ଈଶ୍ୱର ନୁହଁନ୍ତି ତେବେ କାହିଁକି ତାଙ୍କୁ ଏହି ବିଶେଷତ୍ୱ ଦିଆଗଲା ? ସେ **ସଦା ଜୀବିତ ଏବଂ ଚିରସ୍ଥାୟୀ ।** (ଏଥିପାଇଁ ମୁଁ ପରମେଶ୍ୱରଙ୍କ ଶରଣ ଚାହୁଁଛି) ଏହି ଜୀବିତ ରହିବା ସମସ୍ୟା ସେମାନଙ୍କୁ ନିର୍ଭିକ କରିଦେଲା ଏବଂ ସେମାନେ ମୁସଲ୍‌ମାନମାନଙ୍କ ଉପରେ ଏପରି ଆକ୍ରମଣ କଲେ ଯାହାର ପରିଣାମ ମୁଁ ଜଣାଇ ସାରିଛ ଏବେ ଏହାର ମୁକାବିଲାରେ ଯଦି ତୁମ୍ଭେ ପାଦ୍ରୀମାନଙ୍କ ଉପରେ ଏହା ସିଦ୍ଧ କରିଦିଅ ଯେ, ଯିଶୁ ମସିହ୍ ମରି ଯାଇଛନ୍ତି ତେବେ ଏହାର ପରିଣାମ କ'ଣ ହେବ ? ମୁଁ ବଡ଼ ବଡ଼ ପାଦ୍ରୀମାନଙ୍କୁ ପଚାରିଛି । ସେମାନେ କହିଛନ୍ତି; ଯଦି ଏହା ସିଦ୍ଧ ହୋଇଯାଏ ଯେ, ଯିଶୁ ମସିହ୍ ମରି ଯାଇଛନ୍ତି ତେବେ ଆମ ଧର୍ମ ଜୀବିତ ରହିପାରିବ ନାହିଁ ।

ଆଉ ଏକ ବିଚାରଯୋଗ୍ୟ କଥା ଏହି ଯେ, ଯିଶୁ ମସିହ୍‌ଙ୍କ ଜୀବିତ ରହିବାର ଆସ୍ଥାକୁ ତ ଆପଣମାନେ ପରୀକ୍ଷା କଲେ ଏବେ ଟିକିଏ ତାହାଙ୍କ ମୃତ୍ୟୁର ମଧ୍ୟ ପରୀକ୍ଷା କର ଏବଂ ଦେଖ ଖ୍ରୀଷ୍ଟଧର୍ମ ଉପରେ ଏହି ଆସ୍ଥାକୁ କିପରି ଆଘାତ ଲାଗୁଛି । ଯେଉଁଠାରେ ବି ମୋର କୌଣସି ଅନୁଗାମୀ ଖ୍ରୀଷ୍ଟିୟମାନଙ୍କ ସହ ଏହି ବିଷୟରେ ବାର୍ତ୍ତାଳାପ କରିବା ପାଇଁ ଛିଡ଼ା ହୁଏ ସେମାନେ ତତ୍‌କ୍ଷଣାତ ମନା କରିଦିଅନ୍ତି । ଏଥିପାଇଁ କି ସେମାନେ ଜାଣିଛନ୍ତି ଯେ, ଏହି ମାର୍ଗରେ ସେମାନଙ୍କର ମୃତ୍ୟୁ ନିକଟତର । ମୃତ୍ୟୁ ବିଷୟରେ ନା ତ ସେମାନଙ୍କର ପ୍ରାୟଶ୍ଚିତ ସାବ୍ୟସ୍ତ ହେବ ଏବଂ ନା ସେମାନଙ୍କର ଈଶ୍ୱରତ୍ୱ ଏବଂ ନା ପୁତ୍ର ହେବା । ସୁତରାଂ ଏହି ବିଷୟକୁ କିଛିଦିନ ପର୍ଯ୍ୟନ୍ତ ପରୀକ୍ଷା କର । ପୁଣି ଛାଏଁ ବାସ୍ତବିକତା ଖୋଲିଯିବ ।

ପବିତ୍ର କୁରଆନ୍ ଓ ହଦିସ୍‌ମାନଙ୍କରେ ଏହି ପ୍ରତିଶୃତି ଥିଲା ଯେ, ଇସଲାମ୍ ବ୍ୟାପିଯିବ ଏବଂ ତାହା ଅନ୍ୟ ଧର୍ମମାନ ଉପରେ ବିଜୟୀ ହୋଇଯିବ ଏବଂ କ୍ରୁଶ ଭଙ୍ଗାଯିବ । ଏବେ ବିଚାର ଯୋଗ୍ୟ କଥା ଏହା ଯେ, ସଂସାର ତ କ୍ରିୟା ଏବଂ ପ୍ରତିକ୍ରିୟାର ଭୂମି । ଜଣେ ବ୍ୟକ୍ତି ଯଦି ଅସୁସ୍ଥ ଥାଏ ତେବେ ଏଥିରେ କୌଣସି ସନ୍ଦେହ ନାହିଁ ଯେ, ସର୍ବଶକ୍ତିମାନ ଅଲ୍ଲାଃ ହିଁ ତାକୁ ସୁସ୍ଥ

କରିଥାନ୍ତି କିନ୍ତୁ ଏଥିପାଇଁ ଔଷଧଗୁଡ଼ିକରେ ପ୍ରଭାବମାନ ମଧ୍ୟ ସେ ହିଁ ରଖି ଦେଇଛନ୍ତି । ଯେତେବେଳେ କୌଣସି ଔଷଧ ଦିଆଯାଏ ତେବେ ତାହା ଫଳପ୍ରଦ ସାବ୍ୟସ୍ତ ହୋଇଥାଏ । ଶୋଷ ଲାଗିଥିଲେ ତାହାର ତୃଷ୍ଣା ନିବାରକ ତ ସର୍ବଶକ୍ତିମାନ ଅଲ୍ଲାଃ । କିନ୍ତୁ ଏଥିପାଇଁ ପାନିୟ ମଧ୍ୟ ସେ ହିଁ ନିର୍ଦ୍ଧାରିତ କରିଛନ୍ତି । ସେହିପରି ଭୋକ ଲାଗିଲେ ତାକୁ ଦୂର କଲାବାଲା ସେ ହିଁ ଅଟନ୍ତି କିନ୍ତୁ ଖାଦ୍ୟ ମଧ୍ୟ ସେ (ଅଲ୍ଲାଃ) ହିଁ ନିର୍ଦ୍ଧାରିତ କରିଛନ୍ତି । ଏହି ପ୍ରକାରର ଇସଲାମ୍‌ର ବିଜୟ ଏବଂ କ୍ରୁଶଭଙ୍ଗ ତ ହେବ ଯାହା ସେ ନିଶ୍ଚିତ କରିଛନ୍ତି । କିନ୍ତୁ ସେଥିପାଇଁ ସେ କ୍ରିୟା-ପ୍ରତିକ୍ରିୟା ନିର୍ଦ୍ଧାରିତ କରିଛନ୍ତି ଏବଂ ଗୋଟିଏ ନିୟମ ନିର୍ଦ୍ଦିଷ୍ଟ କରିଛନ୍ତି । ସେଥିପାଇଁ ପୂର୍ଣ୍ଣ ସହମତି ସହ ପବିତ୍ର କୁରଆନ୍ ଓ ହଦିସ୍‌ଗୁଡ଼ିକର ଆଧାରରେ ଏକଥା ସ୍ୱୀକାର କରି ନିଆଯାଇଛି ଯେ, ଅନ୍ତିମ ଯୁଗରେ ଯେତେବେଳେ ଖ୍ରୀଷ୍ଟଧର୍ମର ପ୍ରଭୁତ୍ୱ ହେବ ସେତେବେଳେ (ପ୍ରତିଶୃତ) ମସିହ ମଉଦ୍‌ଙ୍କ ହାତରେ ଇସ୍‌ଲାମର ବିଜୟ ହେବ ଏବଂ ସେ ଦଜ୍ଜାଲ୍ (ମିଥ୍ୟାବାଦୀ)କୁ ହତ୍ୟା କରିବ ଏବଂ କ୍ରୁଶକୁ ଭାଙ୍ଗି ଦେବ । ସେ ଯୁଗ ଅନ୍ତିମ ଯୁଗ ହେବ । ନୱାବ ସିଦ୍ଦୀକ୍ ହସନ୍ ଖାନ୍ ଏବଂ ଅନ୍ୟ ମାନ୍ୟବର ବ୍ୟକ୍ତିଗଣ, ଯେଉଁମାନେ ଅନ୍ତିମ ଯୁଗ ବିଷୟରେ ପୁସ୍ତକମାନ ଲେଖିଛନ୍ତି; ସେମାନେ ମଧ୍ୟ ଏହି କଥାକୁ ସ୍ୱୀକାର କରିଛନ୍ତି ଏବେ ଏହି ଭବିଷ୍ୟବାଣୀ ପୂର୍ଣ୍ଣ ହେବା ପାଇଁ ମଧ୍ୟ ତ କୌଣସି କାରଣ ଏବଂ ମାଧ୍ୟମ ଥିବ । କାରଣ ସର୍ବଶକ୍ତିମାନ ଅଲ୍ଲାଃଙ୍କର ଏହା ରୀତି ଯେ ସେ ଭୌତିକ ସାମଗ୍ରୀଗୁଡ଼ିକରୁ କାମ ନେଇଥାଆନ୍ତି । ଔଷଧଗୁଡ଼ିକରୁ ରୋଗ ଦୂର କରିଥାଏ ଏବଂ ଖାଦ୍ୟ ପଦାର୍ଥଗୁଡ଼ିକ ତଥା ପାଣି ଦ୍ୱାରା ଭୋକ ଶୋଷର ନିବାରଣ କରିଥାଏ । ଏହି ପ୍ରକାରରେ ଏବେ ଯେବେ କି ଖ୍ରୀଷ୍ଟଧର୍ମର ଆଧିପତ୍ୟ ହୋଇଯାଇଛି ଏବଂ ସମସ୍ତ ବର୍ଗର ମୁସଲ୍‌ମାନ ଏହି ସମୂହରେ ସାମିଲ ହୋଇସାରିଛନ୍ତି । ସର୍ବଶକ୍ତମାନ ଅଲ୍ଲାଃ ଚାହିଁଲେ ଯେ, ଇସ୍‌ଲାମକୁ ନିଜ ପ୍ରତିଶୃତି... ଅନୁସାରେ ବିଜୟୀ କରିବେ । ଏଥିପାଇଁ ନିଶ୍ଚିତ କୌଣସି ମାଧ୍ୟମ ଓ ଉପାୟ ଥିବ ଏବଂ ତାହା ହେଉଛି ଏହି **ଯିଶୁ ମସିହ୍‌ଙ୍କ ମୃତ୍ୟୁ ରୂପକ ହତିଆର ।** ଏହି ଅସ୍ତ୍ର ମାଧ୍ୟମରେ କ୍ରୁଶୀୟ ଧର୍ମ ଉପରେ ମୃତ୍ୟୁ ଆସିବ ଏବଂ ସେମାନଙ୍କର ଅଣ୍ଟା ଭାଙ୍ଗିଯିବ । ମୁଁ ସତ୍ୟ କହୁଅଛି ଯେ ଏବେ ଖ୍ରୀଷ୍ଟିୟ ଭ୍ରାନ୍ତିଗୁଡ଼ିକୁ ଦୂର କରିବା ପାଇଁ ଏହା ଠାରୁ ବଳି ଆଉ କ'ଣ ଉପାୟ

ହୋଇପାରେ ଯେ ଯିଶୁ ମସିହ୍‌ଙ୍କ ମୃତ୍ୟୁ ସିଦ୍ଧ କରାଯାଉ । ନିଜ ଗୃହମାନଙ୍କରେ ଏହି ବିଷୟବସ୍ତୁ ଉପରେ ବିଚାର କରନ୍ତୁ ଏବଂ ଏକାନ୍ତରେ ବିଛଣା ଉପରେ ଶୋଇ ଚିନ୍ତା କରନ୍ତୁ । ବିରୋଧ କରିବା ସମୟରେ ତ ଉତ୍ତେଜନା ଆସିଥାଏ । ଧର୍ମନିଷ୍ଠ ସ୍ୱଭାବ ବ୍ୟକ୍ତି କିନ୍ତୁ ପରେ ଚିନ୍ତା କରିଥାଏ । ଦିଲ୍ଲୀରେ ଯେତେବେଳେ ମୁଁ ଭାଷଣ ଦେଇଥିଲି ସେତେବେଳେ ଧର୍ମନିଷ୍ଠ ସ୍ୱଭାବର ଲୋକେ ସ୍ୱୀକାର କରିନେଲେ ଏବଂ ସେହିଠାରେ କହିଉଠିଲେ; ନିଃସନ୍ଦେହ ରୂପେ ହଜରତ ଇସା ମସିହ୍‌ଙ୍କ ଉପାସନାର ସ୍ତମ୍ଭ ହେଉଛି ତାଙ୍କର ଜୀବିତ ରହିବା । ଯେତେବେଳ ପର୍ଯ୍ୟନ୍ତ ଏହା ନ ଭାଙ୍ଗେ ଇସଲାମ୍ ନିମନ୍ତେ ଦ୍ୱାର ଖୋଲିବ ନାହିଁ । ଅଧିକନ୍ତୁ ଏଥିରୁ ଖ୍ରୀଷ୍ଟଧର୍ମକୁ ସହାୟତା ମିଳିଥାଏ । ଯେଉଁମାନେ ତାଙ୍କର ଜୀବିତ ରହିବାକୁ ପସନ୍ଦ କରୁଛନ୍ତି ସେମାନଙ୍କୁ ଚିନ୍ତା କରିବା ଦରକାର ଯେ, ଦୁଇଟି ସାକ୍ଷୀମାନଙ୍କ ଉପସ୍ଥିତିରେ ଫାଶୀ ଦଣ୍ଡ ମିଳିଯାଇଥାଏ କିନ୍ତୁ ଏଠାରେ ଏତେ ଗୁଡ଼ିଏ ପ୍ରାଣୀ ଉପଲବ୍ଧ ତଥାପି ସେମାନେ ପୂର୍ବବତ୍ ଅସ୍ୱୀକାର କରିଚାଲିଛନ୍ତି । ସର୍ବଶକ୍ତିମାନ ଅଲ୍ଲାଃ ପବିତ୍ର କୁରଆନ୍‌ରେ ବର୍ଣ୍ଣନା କରୁଛନ୍ତି:-

يٰعِيْسٰۤى اِنِّىْ مُتَوَفِّيْكَ وَرَافِعُكَ اِلَىَّ (ଆଲେ ଇମ୍ରାନ୍ 3:56)

ଏବଂ ପୁଣି ହଜରତ ମସିହ୍ ଅ.ସଙ୍କ ସ୍ୱୀକୃତି ଏହି ପବିତ୍ର କୁରଆନ୍‌ରେ ରହିଛି ଯେ, فَلَمَّا تَوَفَّيْتَنِىْ كُنْتَ اَنْتَ الرَّقِيْبَ عَلَيْهِمْ

(ମାଏଦାଃ 5:118)

ଏବଂ ତଓ୍ୱଫାର ଅର୍ଥ ମୃତ୍ୟୁ ମଧ୍ୟ ପବିତ୍ର କୁରଆନ୍‌ରୁ ହିଁ ସାବ୍ୟସ୍ତ । କାରଣ ଏହି ଶବ୍ଦ ମୁହମ୍ମଦ ସ.ଅଙ୍କ ପ୍ରତି ମଧ୍ୟ ଆସିଅଛି, ଯେପରିକି ବର୍ଣ୍ଣନା ରହିଛି-

وَاِمَّا نُرِيَنَّكَ بَعْضَ الَّذِىْ نَعِدُهُمْ اَوْ نَتَوَفَّيَنَّكَ

(ୟୁନୁସ୍ 10:47) ଏବଂ ହଜରତ ମୁହମ୍ମଦ ସ.ଅ କହିଛନ୍ତି ଯାହାର ଅର୍ଥ ମୃତ୍ୟୁ ହିଁ ଅଟେ । ଏବଂ ଏହି ରୂପେ ହଜରତ ୟୁସୁଫ୍ ଅ.ସ ତଥା ଅନ୍ୟମାନଙ୍କ ପାଇଁ ମଧ୍ୟ ଏହି ଶବ୍ଦ ଆସିଅଛି । ଅତଏବ ଏହି ସ୍ଥିତିରେ ଏହାର ଅନ୍ୟ କୌଣସି ଅର୍ଥ କିପରି ହୋଇପାରିବ ? ଯିଶୁ ମସିହ୍‌ଙ୍କ ମୃତ୍ୟୁ ଉପରେ ଏହା ଏକ ଅତି ବଳିଷ୍ଠ ପ୍ରମାଣ ।

ଏତଦ୍ ବ୍ୟତୀତ ହଜରତ ମୁହମ୍ମଦ[ସ.ଅ] ମେରାଜ ରାତ୍ରିରେ ହଜରତ ଇସା [ଅ.ସ]ଙ୍କୁ ମୃତକମାନଙ୍କ ମଧ୍ୟରେ ଦେଖିଥିଲେ । ମେରାଜର ହଦିସ୍‌କୁ ତ କେହି ଅସ୍ୱୀକାର କରିପାରିବେ ନାହିଁ । ତାହାକୁ ଖାଲି ଦେଖିନିଅ ଯେ କ'ଣ ସେଥିଲେ ହଜରତ ଯିଶୁ ମସିହ୍‌ଙ୍କର ବର୍ଣ୍ଣନା ମୃତକଙ୍କ ସହିତ ଆସିଛି ଅଥବା ଅନ୍ୟ କୌଣସି ପ୍ରକାରେ ଯେପରି ସେ (ହଜରତ ମୁହମ୍ମଦ[ସ.ଅ]) ହଜରତ ଇବ୍ରାହିମ[ଅ.ସ], ମୁସା [ଅ.ସ]ଙ୍କୁ ଦେଖିଥିଲେ ସେହିପରି ସେ ହଜରତ ଇସା ମସିହ୍‌ଙ୍କୁ ଦେଖିଥିଲେ । ସେମାନଙ୍କ ମଧ୍ୟରେ କୌଣସି ବିଶେଷତା ଏବଂ ପାର୍ଥକ୍ୟ ନଥିଲା । ଏହି କଥାରୁ ତ କେହି ଅସ୍ୱୀକାର କରିପାରିବେ ନାହିଁ ଯେ, ହଜରତ ମୁସା[ଅ.ସ], ଇବ୍ରାହିମ[ଅ.ସ] ଓ ଅନ୍ୟାନ୍ୟ ଅବତାରଗଣ ମୃତ୍ୟୁବରଣ କରିସାରିଛନ୍ତି ଏବଂ ମୃତ୍ୟୁଦାତା ସେମାନଙ୍କୁ ପରଲୋକରେ ପହଞ୍ଚାଇ ସାରିଲେଣି । ତେବେ ଏକ ଜୀବନ୍ତ ବ୍ୟକ୍ତି ପାର୍ଥିବ ଶରୀର ସହ ସେମାନଙ୍କ ମଧ୍ୟକୁ କିପରି ଚାଲିଗଲା ? ଏହି ସାକ୍ଷ୍ୟମାନ ଅଳ୍ପ ନୁହେଁ । ଏକ ସତ୍ୟବାଦୀ ମୁସଲ୍‌ମାନ ପାଇଁ ଏଗୁଡ଼ିକ ଯଥେଷ୍ଟ ।

ପୁନଶ୍ଚ ଅନ୍ୟ ହଦିସ୍‌ଗୁଡ଼ିକରେ ହଜରତ ଇସା [ଅ.ସ]ଙ୍କ ବୟସ ୧୨୦ କିମ୍ବା ୧୨୫ବର୍ଷ ବର୍ଣ୍ଣନା କରାଯାଇଅଛି । ଏହିସବୁ ପ୍ରସଙ୍ଗକୁ ଏକତ୍ର ରୂପେ ଦୃଷ୍ଟି ପକାଇବା ପରେ ଏହି କଥା ନୈତିକତା ବିରୁଦ୍ଧ ଥିଲା ଯେ, ଚଟାପଟ ଏ ନିଷ୍ପତ୍ତି ନିଆଯାଇ ଥାଆନ୍ତା କି ଯିଶୁ ମସିହ୍ ଜୀବିତ ରୂପେ ଆକାଶକୁ ଚାଲିଯାଇଛନ୍ତି ଏବଂ ପୁଣି ତାହାର କୌଣସି ଉଦାହରଣ ମଧ୍ୟ ନାହିଁ । ବୁଦ୍ଧି ମଧ୍ୟ ଏହା କହୁଛି କିନ୍ତୁ ଦୁଃଖ ଏହିକି ଯେ, ଲୋକମାନେ ଟିକିଏ ମଧ୍ୟ ବିଚାର କଲେ ନାହିଁ । ଈଶ୍ୱର ଭୟକୁ ଭ୍ରୂକ୍ଷେପ ନକରି ତୁରନ୍ତ ମୋତେ ଦଜ୍ଜାଲ୍ (ପ୍ରତାରକ) କହିଦେଲେ । ଚିନ୍ତାଯୋଗ୍ୟ କଥା ଏହିକି ଯେ କ'ଣ ଏହା ଛୋଟ କଥା ଥିଲା ? ହା'ୟ ! ଅବଶୋଷ ।

ପୁଣି ଯେତେବେଳେ କୌଣସି ଉପାୟ ମିଳିଲା ନାହିଁ ତେବେ କହୁଛନ୍ତି କି ମଧ୍ୟବର୍ତ୍ତୀ ସମୟରେ ଇଜ୍‌ମା (କୌଣସି ଏକ ବିଷୟରେ ଏକମତ ହେବା) ହୋଇସାରିଛି । ମୁଁ କହୁଅଛି କେବେ ? ବାସ୍ତବ ଇଜ୍‌ମା (ସହମତି) ତ ସାହାବା [ର.ଅ]ଙ୍କର ଇଜ୍‌ମା ଥିଲା । ଯଦି ଏହାପରେ ଇଜ୍‌ମା ହୋଇଛି ତେବେ ଏବେ ବିଭିନ୍ନ ଗୋଷ୍ଠୀଗୁଡ଼ିକୁ ଏକତ୍ରିତ କରି ଦେଖାଅ । ମୁଁ ସତ କହୁଅଛି ଯେ, ଏହା

ସମ୍ପୂର୍ଣ୍ଣ ଭୁଲ କଥା ଅଟେ । ଯିଶୁ ମସିହ୍ ଅ.ସ ଙ୍କ ଜୀବିତ ରହିବା ଉପରେ କେବେ ବି ଇଜ୍‌ମା ହୋଇ ନାହିଁ । ଏମାନେ ପୁସ୍ତକଗୁଡ଼ିକୁ ପଢ଼ି ନାହାଁନ୍ତି ଅନ୍ୟଥା ସେମାନେ ଜାଣିପାରିଥାନ୍ତେ ଯେ, ସୁଫୀ ମୃତ୍ୟୁର ସ୍ୱୀକାରୀ ଏବଂ ସେମାନେ ତାଙ୍କର ପୁନଃ ଆଗମନ ନୂତନ ରୂପରେ ହେବାକୁ ସ୍ୱୀକାର କରନ୍ତି । ବସ୍ତୁତଃ ଯେପରି ମୁଁ ଅଲ୍ଲାଃଙ୍କ ପ୍ରଶଂସା କରିଥାଏ ସେହିପରି ହଜରତ ମୁହମ୍ମଦ ସ.ଅ ଙ୍କ ପାଇଁ ଦରୁଦ୍ ପ୍ରେରଣ କରୁଅଛି । କାରଣ ଆପଣ ସ.ଅ ସକାଶେ ହିଁ ଐଶ୍ୱର୍ଯ୍ୟମୟ ଅଲ୍ଲାଃ ଏହି ଜମାଅତର ସ୍ଥାପନ କଲେ ଏବଂ ଆପଣ ସ.ଅ ଙ୍କ କୃପା ଓ କଲ୍ୟାଣର ପରିଣାମ ସ୍ୱରୂପ (ଆମମାନଙ୍କୁ) ଏସମସ୍ତ ସାହାଯ୍ୟ (ଲାଭ) ହେଉଅଛି । ମୁଁ ଖୋଲାଖୋଲି ଭାବରେ କହୁଅଛି ଏବଂ ଏହା ମୋର ଦୃଢ଼ଧାରଣା ଓ ବିଶ୍ୱାସ ଯେ, **ହଜରତ ମୁହମ୍ମଦ ସ.ଅ ଙ୍କ ଆଜ୍ଞାଧୀନତା ଏବଂ ପଦାଙ୍କ ଅନୁସରଣ** ବିନା ମନୁଷ୍ୟ କୌଣସି ଆଧ୍ୟାତ୍ମିକ ଆଶିଷ ଏବଂ କୃପା ଲାଭ କରିପାରିବ ନାହିଁ ।

ପୁଣି ଏଥି ସହିତ ଆଉ ଏକ କଥା ଉଲ୍ଲେଖନୀୟ ରହିଛି । ଯଦି ମୁଁ ତାହାକୁ ବର୍ଣ୍ଣନା ନକରେ ତେବେ ଅକୃତଜ୍ଞତା ହେବ । ତାହା ଏହିକି ଯେ, ସର୍ବଶକ୍ତିମାନ ଅଲ୍ଲାଃ ଆମମାନଙ୍କୁ ଏପରି ସାମ୍ରାଜ୍ୟ ଏବଂ ଶାସନ କାଳରେ ଜନ୍ମ ଦେଇଛନ୍ତି ଯେ କି ଆମକୁ ସମସ୍ତ ପ୍ରକାରର ଶାନ୍ତି ପ୍ରଦାନ କରୁଅଛି ଏବଂ ଯେ କି ଆମକୁ ନିଜ ଧର୍ମର ପ୍ରଚାର ଏବଂ ପ୍ରସାର ପାଇଁ ପୂର୍ଣ୍ଣ ସ୍ୱାଧୀନତା ଦେଇଅଛି ଏବଂ ଏହି ଶୁଭଙ୍କର ସମୟରେ ଆମମାନଙ୍କୁ ସମସ୍ତ ପ୍ରକାରର ସାଧନ ଉପଲବ୍ଧ । ଏହାଠାରୁ ବଳି ଆଉ କ'ଣ ସ୍ୱାଧୀନତା ହେବ ଯେ, ଆମେ ଖ୍ରୀଷ୍ଟଧର୍ମର ଖଣ୍ଡନ ଜୋର୍‌ଦାର ରୂପେ କରୁଅଛେ ଏବଂ କେହି ପ୍ରଶ୍ନ କରୁ ନାହିଁ । କିନ୍ତୁ ଏଥିପୂର୍ବରୁ ଗୋଟିଏ ସମୟ ଥିଲା ଏବଂ ସେହି ସମୟକୁ ଦେଖିଲାବାଲା ଏପର୍ଯ୍ୟନ୍ତ ଜୀବିତ ଅଛନ୍ତି । ସେ ସମୟରେ ଏପରି ଅବସ୍ଥା ଥିଲା ଯେ କୌଣସି ମୁସଲ୍‌ମାନ ନିଜ ମସ୍‌ଜିଦ୍‌ରେ ଅଜାନ୍ ଟିକିଏ ମଧ୍ୟ ଦେଇପାରୁ ନଥିଲା । ଅନ୍ୟ କଥାଗୁଡ଼ିକର ଆଲୋଚନା ହିଁ କ'ଣ? ହଲାଲ୍ (ବୈଧ) ବସ୍ତୁଗୁଡ଼ିକୁ ଖାଇବାକୁ ବାରଣ କରିଦିଆ ଯାଉଥିଲା । କୌଣସି ତଦନ୍ତ ନିୟମ ଅନୁଯାୟୀ ହେଉନଥିଲା କିନ୍ତୁ ଏହା ସର୍ବଶକ୍ତିମାନ ଅଲ୍ଲାଃଙ୍କର ଅଶେଷ କୃପା ଏବଂ ଦୟା ଯେ ଏପରି ଏକ ସାମ୍ରାଜ୍ୟ ଅଧୀନରେ ରହିଛୁ ଯେ କି ଏହି ସମସ୍ତ

ଦୋଷଗୁଡ଼ିକ ଠାରୁ ପବିତ୍ର । ଅର୍ଥାତ୍ ଇଂରେଜ ସରକାର ଯେ କି ଶାନ୍ତିପ୍ରିୟ ଯାହାର ଧର୍ମଗୁଡ଼ିକ ମଧ୍ୟରେ ଥିବା ମତଭେଦରେ କୌଣସି ପ୍ରକାରର ଆପତ୍ତି ନାହିଁ, ଯାହାର ଏହି କାନୁନ୍ ରହିଛି ଯେ ପ୍ରତ୍ୟେକ ଧର୍ମାବଲମ୍ବୀ ସ୍ୱାଧୀନତା ସହ ନିଜ ଧର୍ମର ନୀତିନିୟମ ପାଳନ କରୁ । ଯେହେତୁ ସର୍ବଶକ୍ତିମାନ ଅଲ୍ଲାଃ ଏହା ମନସ୍ଥ କଲେ ଯେ, ମୋର ପ୍ରଚାର ସବୁ ଯାଗାରେ ପହଞ୍ଚିଯାଉ । ସେଥିପାଇଁ ସେ ଅଲ୍ଲାଃ ମୋତେ ଏହି ସାମ୍ରାଜ୍ୟରେ ଜନ୍ମଦେଲେ । ଯେପରି ହଜରତ ମୁହମ୍ମଦ[ସ.ଅ] ନୌଶେରୱାଁ ସାମ୍ରାଜ୍ୟର ସମୟ ଉପରେ ଗର୍ବ କରୁଥିଲେ ସେହିପରି ମୋତେ ଏହି ସାମ୍ରାଜ୍ୟ ଉପରେ ଗର୍ବ ରହିଛି । ଏହା ବିଧିବଦ୍ଧ କଥା ଯେ, ଈଶ୍ୱରଙ୍କ ଅବତାର ଯେହେତୁ ନ୍ୟାୟ ଏବଂ ସତ୍ୟତା ଆଣିଥାଏ ସେଥିପାଇଁ ସେ ଈଶ୍ୱରଙ୍କ ଅବତାର ହୋଇ ଆସିବା ପୂର୍ବରୁ ନ୍ୟାୟ ଏବଂ ସତ୍ୟତାର ପ୍ରାରମ୍ଭ ହେବାକୁ ଲାଗିଥାଏ । ମୋର ବିଶ୍ୱାସ ଯେ, ସେହି ରୋମୀୟ ସାମ୍ରାଜ୍ୟ ଠାରୁ ଯାହା ଯିଶୁ ମସିହ୍ଙ୍କ ଯୁଗରେ ଥିଲା । ଏହି ସାମ୍ରାଜ୍ୟ ସମସ୍ତ ଦିଗରୁ ଶ୍ରେଷ୍ଠ ଓ ଉତ୍ତମ । ଯଦିଓ ଏହାର ଏବଂ ତାହାର ନିୟମ ଏକା ପ୍ରକାରର କିନ୍ତୁ ନ୍ୟାୟପୂର୍ଣ୍ଣ କଥା ଏହିକି ଯେ, ଏହି ସାମ୍ରାଜ୍ୟର ନିୟମ କାନୁନ କାହା ଅଧୀନସ୍ଥ ନୁହେଁ ଏବଂ ତୁଳନାତ୍ମକ ଦୃଷ୍ଟିରେ ଦେଖିଲେ ଜ୍ଞାତ ହେବ ଯେ, ରୋମୀୟ ଶାସନ ମଧ୍ୟରେ ନିଶ୍ଚିତ ରୂପେ ହିଂସ୍ର ପ୍ରବଣତାର ଅଂଶ ରହିଛି । କିନ୍ତୁ ଏହା ଭୀରୁତା ଥିଲା ଯେ, ଇହୁଦୀମାନଙ୍କ ଭୟରେ ଈଶ୍ୱରଙ୍କ ପବିତ୍ର ଏବଂ ମନୋନୀତ ମସିହ୍ ସ୍ୱରୂପ ବ୍ୟକ୍ତିଙ୍କୁ ହାଜତ୍ ପଠାଇ ଦିଆଗଲା । ଏହି ପ୍ରକାରର ମକଦ୍ଦମା ମୋ ଉପରେ ମଧ୍ୟ ହୋଇଥିଲା, ମସିହ୍ [ଅ.ସ]ଙ୍କ ବିରୁଦ୍ଧରେ ତ ଇହୁଦୀମାନେ ମକଦ୍ଦମା କରିଥିଲେ କିନ୍ତୁ ଏ ଶାସନ କାଳରେ ମୋ ବିରୁଦ୍ଧରେ ଯିଏ ମକଦ୍ଦମା କରିଥିଲା ସେ ଏକ ସମ୍ମାନିତ ପାଦ୍ରୀ ଥିଲା ଏବଂ ଡ଼ାକ୍ତର ମଧ୍ୟ ଥିଲା । ଅର୍ଥାତ୍ ଡ଼ାକ୍ତର ମାରଟିନ୍ କ୍ଲାର୍କ ଥିଲା, ଯେ କି ମୋ ଉପରେ ହତ୍ୟା କରିଥିବାର ମକଦ୍ଦମା ଦାୟର୍ କଲା ଏବଂ ଏଥିପାଇଁ ସେ ପୁରା ସାକ୍ଷ୍ୟ ମଧ୍ୟ ଉପଲବ୍ଧ କରାଇଲା ଏପରିକି ମୌଲବୀ ଅବୁ ସୟୀଦ ମୁହମ୍ମଦ ହୁସେନ୍ ବଟାଲଭ଼ୀ ମଧ୍ୟ ଯେ କି ଏହି ସମ୍ପ୍ରଦାୟର ପ୍ରଚଣ୍ଡ ଶତ୍ରୁ, ସାକ୍ଷୀ ଦେବା ପାଇଁ ସେ କଚେରୀକୁ ଆସିଲା ଏବଂ ଯେତେ ପର୍ଯ୍ୟନ୍ତ ତାହାଠାରୁ ସମ୍ଭବ ହୋଇପାରିଲା ସେ ମୋ ବିରୁଦ୍ଧରେ ସାକ୍ଷୀ ଦେଲା ଏବଂ ସମ୍ପୂର୍ଣ୍ଣ ରୂପେ ମୋ ବିରୁଦ୍ଧରେ ମକଦ୍ଦମା

ସାବ୍ୟସ୍ତ କରିବା ପାଇଁ ଚେଷ୍ଟା କଲା । ଏହି ମକଦ୍ଦମା କପ୍ତାନ ଡ଼ଗଲସ୍ ଡ଼ିପ୍ଟି କମିଶନର୍ ଗୁରୁଦାସପୁରଙ୍କ ବିଚାରାଳୟରେ ଥିଲା ଯେ ବୋଧହୁଏ ଏବେ ଶିମ୍‌ଲାରେ ଅଛନ୍ତି । (ଅଲ୍ ହକମ୍ ୨୪ସେପ୍ଟେମ୍ବର ୧୯୦୬ମସିହା ପୃ-୪,୫)

ତାଙ୍କ ସମ୍ମୁଖରେ ମକଦ୍ଦମା ସମ୍ପୂର୍ଣ୍ଣ ରୂପରେ ଗଢ଼ି ଦିଆଗଲା ଏବଂ ମୋ ବିରୁଦ୍ଧରେ ସମସ୍ତ ସାକ୍ଷ୍ୟମାନ ବଡ଼ ଜୋର୍‌ଦାର ରୂପେ ଦିଆଗଲା । ଏପରି ଅବସ୍ଥା ଏବଂ ସ୍ଥିତିରେ କୌଣସି ବିଚାରବନ୍ତ ଆଇନଜ୍ଞ ମଧ୍ୟ କହିପାରି ନଥାନ୍ତା ଯେ, ମୁଁ ଛାଡ଼ ପାଇଯିବି । ସମୟର ଆବଶ୍ୟକତା ଏବଂ ପରିସ୍ଥିତିଗୁଡ଼ିକ ଏପରି ଘଟି ସାରିଥିଲା ଯେ ମୋତେ ଫୌଜଦାରୀ ଅଦାଲତ୍ ପଠାଇ ଦିଆଯାଇଥାନ୍ତା ଏବଂ ସେଠାରୁ ଫାଶୀର ଆଦେଶ ମିଳିଥାନ୍ତା ଅଥବା କଳାପାଣିର ଦଣ୍ଡ ମିଳିଥାନ୍ତା । କିନ୍ତୁ ଈଶ୍ୱର ମକଦ୍ଦମା ପୂର୍ବରୁ ଯେପରି ମୋତେ ଜଣାଇ ଦେଇଥିଲେ ସେହିପରି ଏକଥା ମଧ୍ୟ ଘଟଣା ପୂର୍ବରୁ ପ୍ରକାଶ କରି ଦେଇଥିଲେ ଯେ, ମୁଁ ନିର୍ଦ୍ଦୋଶରେ ଖଲାସ ହୋଇଯିବି । ଅତଏବ ଏହି ଭବିଷ୍ୟବାଣୀ ମୋ ସମ୍ପ୍ରଦାୟର ଏକ ସଂଖ୍ୟାଗରିଷ୍ଠ ଦଳକୁ ଜଣାଥିଲା । ସୁତରାଂ ଯେତେବେଳେ ମକଦ୍ଦମା ଏହି ପର୍ଯ୍ୟାୟରେ ପହଞ୍ଚିଲା ଏବଂ ଶତ୍ରୁମାନଙ୍କ ଓ ବିରୋଧୀମାନଙ୍କର ଏପରି ଧାରଣା ହୋଇଗଲା ଯେ, ଏବେ ମାଜିଷ୍ଟ୍ରେଟ୍ ମୋତେ ଫୌଜଦାରୀ ଅଦାଲତକୁ ହସ୍ତାନ୍ତର କରିଦେବେ ସେତେବେଳେ ସେ ପୋଲିସ୍ କପ୍ତାନକୁ କହିଲେ; ମୋତେ ଲାଗୁଛି ଏହା ଏକ ମନଗଢ଼ା ମକଦ୍ଦମା । ମୋ ମନ ଏକଥା ମାନୁ ନାହିଁ ଯେ, ବାସ୍ତବରେ ଏପରି ଚେଷ୍ଟା କରାଯାଇଥିବ ଏବଂ ଡ଼ାକ୍ତର କ୍ଲାର୍କଙ୍କ ହତ୍ୟା ନିମନ୍ତେ ସେ ଲୋକ ପଠାଇଥିବେ । ଆପଣ ଏହାର ପୁନଃ ତଦନ୍ତ କରନ୍ତୁ । ଏହା ସେ ସମୟ ଥିଲା ଯେ, ମୋର ବିରୋଧୀ ମୋ ବିରୁଦ୍ଧରେ ସମସ୍ତ ପ୍ରକାରର ଯୋଜନାମାନରେ କେବଳ ଲାଗି ନଥିଲେ ବରଂ ସେହି ଲୋକମାନେ ଯେଉଁମାନଙ୍କର ପ୍ରାର୍ଥନା ଗ୍ରହଣ ହୁଏ ବୋଲି ଦାବି ଥିଲା, ସେମାନେ ପ୍ରାର୍ଥନାରେ ଲାଗି ପଡ଼ିଥିଲେ ଏବଂ କାନ୍ଦି କାନ୍ଦି ପ୍ରାର୍ଥନା କରୁଥିଲେ ଯେ, ମୁଁ କିପରି ଦଣ୍ଡ ପାଇଯାଏ । କିନ୍ତୁ ଈଶ୍ୱରଙ୍କ ମୁକାବିଲା କିଏ କରିପାରିବ ? ମୋତେ ଜଣା ଯେ, କପ୍ତାନ ଡ଼ଗ୍‌ଲସ୍ ସାହେବଙ୍କ ନିକଟକୁ କେତେକ ସୁପାରିଶମାନ ମଧ୍ୟ ଆସିଥିଲା କିନ୍ତୁ ସେ ଜଣେ ନ୍ୟାୟପ୍ରେମୀ ମାଜିଷ୍ଟ୍ରେଟ୍

ଥିଲେ । ସେ କହିଲେ; ମୋ ଦ୍ୱାରା ଏପରି **ନୀଚକର୍ମ** ହୋଇପାରିବ ନାହିଁ ।

ଅତଏବ ଯେତେବେଳେ ଏହି ମକଦ୍ଦମା ଦ୍ୱିତୀୟଥର ତଦନ୍ତ ପାଇଁ କପ୍ତାନ ଲିମାରଚନ୍ଦ୍‌ଙ୍କୁ ହସ୍ତାନ୍ତର କରାଗଲା ତେବେ କପ୍ତାନ ସାହେବ୍ ଅବ୍‌ଦୁଲ୍ ହମୀଦ୍‌ଙ୍କୁ ଡ଼ାକିଲେ ଏବଂ ତାକୁ କହିଲେ; ତୁ ସତ କଥା କହିଦେ । ଅବ୍‌ଦୁଲ୍ ହମୀଦ୍ ଏହା ସତ୍ତ୍ୱେ ବି ସେହି ଗପ ଯାହାକୁ ସେ ଡ଼େପୁଟି କମିଶନର୍‌ଙ୍କ ସମ୍ମୁଖରେ ବଖାଣୀ ଥିଲା ତାହାକୁ ଦୋହରାଇଲା । ତାକୁ ପ୍ରଥମରୁ ଏହା କୁହାଯାଇଥିଲା ଯେ କଥା ଯଦି ଟିକିଏ ବି ଓଲଟା ହେଲା ତେବେ ତୁ ଧରାପଡ଼ିବୁ । ସେଥିପାଇଁ ସେ ତାହା କହି ଚାଲିଲା । କିନ୍ତୁ କପ୍ତାନ ସାହେବ ତାକୁ କହିଲେ; ତୁ ତ ପ୍ରଥମେ ମଧ୍ୟ ଏହି କଥା କରିସାରିଛୁ । ସାହେବ ଏଥିରୁ ସନ୍ତୁଷ୍ଟ ହେଉ ନାହାଁନ୍ତି କାରଣ ତୁ ସତ କହୁ ନାହୁଁ । ଯେତେବେଳେ ଦ୍ୱିତୀୟ ଥର କପ୍ତାନ ଲିମାରଚନ୍ଦ୍ ତାକୁ କହିଲେ ତେବେ ସେ କାନ୍ଦି କରି ତାଙ୍କ ଗୋଡ଼ ତଳେ ପଡ଼ିଗଲା ଏବଂ କହିବାକୁ ଲାଗିଲା ଯେ ମୋତେ ବଞ୍ଚାଇ ଦିଅ । କପ୍ତାନ ସାହେବ ତାକୁ ଶାନ୍ତ୍ୱନା ଦେଲେ ଏବଂ କହିଲେ; ଠିକ୍ ଅଛି ଏବେ (ସତ) କହ । ଏହାପରେ ସେ ଅସଲକଥା ପ୍ରକଟ କରିଦେଲା । ସଫା ସଫା ମାନିନେଲା ଯେ, ମୋତେ ଧମକାଇ ଏହି ବିବରଣୀ କରାଇ ଦିଆଯାଇଥିଲା । ମୋତେ ମିର୍ଜା ସାହେବ କଦାପି ହତ୍ୟା ନିମନ୍ତେ ପଠାଇ ନଥିଲେ । କପ୍ତାନ ଏକଥା ଶୁଣିକରି ବହତ ଖୁସି ହେଲେ ଏବଂ ଡ଼େପୁଟୀ କମିଶନର୍‌ଙ୍କୁ ପଠାଇଲେ ଯେ, ଆମ୍ଭେ ମକଦ୍ଦମାର ସୁରାଗ୍ ବାହାର କରି ଦେଇଅଛୁ । ସୁତରାଂ ଗୁରଦାସପୁର୍‌ରେ ପୁନର୍ବାର ଏହି ମକଦ୍ଦମା ଉପସ୍ଥାପିତ ହେଲା ଏବଂ ସେଠାରେ କପ୍ତାନ୍ ଲିମାରଚନ୍ଦ୍‌ଙ୍କୁ ଶପଥ ଦିଆଗଲା ଏବଂ ସେ ନିଜ ଶପଥଭିତ୍ତିକ ବୟାନ ଲିପିବଦ୍ଧ କରାଇଲେ । ମୁଁ ଲକ୍ଷ୍ୟ କରୁଥିଲି, ଡ଼େପୁଟି କମିଶନର୍ ଅସଲ କଥା ଖୋଲି ଯାଇଥିବା ହେତୁ ବଡ଼ ଖୁସି ଥିଲେ । ଖ୍ରୀଷ୍ଟିୟଙ୍କ ଉପରେ ତାଙ୍କୁ ବହୁତ କ୍ରୋଧ ହେଲା ଯେଉଁମାନେ ମୋ ବିରୁଦ୍ଧରେ ମିଥ୍ୟା ସାକ୍ଷ୍ୟମାନ ଦେଇଥିଲେ । ସେ ମୋତେ କହିଲେ; ଆପଣ ଏହି ଖ୍ରୀଷ୍ଟିୟଙ୍କ ଉପରେ ମକଦ୍ଦମା କରିପାରନ୍ତି । କିନ୍ତୁ ଯେହେତୁ ମୁଁ ମକଦ୍ଦମାବାଜୀକୁ ଘୃଣା କରେ ମୁଁ କହିଲି ଯେ, ମୁଁ ମକଦ୍ଦମା କରିବାକୁ ଚାହୁଁ ନାହିଁ । **ମୋର ମକଦ୍ଦମା ଆକାଶ (ସ୍ୱର୍ଗପୁର)ରେ ଦାଏର୍ ହୋଇଅଛି ।** ଏଥିରେ ଡ଼ଗଲସ୍

ସାହେବ ତତ୍‌ପଶ୍ଚାତ ଫଇସଲା ଲେଖିଲେ । ସେଦିନ ଏକ ପ୍ରବଳ ଜନସମାଜ ଏକତ୍ରିତ ହୋଇଯାଇଥିଲା । ସେ ଫଇସଲା ଶୁଣାଇବା ସମୟରେ ମୋତେ କହିଲେ; **ଆପଣଙ୍କୁ ଶୁଭେଚ୍ଛା, ଆପଣ ମୁକ୍ତ ହେଲେ ।**

ଏବେ କୁହନ୍ତୁ, ଏହା କିପରି ସଦ୍‌ଗୁଣ ଏହି ସରକାରଙ୍କର ଯେ ନ୍ୟାୟ ନିଷ୍ପକ୍ଷତା ପାଇଁ ନିଜ ଧର୍ମର ଏକ ପ୍ରମୁଖଙ୍କର ଖାତିର କଲେ ନାହିଁ ଏବଂ ନା ହିଁ ଅନ୍ୟ କୌଣସି କଥାର । ମୁଁ ଲକ୍ଷ କରୁଥିଲି ଯେ, ଏ ସମୟରେ ତ ଗୋଟିଏ ଦୁନିଆ ମୋର ଶତ୍ରୁ ଥିଲା ଏବଂ ଏହିପରି ହୋଇଥାଏ, ଯେତେବେଳେ ସଂସାର ଦୁଃଖ ଦେବା ପାଇଁ ଆସେ ସେତେବେଳେ କାନ୍ଥବାଡ଼ (ମଧ୍ୟ) ଦଂଶନ କରିଥାନ୍ତି । ସେ ଈଶ୍ୱର ହିଁ ହୋଇଥାନ୍ତି ଯେ କି ନିଜ ସତ୍ୟବାଦୀମାନଙ୍କୁ ବଞ୍ଚାଇ ଥାଆନ୍ତି ।

ପୁଣି ଶ୍ରୀମାନ ଡ଼ୋଇଙ୍କ ସମ୍ମୁଖରେ ଏକ ମକଦ୍ଦମା ହେଲା । ପୁଣି ଟିକସର ମକଦ୍ଦମା ମୋ ଉପରେ କରାଗଲା । କିନ୍ତୁ ଏହି ସମସ୍ତ ମକଦ୍ଦମାଗୁଡ଼ିକରେ ଈଶ୍ୱର ମୋତେ ନିର୍ଦ୍ଦୋଶ କଲେ । ପୁଣି ଶେଷରେ କରମଦ୍ଦୀନ୍‌ର ମକଦ୍ଦମା ହେଲା । ଏହି ମକଦ୍ଦମାରେ ମୋ ବିରୋଧରେ ସମସ୍ତ ଶକ୍ତି ଲଗାଇ ଦିଆଗଲା ଏବଂ ଏହା ଅନୁମାନ କରିନିଆ ଯାଇଥିଲା ଯେ ବାସ୍ ! ଏହି ସମ୍ପ୍ରଦାୟର ଅନ୍ତ ହୋଇଗଲା । ଏବଂ ବାସ୍ତବରେ ଯଦି ଈଶ୍ୱରଙ୍କ ତରଫରୁ ଏହି ସମ୍ପ୍ରଦାୟ ହୋଇନଥାନ୍ତା ଏବଂ ସେ (ଅଲ୍ଲାଃ) ହିଁ ଏହାର ସମର୍ଥନ ତଥା ସାହାଯ୍ୟ ପାଇଁ ଛିଡ଼ା ହୋଇନଥାନ୍ତେ ତେବେ ଏହାର ଲୋପ ହୋଇଯିବାରେ କୌଣସି ସନ୍ଦେହ ଓ ଶଙ୍କା ହିଁ ନଥିଲା । ଦେଶର ଗୋଟିଏ ପ୍ରାନ୍ତରୁ ଅନ୍ୟପ୍ରାନ୍ତ ପର୍ଯ୍ୟନ୍ତ କରମଦ୍ଦୀନ୍‌ର ସମର୍ଥନ କରାଗଲା ଏବଂ ସମସ୍ତ ପ୍ରକାରର ସାହାଯ୍ୟ ତାକୁ ଦିଆଗଲା । ଏପରିକି ଏହି ମକଦ୍ଦମାରେ କେତେକ ନିଜକୁ ମୌଲବୀ ବୋଲାଇ ମୋ ବିରୁଦ୍ଧରେ ଏପରି ସାକ୍ଷ୍ୟମାନ ଦେଲେ ଯାହା କି ବିପରୀତ (ମିଥ୍ୟା) ଥିଲା । ଏପରିକି ବୟାନ ଦେଲେ କି ଜଣେ ବ୍ୟଭିଚାରୀ, ପାପୀ ତଥା ଦୂରାଚାରୀ ହେଲେ ମଧ୍ୟ ସେ ପୁଣ୍ୟବାନ୍ ହୋଇଥାଏ । ଏହି ମକଦ୍ଦମା ଏକ ଦୀର୍ଘ ସମୟ ପର୍ଯ୍ୟନ୍ତ ଚାଲିଥିଲା । ଇତି ମଧ୍ୟରେ ଅନେକ ନିଦ୍ଦର୍ଶନମାନ ପ୍ରକଟ ହେଲା । ପରିଶେଷରେ ମାଜିଷ୍ଟ୍ରେଟ୍ ଯେ କି ହିନ୍ଦୁ ଥିଲା, ମୋ ଉପରେ ପାଞ୍ଚଶହ ଟଙ୍କା ଜରିମନା କରିଦେଲା । କିନ୍ତୁ ଈଶ୍ୱର ଆଗରୁ ଏହି ସୂଚନା ଦେଇ ଦେଇଥିଲେ । **"ଉଚ୍ଚ ଅଦାଲତ ତାକୁ ମୁକ୍ତ କରିଦେଲା"**

ଏଥିପାଇଁ ଯେତେବେଳେ ସେହି ଅପିଲ୍ ଡ଼ିଭିଜନାଲ ଜଜ୍‌ଙ୍କ ସମ୍ମୁଖରେ ପେଶ୍ ହେଲା ସେତେବେଳେ ସେ ଈଶ୍ୱରଦତ୍ତ ପ୍ରତିଭା ଦ୍ୱାରା ତୁରନ୍ତ ହିଁ ମକଦ୍ଦମାର ବାସ୍ତବିକତାକୁ ବୁଝିନେଲେ ଏବଂ ନିଷ୍ପତ୍ତି ଦେଲେ ଯେ, କରମଦ୍ଦୀନ୍‌ଙ୍କ ବିଷୟରେ ମୁଁ (ହଜରତ ମସିହ ମଉଦ୍) ଯାହା କିଛି ଲେଖିଥିଲି ତାହା ସମ୍ପୂର୍ଣ୍ଣ ସତ୍ୟ ଥିଲା । ଅର୍ଥାତ୍ ମୋତେ ତାହା ଲେଖିବାର ଅଧିକାର ପ୍ରାପ୍ତ ଥିଲା । ତେବେ ସେ ଯେଉଁ ଫଇସଲା ଲେଖିଥିଲେ, ତାହା ପ୍ରକାଶିତ ହୋଇସାରିଛି । ପରିଶେଷରେ ସେ **ମୋତେ ନିର୍ଦ୍ଦୋଷ ସାବସ୍ତ୍ୟ କରିଥିଲେ** ଏବଂ ଜରିମନା ଫେରସ୍ତ କଲେ ଏବଂ ପୂର୍ବ ଅଦାଲତକୁ ମଧ୍ୟ ଉଚିତ୍ ଚେତାବନୀ ଦେଲେ ଯେ, କାହିଁକି ଏତେ ଦୀର୍ଘ ସମୟ ପର୍ଯ୍ୟନ୍ତ ଏହି ମକଦ୍ଦମା ରଖାଗଲା ।

ଅଭିପ୍ରାୟ ଏହି ଯେ ଯେତେବେଳେ ବି କୌଣସି ସୁଯୋଗ ମୋ ବିରୋଧୀମାନଙ୍କୁ ମିଳିଲା, ସେମାନେ ମୋତେ ଦଳିଦେବା ଏବଂ ମାରିଦେବା ନିମନ୍ତେ କୌଣସି ଉପାୟ ବାକି ରଖି ନଥିଲେ ଏବଂ କୌଣସି ତୃଟି ଛାଡ଼ି ଦେଇନଥିଲେ । କିନ୍ତୁ ଈଶ୍ୱର କେବଳ ନିଜ କୃପାରୁ ମୋତେ ପ୍ରତ୍ୟେକ ଅଗ୍ନିରୁ ବଞ୍ଚାଇଲେ, ସେହିପରି ଯେପରି ସେ ନିଜ ଧର୍ମପ୍ରବର୍ତ୍ତକମାନଙ୍କୁ ବଞ୍ଚାଇ ଆସିଅଛନ୍ତି । ଏହି ଘଟଣାଗୁଡ଼ିକୁ ଦୃଷ୍ଟିରେ ରଖି ମୁଁ ଦୃଢ଼ୋକ୍ତି ସହକାରେ କହୁଅଛି ଯେ, **ଏହି ସରକାର ରୋମୀୟ ସରକାରଙ୍କ ଅପେକ୍ଷା ଶ୍ରେୟସ୍କର** ଯାହାଙ୍କ ସମୟରେ ଯିଶୁ ମସିହ୍‌ଙ୍କୁ ଦୁଃଖ ଦିଆଗଲା । ଗଭର୍ନର ପିଲାତୂସ୍ ଯାହାଙ୍କ ସମ୍ମୁଖରେ ପ୍ରଥମେ ମକଦ୍ଦମା ପେଶ୍ ହେଲା । ସେ ବାସ୍ତବରେ ମସିହ୍‌ଙ୍କ ଅନୁଗାମୀ ଥିଲେ ଏବଂ ତାଙ୍କ ପତ୍ନୀ ମଧ୍ୟ ଭକ୍ତ ଥିଲେ । ଏଥି ସକାଶେ ସେ ମସିହ୍‌ଙ୍କ ରକ୍ତ (ଦଣ୍ଡାଦେଶ)ରୁ ନିଜ ହସ୍ତ ଧୋଇନେଲା । ସେ ମସିହ୍‌ଙ୍କର ଭକ୍ତ ଥିବା ସହିତ ଜଣେ ଗଭର୍ନର ମଧ୍ୟ ଥିଲା ତଥାପି ସେ ଏହି ସାହସ ଜୁଟାଇ ପାରିଲା ନାହିଁ, ଯାହାକି କପ୍ତାନ ଡ଼ଗଲସ୍ ପ୍ରଦର୍ଶିତ କଲେ । ସେଠାରେ ମଧ୍ୟ ଯିଶୁ ମସିହ୍ ନିର୍ଦ୍ଦୋଷ ଥିଲେ ଏବଂ ଏଠାରେ ମଧ୍ୟ ମୁଁ ନିର୍ଦ୍ଦୋଷ ଥିଲି ।

ମୁଁ ସତ କହୁଅଛି ଏବଂ ଅନୁଭବରୁ କହୁଅଛି ଯେ, ସର୍ବଶକ୍ତିମାନ ଅଲ୍ଲାଃ ଏହି ସମ୍ପ୍ରଦାୟକୁ ସତ୍ୟ ପାଇଁ ସାହସ ଦେଇଛନ୍ତି । ତେଣୁ ମୁଁ ଏଠାରେ ସମସ୍ତ ମୁସଲ୍‌ମାନମାନଙ୍କୁ ସଦୁପଦେଶ ଦେଉଅଛି ଯେ, ସେମାନଙ୍କର କର୍ତ୍ତବ୍ୟ

ଏହା ହେଉଛି, **ସେମାନେ ସତ୍ ହୃଦୟରେ ସହିତ ସରକାରଙ୍କ ଆଜ୍ଞା ପାଳନ କରନ୍ତୁ ।** ଏହା ଭଲଭାବରେ ମନେରଖ ଯେ, ଯେଉଁ ବ୍ୟକ୍ତି ନିଜ ଉପକାରୀ ଲୋକ ପ୍ରତି କୃତଜ୍ଞ ହୁଏ ନାହିଁ ସେ ସର୍ବଶକ୍ତିମାନ ଅଲ୍ଲାଃଙ୍କୁ ମଧ୍ଧ ଧନ୍ୟବାଦ ଦେବାରେ ସମର୍ଥ ହୁଏ ନାହିଁ । ଯେତେ ସୁଖ ଏବଂ ସ୍ୱଚ୍ଛନ୍ଦ ଏହି ଯୁଗରେ ପ୍ରାପ୍ତ ହୋଇଅଛି ତାହାର ଉଦାହରଣ ମିଳେ ନାହିଁ । ରେଳ, ତାରବାର୍ତ୍ତା, ଡ଼ାକଘର, ପୋଲିସ୍ ଇତ୍ୟାଦି ପ୍ରବନ୍ଧଗୁଡ଼ିକୁ ଦେଖ ଯେ, ସେଥିରୁ କିପରି ଲାଭ ପହଞ୍ଚୁଛି । ଆଜିଠାରୁ ଷାଠିଏ ସତୁରି ବର୍ଷ ପୂର୍ବେ କୁହ କ'ଣ ଏପରି ଆରାମ ଏବଂ ସୁବିଧା ଥିଲା ? ତେବେ ପୁଣି ନିଜେ ହିଁ ନ୍ୟାୟ କର କି ଯେବେ ଆମ ପ୍ରତି ସହସ୍ରାଧିକ ଉପକାରମାନ ରହିଅଛି ତେବେ ଆମେ କିପରି ଧନ୍ୟବାଦ ଅର୍ପଣ କରିବା ନାହିଁ । ଅଧିକାଂଶ ମୁସଲ୍‌ମାନ ମୋ ଉପରେ ଆକ୍ରମଣ କରୁଛନ୍ତି କି ଆପଣଙ୍କ ସମ୍ପ୍ରଦାୟରେ ଏହି ତୃଟି ରହିଛି ଯେ, **ତୁମ୍ଭେ ଧର୍ମଯୁଦ୍ଧ (ଜିହାଦ୍)କୁ ନିରସ୍ତ କରୁଅଛ ।** ମୁଁ ଦୁଃଖିତ ଯେ ସେହି ଅବୋଧଗଣ ଏହାର ବାସ୍ତବିକତାରୁ ଅପରିଚିତ ମାତ୍ର । ସେମାନେ ଇସଲାମ୍ ଏବଂ ହଜରତ ମୁହମ୍ମଦ ସ.ଅଙ୍କୁ ବଦନାମ କରୁଛନ୍ତି । ଆପଣ ହଜରତ ମୁହମ୍ମଦସ.ଅ ଇସଲାମ୍‌ର ପ୍ରସାର ନିମନ୍ତେ କେବେ ହେଁ ଖଣ୍ଡା ଉତ୍ତୋଳନ କରି ନାହାଁନ୍ତି ଯେତେବେଳେ ଆପଣ ଏବଂ ଆପଣଙ୍କ ସମ୍ପ୍ରଦାୟ ଉପରେ ବିରୋଧୀଙ୍କ ଅତ୍ୟାଚର ଚରମସୀମାକୁ ପହଞ୍ଚିଗଲା ଏବଂ ଆପଣଙ୍କ ନିଷ୍ଠାପର ଅନୁଚରମାନଙ୍କ ମଧ୍ୟରୁ ପୁରୁଷ ଏବଂ ମହିଳାମାନଙ୍କୁ ଶହିଦ୍ କରି ଦିଆଗଲା ଏବଂ ପୁଣି ମଦିନା ପର୍ଯ୍ୟନ୍ତ ଆପଣଙ୍କର ପିଛା କରାଗଲା ସେତେବେଳେ ମୁକାବିଲା କରିବା ପାଇଁ ଆଦେଶ ମିଳିଲା । ଆପଣସ.ଅ ତରବାରୀ ଉଠାଇଲେ ନାହିଁ ବରଂ ବିରୋଧୀମାନେ ତରବାରୀ ଉଠାଇଲେ ଏବଂ କେତେକ ସମୟରେ ଅତ୍ୟାଚର ପ୍ରବୃତ୍ତି ରଖୁଥିବା ଅବିଶ୍ୱାସୀଗଣ ଆପଣ ହଜରତ ମୁହମ୍ମଦ ସ.ଅଙ୍କୁ ଆପାଦମସ୍ତକ ରକ୍ତାକ୍ତ କରିଦେଇଥିଲେ । କିନ୍ତୁ ଆପଣ ହଜରତ ମୁହମ୍ମଦସ.ଅ ମୁକାବିଲା କରିନଥିଲେ । ଭଲଭାବରେ ମନେରଖ ! ଯଦି ତରବାରୀ ଉଠାଇବା ଇସଲାମ୍‌ରେ ବାଧ୍ୟତାମୂଳକ ହୋଇଥାନ୍ତା ତେବେ ହଜରତ ମୁହମ୍ମଦସ.ଅ ମକ୍କାରେ ଉଠେଇଥାନ୍ତେ । ମାତ୍ର ନା ସେହି ତରବାରୀ ଯାହାର ବର୍ଣ୍ଣନା ହୋଇଅଛି ତାହା ସେହି ସମୟରେ ଉଠିଥିଲା ଯେତେବେଳେ ଦୁଷ୍ଟ ଅବିଶ୍ୱାସୀଗଣ ମଦିନା ପର୍ଯ୍ୟନ୍ତ ପିଛା କରିଥିଲେ । ସେହି ସମୟରେ ବିରୋଧୀମାନଙ୍କ ହାତରେ ତରବାରୀ ଥିଲା

କିନ୍ତୁ ଏବେ ତରବାରୀ ନାହିଁ । ମୋ ବିରୋଧରେ ମିଥ୍ୟା ସୂଚନାଦାତା ଏବଂ ଫତୁଓ୍ୱା ଦ୍ୱାରା କାମ ନିଆଯାଉଅଛି । ଇସଲାମ୍ ବିରୋଧରେ କେବଳ କଲମ ଦ୍ୱାରା କାମ ନିଆଯାଉଅଛି । ପୁଣି କଲମର ଉତ୍ତର ଖଣ୍ଡା ଦ୍ୱାରା ଦେବାବାଲା ମୂର୍ଖ ଓ ଅତ୍ୟାଚାରୀ ହେବ ଅଥବା ଆଉ କିଛି ?

ଏହି କଥାକୁ କଦାଚିତ୍ ଭୁଲ ନାହିଁ ଯେ, ହଜରତ ମୁହମ୍ମଦ[ସ.ଅ] ଅବିଶ୍ୱାସୀମାନଙ୍କର ସୀମାତୀତ ଅତ୍ୟାଚାର ବିରୁଦ୍ଧରେ ତରବାରୀ ଉତ୍ତୋଳନ କରିଥିଲେ ଏବଂ ତାହା ଆତ୍ମ ରକ୍ଷାର ପ୍ରବନ୍ଧ ଥିଲା, ଯାହାକି କୌଣସି ସଭ୍ୟ ସରକାରର ଆଇନ ଅନୁଯାୟୀ ମଧ୍ୟ ଅପରାଧ ନୁହେଁ । ଯଦି ଗୋଟିଏ ଚୋର ଘରେ ପଶିଯାଏ ଏବଂ ଆକ୍ରମଣ କରି ମାରି ପକାଇବାକୁ ଚାହେଁ ସେ ସମୟରେ ସେହି ଚୋରକୁ ନିଜର ରକ୍ଷା ପାଇଁ ମାରିଦେବା ଅପରାଧ ନୁହେଁ ।

(ଅଲ୍‌ହକମ୍ ୩୦ ସେପ୍ଟେମ୍ବର ୧୯୦୬ଖ୍ରୀ, ପୃଷ୍ଠା-୩)

ସୁତରାଂ ଯେତେବେଳେ ଅବସ୍ଥା ଏପର୍ଯ୍ୟନ୍ତ ପହଞ୍ଚିଗଲା ଯେ, ହଜରତ ମୁହମ୍ମଦ[ସ.ଅ]ଙ୍କ ଉପରେ ଜୀବନ ଉତ୍ସର୍ଗୀକୃତ ସେବକମାନଙ୍କୁ ଶହିଦ କରିଦିଆଗଲା ଏବଂ ମୁସଲ୍‌ମାନ ଅବଳା ଅସହାୟ ମହିଳାମାନଙ୍କୁ ହୃଦୟହୀନତା ଏବଂ ନିର୍ଲ୍ଲଜ୍ଜତା ସହିତ ଶହିଦ କରିଦିଆଗଲା । ସେତେବେଳେ କ'ଣ ଅଧିକାର ନଥିଲା ଯେ, ସେମାନଙ୍କୁ ଦଣ୍ଡ ଦିଆଯାଉ । ସେତେବେଳେ ଯଦି ସର୍ବଶକ୍ତିମାନ ଅଲ୍ଲାଃଙ୍କର ଏହି ଉଦ୍ଦେଶ୍ୟ ହୋଇଥାନ୍ତା ଯେ ଇସଲାମ୍‌ର ଚିହ୍ନବର୍ଣ୍ଣ ନରହୁ ତେବେ ଅବଶ୍ୟ ଏପରି ହୋଇପାରିଥାନ୍ତା ଯେ, ତରବାରୀର ନାମ ଉଠନ୍ତା ନାହିଁ । କିନ୍ତୁ ସେ (ଅଲ୍ଲାଃ) ଚାହୁଁଥିଲେ ଯେ, ଇସଲାମ୍ ସଂସାରରେ ବ୍ୟାପୁ ଏବଂ ସଂସାର ମୁକ୍ତିର ମାଧ୍ୟମ ହେଉ । ସେଥିପାଇଁ ସେ ସମୟରେ କେବଳ ପ୍ରତିରକ୍ଷା ପାଇଁ ତରବାରୀ ଉତ୍ତୋଳନ କରାଯାଇଥିଲା । ମୁଁ ଦାବି କରି କହୁଅଛି ଯେ, ଇସଲାମ୍‌ର ସେହି ସମୟରେ ତରବାରୀ ଉତ୍ତୋଳନ କରିବା କୌଣସି ଆଇନ୍ ଧର୍ମ ଏବଂ ନୈତିକତା ଦୃଷ୍ଟିକୋଣରୁ ଆପତ୍ତିଜନକ ସାବ୍ୟସ୍ତ ହେଉ ନାହିଁ । ସେହି ଲୋକମାନେ ଯେଉଁମାନେ ଗୋଟିଏ ଗାଲରେ ଚାପୁଡ଼ା ଖାଇ ଅନ୍ୟଟି ଦେଖାଇ ଦେବାର ଶିକ୍ଷା ଦେଉଛନ୍ତି ସେମାନେ ମଧ୍ୟ ଧୈର୍ଯ୍ୟ ଧରିପାରି ନଥାନ୍ତେ । ଆଉ ଯେଉଁମାନଙ୍କ ନିକଟରେ କୀଟଟିଏ ମାରିବା ମଧ୍ୟ

ପାପ ମନେ କରାଯାଏ, ସେମାନେ ମଧ୍ୟ କରି ପାରନ୍ତେ ନାହିଁ । ତେବେ ପୁଣି ଇସଲାମ୍ ଉପରେ କାହିଁକି ଦୋଷାରୋପ କରାଯାଉଅଛି ?

ମୁଁ ଏହା ମଧ୍ୟ ଖୋଲି କହୁଅଛି, ଯେଉଁ ମୁସଲ୍‌ମାନମାନେ ଏହା ଲେଖୁଛନ୍ତି ଯେ, ଇସଲାମ୍ ତରବାରୀ ଦ୍ୱାରା ବ୍ୟାପ୍ତ ହୋଇଛି ସେମାନେ ନିର୍ଦ୍ଦୋଷ ଅବତାର ମୁହମ୍ମଦ ସ.ଅଙ୍କ ପ୍ରତି ମିଥ୍ୟାରୋପ କରୁଛନ୍ତି ଏବଂ ଇସଲାମ୍‌ର ଅବମାନନା କରୁଛନ୍ତି । ଭଲଭାବରେ ମନେରଖନ୍ତୁ ! ଇସଲାମ୍ ସର୍ବଦା ନିଜର ପବିତ୍ର ଶିକ୍ଷା ଓ ମାର୍ଗଦର୍ଶନ ଏବଂ ତାହାର ଉପକାର ଅନ୍ତର୍ନିହିତ ଜ୍ୟୋତି, କଲ୍ୟାଣ ତଥା ଅଲୌକିକତା ଦ୍ୱାରା ପ୍ରସାର ଲାଭ କରିଛି । ହଜରତ ମୁହମ୍ମଦ ସ.ଅଙ୍କର ଗାରିମାପୂର୍ଣ୍ଣ ମହାନ ନିଦର୍ଶନମାନ ତାଙ୍କ ଚରିତ୍ରର ପବିତ୍ର ପ୍ରଭାବଗୁଡ଼ିକ ଏହାକୁ ବିସ୍ତାର କରିଅଛି ଏବଂ ସେହି ନିଦର୍ଶନମାନ ଓ ପ୍ରଭାବଗୁଡ଼ିକ ଶେଷ ହୋଇଯାଇ ନାହିଁ ବରଂ ସଦାବେଳେ ଏବଂ ପ୍ରତ୍ୟେକ ଯୁଗରେ ସଦ୍ୟ ଉପଲବ୍ଧ । ଏହି କାରଣ ଯୋଗୁଁ ମୁଁ କହିଥାଏ କି **ଆମମାନଙ୍କ ଅବତାର ମୁହମ୍ମଦସ.ଅ ଜୀବନ୍ତ ଅବତାର ।**

ଏଥିପାଇଁ ଯେ, ହଜରତ ମୁହମ୍ମଦ ସ.ଅଙ୍କ ଶିକ୍ଷା ଏବଂ ନିର୍ଦ୍ଦେଶଗୁଡ଼ିକ ସର୍ବଦା ନିଜର ଫଳ ପ୍ରଦାନ କରିଥାଏ । ଭବିଷ୍ୟତରେ ଯେତେବେଳେ ଇସଲାମ୍ ଉନ୍ନତି କରିବ ସେତେବେଳେ ଏହାର ଏହି ପଥ ହେବ, ଅନ୍ୟ ନୁହଁ । ଅତଏବ ଯେତେବେଳେ ଇସଲାମ୍‌ର ବିସ୍ତାର ନିମନ୍ତେ କେବେ ବି ତରବାରୀ ଉତ୍ତୋଳନ କରାଯାଇ ନଥିଲା ତେବେ ଅବିକା ସମୟରେ ଏପରି ଚିନ୍ତା କରିବା ମଧ୍ୟ ପାପ । କାରଣ ଏବେ ତ ସଭିଏଁ ଶାନ୍ତିର ସହ ବସିଛନ୍ତି ଏବଂ ନିଜ ଧର୍ମର ବିସ୍ତାର ନିମନ୍ତେ ଅନେକ ମାଧ୍ୟମ ଏବଂ ସାମଗ୍ରୀ ମହଜୁଦ୍ ରହିଛି ।

ମୋତେ ବହୁ ଦୁଃଖର ସହିତ କହିବାକୁ ପଡୁଅଛି ଯେ, ଖ୍ରୀଷ୍ଟିୟ ଏବଂ ଅନ୍ୟାନ୍ୟ ସମାଲୋଚକମାନେ ଇସଲାମ୍ ଉପରେ ଆକ୍ରମଣ କରିବା ସମୟରେ କେବେ ବି ବାସ୍ତବିକତା ପ୍ରତି ଧ୍ୟାନ ଦେଲେ ନାହିଁ । ସେମାନେ ଦେଖିଥାନ୍ତେ ଯେ, ସେ ସମୟରେ (କିପରି) ସମସ୍ତ ଇସଲାମ୍ ବିରୋଧୀ ତାହାର ମୂଳୋତ୍ପାଟନ ନିମନ୍ତେ ପ୍ରୟାସରତ ଥିଲେ ଏବଂ ସମସ୍ତେ ଏକାଠି ହୋଇ ଏହା ବିପକ୍ଷରେ ଚକ୍ରାନ୍ତ କରୁଥିଲେ ଓ ମୁସଲମାନମାନଙ୍କୁ ଦୁଃଖ ଦେଉଥିଲେ । ସେହି ଦୁଃଖ ଏବଂ

କଷ୍ଟଗୁଡ଼ିକର ସାମନାରେ ଯଦି ସେମାନେ ନିଜ ପ୍ରାଣ ରକ୍ଷା କରିନଥାନ୍ତେ ତେବେ କ'ଣ କରିଥାନ୍ତେ ? ପବିତ୍ର କୁରଆନ୍‌ରେ ଏହି ଆୟତ ରହିଛି:

أُذِنَ لِلَّذِينَ يُقَاتَلُونَ بِأَنَّهُمْ ظُلِمُوا (ହଜ୍ 22:40)

ଅନୁମତି ଦିଆଯାଇଛି ସେମାନଙ୍କୁ କାରଣ ସେମାନଙ୍କ ପ୍ରତି ଜୁଲମ୍ କରାଯାଇଛି । ଏଥିରୁ ଜ୍ଞାତ ହେଉଛି ଯେ, ଏହି ଆଦେଶ ସେ ସମୟରେ ଦିଆଗଲା ଯେତେବେଳେ ମୁସଲମାନ୍‌ମାନଙ୍କ ଉପରେ ଅତ୍ୟାଚର ନିଜର ଚରମସୀମାକୁ ପହଞ୍ଚି ଯାଇଥିଲା । ତେଣୁ ସେମାନଙ୍କୁ ମୁକାବିଲା କରିବାର ଆଦେଶ ଦିଆଗଲା । କେବଳ ସେହି ସମୟ ପାଇଁ ଏହି ଅନୁମତି ଥିଲା, ଅନ୍ୟ ସମୟ ପାଇଁ ଆଦେଶ ନଥିଲା । ଅତଃ ମସିହ ମଉଦ୍‌ଙ୍କ ପାଇଁ ଏ ନିଦର୍ଶନ ନିର୍ଦ୍ଦିଷ୍ଟ କରାଗଲା- يضع الحرب ଏବେ ଏହା ତ ତାହାର ସତ୍ୟତାର ଚିହ୍ନ ଯେ, ସେ ଲଢ଼େଇ କରିବ ନାହିଁ । ଏହାର କାରଣ ଏହିକି ଯେ, ଏ ଯୁଗରେ ବିରୋଧୀମାନେ ମଧ୍ୟ ଧର୍ମ-ଯୁଦ୍ଧ କରିବା ଛାଡ଼ି ଦେଇଛନ୍ତି । ହଁ ଅବଶ୍ୟ ଏହି ମୁକାବିଲା ଅନ୍ୟ ଏକ ରୂପ ଏବଂ ରଙ୍ଗ ଧାରଣ କରିନେଛି ଏବଂ ତାହା ଏହିକି ଯେ କଲମର ସାହାଯ୍ୟ ନେଇ ଇସଲାମ୍ ଉପରେ ଆପତ୍ତି କରୁଛନ୍ତି । ଖ୍ରୀଷ୍ଟିୟ ଅଛନ୍ତି, ସେମାନଙ୍କର ଗୋଟିଏ ଗୋଟିଏ ପତ୍ରିକା ପଚଶ ହଜାର ବାହାରୁଛି ଏବଂ ସମସ୍ତ ପ୍ରକାରର ଚେଷ୍ଟା କରୁଛନ୍ତି ଯେ, ଲୋକେ ଇସଲାମ୍ ଧର୍ମରୁ ଦୂରେଇ ଯାଅନ୍ତୁ ଅତଏବ ଏହାର ମୁକାବିଲା ପାଇଁ ଆମକୁ କଲମ ଦ୍ୱାରା କାମ ନେବା ଦରକାର ଅଥବା ତୀର ଚାଳନା କରିବା ଦରକାର ? ବର୍ତ୍ତମାନ ସମୟରେ ଯଦି କେହି ଏଭଳି ଚିନ୍ତାକରେ ତେବେ ତାହାଠାରୁ ଅଧିକ ମୂର୍ଖ ଏବଂ ଇସଲାମ୍‌ର ଶତୃ ଆଉ କିଏ ହେବ ? ଏ ପ୍ରକାରର ନାମ ନେବା ଇସଲାମ୍‌କୁ ବଦନାମ କରିବା କଥା ଅଥବା ଆଉକିଛି ? ଯେତେବେଳେ ଆମର ବିରୋଧୀ ଏ ପ୍ରକାରର ଚେଷ୍ଟା କରୁ ନାହାଁନ୍ତି ଯଦିଚ ସେମାନେ ସତ୍ୟ ଉପରେ ନାହାଁନ୍ତି ସେତେବେଳେ ଏହା କିପରି ଆଶ୍ଚର୍ଯ୍ୟକର ଏବଂ ଦୁଃଖର କଥା ହେବ ଯେ, ଆମେ ସତ୍ୟ ଉପରେ ପ୍ରତିଷ୍ଠିତ ଥାଇ ତରବାରୀର ନାମ ନେବା । ବର୍ତ୍ତମାନ ସମୟରେ ତୁମେ କାହାକୁ ତରବାରୀ ଦେଖାଇ କୁହ ଯେ, ମୁସଲମାନ୍ ହୋଇଯା ନଚେତ୍ ହତ୍ୟା କରିଦେବି,

ତା'ପରେ ଦେଖ ଏହାର ପରିଣାମ କ'ଣ ହେଉଛି । ସେ ପୋଲିସ୍ ଦ୍ୱାରା ଗିରଫ କରାଇ ତରବାରୀର ସ୍ୱାଦ ଚଖାଇ ଦେବ ।

ଏହି ଚିନ୍ତାଧାରା ଅତ୍ୟନ୍ତ ସାରହୀନ । ଏମାନଙ୍କୁ ଏପରି ଚିନ୍ତାଧାରାକୁ ମୁଣ୍ଡରୁ ବାହାର କରିଦେବା ଦରକାର । ଏବେ ସମୟ ଆସିଛି ଯେ, ଇସଲାମ୍‌ର ପ୍ରକାଶ୍ୟ ଏବଂ ଉଜ୍ଜଳମୟ ଚେହେରା ଦେଖାଇ ଦିଆଯାଉ । ଏହା ସେ ସମୟ ଯେ, ସମସ୍ତ ଆରୋପଗୁଡ଼ିକୁ ଦୂର କରିଦିଆଯାଉ ଏବଂ ଇସଲାମ୍‌ର ଉଜ୍ଜଳ ଚେହେରା ଉପରେ ଯେଉଁ ଦାଗ ଲଗାଯାଇଅଛି ତାହାକୁ ଦୂର କରି ଦେଖାଇ ଦିଆଯାଉ । ମୁଁ ଏହା ମଧ୍ୟ ଦୁଃଖର ସହ ପ୍ରକାଶ କରୁଅଛି ଯେ, ମୁସଲମାନଙ୍କୁ ଯେଉଁ ସୁଯୋଗ ସର୍ବଶକ୍ତିମାନ ଅଲ୍ଲାଃ ଦେଇଛନ୍ତି ଏବଂ ଖ୍ରୀଷ୍ଟଧର୍ମର ଇସଲାମ୍‌ରେ ପ୍ରବେଶ କରିବା ନିମନ୍ତେ ଯେଉଁ ମାର୍ଗ ଖୋଲାଯାଇଥିଲା ତାହାକୁ ହିଁ ସେମାନେ ଖରାପ ଦୃଷ୍ଟିରେ ଦେଖିଲେ ଏବଂ ତାହାର ବିରୋଧ କଲେ ।

ମୁଁ ନିଜ ଲେଖାଗୁଡ଼ିକ ଦ୍ୱାରା ପୂର୍ଣ୍ଣ ରୂପରେ ସେହି ଉପାୟମାନଙ୍କୁ ଉଲ୍ଲେଖ କରିଅଛି । ଯାହା ଇସଲାମ୍‌କୁ ସଫଳ ଏବଂ ଅନ୍ୟ ଧର୍ମମାନ ଉପରେ ବିଜୟ ମଣ୍ଡିତ କରିପାରିବ । ମୋ ପତ୍ରିକାମାନ ଆମେରିକା ଏବଂ ୟୁରୋପକୁ ଯାଉଛି । ପରମେଶ୍ୱର ଏହି ସମ୍ପ୍ରଦାୟକୁ ଯେଉଁ ପ୍ରତିଭା ପ୍ରଦାନ କରିଛନ୍ତି ସେମାନେ ସେହି ଐଶ୍ୱରିକ ପ୍ରତିଭା ଦ୍ୱାରା ଏହି କଥାକୁ ବୁଝିପାରିଛନ୍ତି । କିନ୍ତୁ ଯେତେବେଳେ ମୁଁ ଏହାକୁ ଗୋଟିଏ ମୁସଲମାନ ସମ୍ମୁଖରେ ବର୍ଣ୍ଣନା କରୁଅଛି ତେବେ ତାହା ମୁଖରେ ଫେଣ ଆସିଯାଉଛି । ସତେ ଯେପରି ସେ ଗୋଟିଏ ପାଗଳ ଅଥବା ମୋତେ ମାରି ଦେବାକୁ ଚାହେଁ ଅଥଚ ପବିତ୍ର କୁରଆନ୍‌ର ତ ଏହି ଶିକ୍ଷା ଥିଲା ଯେ- اِدْفَعْ بِالَّتِیْ هِیَ اَحْسَنُ

(ହା-ମିମ୍ ସଜ୍‌ଦାଃ 41:35)

ଏହି ଶିକ୍ଷା ଏଥି ନିମନ୍ତେ ଥିଲା ଯେ, ଯଦି ଶତ୍ରୁ ବି ହୋଇଥିବ ତେବେ ସେ ଏହି ନମ୍ର ଏବଂ ସଦ୍‌ବ୍ୟବହାର ଦ୍ୱାରା ମିତ୍ର ପାଲଟି ଯିବ ଏବଂ ଏହି କଥାଗୁଡ଼ିକୁ ଆରାମ୍ ଏବଂ ଶାନ୍ତିର ସହିତ ଶୁଣିନେବ । **ମୁଁ ଐଶ୍ୱର୍ଯ୍ୟମୟ ଅଲ୍ଲାଃଙ୍କ ଶପଥ ନେଇ କହୁଅଛି ଯେ, ମୁଁ ତାଙ୍କ ତରଫରୁ ଆସିଅଛି ।**

ସେ ଭଲ ରୂପେ ଜାଣିଛନ୍ତି କି ମୁଁ ମୁଫ୍‌ତରୀ (ପ୍ରତାରକ) ନୁହେଁ କି କଜ୍ଜାବ୍ (ମିଥ୍ୟାବାଦୀ) ନୁହେଁ । ଯଦି ତୁମ୍ଭେମାନେ ଈଶ୍ୱରଙ୍କ ଶପଥ ପରେ ମଧ୍ୟ ଏବଂ ସେହି ନିଦର୍ଶନଗୁଡ଼ିକୁ ଦେଖି ମଧ୍ୟ ଯାହା କି ସେ ମୋ ସମର୍ଥନରେ ଦେଖାଇଛନ୍ତି ମୋତେ ମିଥ୍ୟାବାଦୀ ତଥା ପ୍ରତାରକ କହୁଅଛି ତେବେ ଏଥି ଉତ୍ତାରେ ମୁଁ ତୁମମାନଙ୍କୁ ଈଶ୍ୱରଙ୍କ ଶପଥ ଦେଉଅଛି ଯେ, ଏପରି କୌଣସି ପ୍ରତାରକର ଉଦାହରଣ ଉପସ୍ଥାପନ କର ଯିଏ କି ତାହାର ପ୍ରତିଦିନର ଶଠତା ଏବଂ ମିଥ୍ୟାଚାରର ସତ୍ତ୍ୱେ ଯାହା ସେ ଈଶ୍ୱରଙ୍କ ପ୍ରତି କରୁଥାଏ, ଈଶ୍ୱର ତା'ର ସମର୍ଥନ ଓ ସହାୟତା କରି ଚାଲୁଥିବେ । ଦରକାର ତ ଏହା ଥିଲା ଯେ, ତାହାକୁ ମାରି ଦେଇଥାଆନ୍ତେ କିନ୍ତୁ ଏଠାରେ ଏଥି ବିପରୀତ କାର୍ଯ୍ୟ ହେଉଅଛି । ମୁଁ ଈଶ୍ୱରଙ୍କ ଶପଥ ନେଇ କହୁଅଛି ଯେ, ମୁଁ ସତ୍ୟବାଦୀ ଏବଂ ସେହି ପରାକ୍ରମୀ ପ୍ରଭୁଙ୍କ ତରଫରୁ ଆସିଅଛି । କିନ୍ତୁ ମୋତେ ମିଥ୍ୟାବାଦୀ ଏବଂ ପ୍ରତାରକ କୁହାଯାଉଛି । ପୁଣି ଈଶ୍ୱର ପ୍ରତ୍ୟେକ ମକଦ୍ଦମା ଏବଂ ପ୍ରତ୍ୟେକ ବିପତ୍ତିରେ ଯେଉଁଟିକୁ ସମ୍ପ୍ରଦାୟ ମୋ ବିରୁଦ୍ଧରେ ସୃଷ୍ଟି କରୁଛି ମୋତେ ହିଁ ସାହାଯ୍ୟ କରୁଛନ୍ତି ଏବଂ ତହିଁରୁ ମୋତେ ରକ୍ଷା କରୁଛନ୍ତି । ପୁଣି ଏପରି ସାହାଯ୍ୟ ଯେ, ଲକ୍ଷାଧିକ ମନୁଷ୍ୟଙ୍କ ହୃଦୟରେ ମୋର ପ୍ରେମ ଜନ୍ମାଇ ଦେଲେ ମୁଁ ଏହା ଉପରେ ମୋର ସତ୍ୟତାକୁ ନିର୍ଭର କରାଉଅଛି । ଯଦି ତୁମ୍ଭେ କୌଣସି ଏପରି ପ୍ରତାରକର ଉଦାହରଣ ଦେଇଦେବ ଯେ କି ମିଥ୍ୟାବାଦୀ ହୋଇଥିବ ଏବଂ ଅଲ୍ଲାଃଙ୍କ ପ୍ରତି ସେ ମିଥ୍ୟାରୋପ କରିଥିବ । ପୁଣି ଈଶ୍ୱର (ଏଥିସତ୍ତ୍ୱେ) ତାହାର ଏହିପରି ସାହାଯ୍ୟ କରିଥିବେ ଏବଂ ଏହି ରୂପେ ଦୀର୍ଘ ସମୟ ପର୍ଯ୍ୟନ୍ତ ତାହାକୁ ଜୀବିତ ରଖିଥିବେ ତଥା ତା'ର କାମନାଗୁଡ଼ିକୁ ପୂରଣ କରିଥିବେ ।

ନିଶ୍ଚିତ ରୂପେ ଜାଣିରଖ ଯେ, ଈଶ୍ୱର-ପ୍ରେରିତ (ଅବତାରଗଣ) ସେହି (ଐଶ୍ୱରିକ) ନିଦର୍ଶନମାନ ଏବଂ ସମର୍ଥନମାନରୁ ଚିହ୍ନିତ ହୁଅନ୍ତି ଯାହାକି ଈଶ୍ୱର ସେମାନଙ୍କ ପାଇଁ ଦେଖାଇଥାନ୍ତି ଏବଂ ସେମାନଙ୍କର ସାହାଯ୍ୟ କରିଥାନ୍ତି । ମୁଁ ନିଜ କଥନରେ ସତ୍ୟବାଦୀ ଏବଂ ଈଶ୍ୱର ଯେ କି ହୃଦୟର ଅନ୍ତରକୁ ଦେଖିଥାଆନ୍ତି ସେ ମୋ ହୃଦୟର ଅବସ୍ଥା ପ୍ରତି ଅବଗତ ଓ ସଚେତନ । କ'ଣ ତୁମ୍ଭେ ଏତିକି ମଧ୍ୟ କହିପାରିବ ନାହିଁ ଯାହା ଫିର୍‌ଓ୍ୱନ୍ ସମ୍ପ୍ରଦାୟର ଗୋଟିଏ ବ୍ୟକ୍ତି କହିଥିଲା ।

اِنۡ یَّکُ کَاذِبًا فَعَلَیۡہِ کَذِبُہٗ ۚ وَاِنۡ یَّکُ صَادِقًا یُّصِبۡکُمۡ بَعۡضُ الَّذِیۡ یَعِدُکُمۡ

(ମୁମିନ୍ 40:29) କ'ଣ ତୁମ୍ଭେ ଏହା ବିଶ୍ୱାସ କରୁନାହଁ ଯେ, ସର୍ବଶକ୍ତିମାନ ଅଲ୍ଲାଃ ମିଥ୍ୟାବାଦୀମାନଙ୍କର ପରମ ଶତ୍ରୁ । ତୁମେ ସମସ୍ତେ ମିଶି ମୋ ଉପରେ ଯେଉଁ ଆକ୍ରମଣ କରୁଅଛ । ଈଶ୍ୱରଙ୍କ ପ୍ରକୋପ ଏହାଠାରୁ କାହିଁ ଅଧିକ ହୋଇଥାଏ । ପୁଣି ତାଙ୍କ ପ୍ରକୋପରୁ କିଏ ବଞ୍ଚାଇ ପାରିବ ଏହି ଆୟତ୍ ଯାହାକି ମୁଁ ପାଠ କରିଅଛି ସେଥିରେ ଏହି ପ୍ରସଙ୍ଗଟି ମଧ୍ୟ ମନେ ରଖିବା ଯୋଗ୍ୟ ଯେ, ପ୍ରତିଶୃତିର କେତେକ ଭବିଷ୍ୟତ ବାଣୀଗୁଡ଼ିକୁ (ସେ) ପୂରଣ କରିଦେବେ । ଏଠାରେ 'ସମସ୍ତ' କୁହାଯାଇ ନାହିଁ । ଏହାର ରହସ୍ୟ କ'ଣ ? ରହସ୍ୟ ଏହି କି ଯେ, ପ୍ରତିଶୃତିର ଭବିଷ୍ୟତ ବାଣୀଗୁଡ଼ିକ ସର୍ତ୍ତମୂଳକ ହୋଇଥାଏ ତାହା ଅନୁତାପ, କ୍ଷମା ମାଗିବା ଏବଂ ଈଶ୍ୱରଙ୍କ ଆଡ଼କୁ ପ୍ରତ୍ୟାବର୍ତ୍ତନ ଦ୍ୱାରା ଟଳି ମଧ୍ୟ ଯାଇଥାଏ ।

ଭବିଷ୍ୟତ ବାଣୀ ଦୁଇ ପ୍ରକାରର ହୋଇଥାଏ । ଗୋଟିଏ ପ୍ରତିଶୃତିର । ଯେପରିକି କୁହାଯାଇଛି;

وَعَدَ اللّٰہُ الَّذِیۡنَ اٰمَنُوۡا مِنۡکُمۡ (ନୁର୍ 24:56)

ଅହ୍‌ଲେ ସୁନ୍ନତ୍ ମାନୁଛନ୍ତି ଯେ, ଏହି ପ୍ରକାରର ଭବିଷ୍ୟତ ବାଣୀଗୁଡ଼ିକରେ ପ୍ରତିଶୃତି ଭଙ୍ଗ ହୁଏ ନାହିଁ କାରଣ ଈଶ୍ୱର (କୃପାଳୁ) ଅଟନ୍ତି । କିନ୍ତୁ ପ୍ରତିଶୃତିମାନର ଭବିଷ୍ୟତ ବାଣୀଗୁଡ଼ିକରେ ସେ ଭୟଭୀତ କରାଇ କ୍ଷମା ମଧ୍ୟ କରିଦେଇ ଥାଆନ୍ତି । ଏଥିପାଇଁ କି ସେ ଦୟାଳୁ ଅଟନ୍ତି । ଅତିଶୟ ମୂର୍ଖ ଏବଂ ଇସଲାମ୍ ଠାରୁ ଦୂରରେ ପଡ଼ି ରହିଛି ସେହି ବ୍ୟକ୍ତି ଯେ କି କହୁଅଛି ପ୍ରତିଶୃତିମାନର ସମସ୍ତ ଭବିଷ୍ୟତ ବାଣୀଗୁଡ଼ିକ ନିଶ୍ଚିତ ରୂପେ ପୂରଣ ହୋଇଥାଏ । ସେ ପବିତ୍ର କୁରଆନ୍‌କୁ ପରିତ୍ୟାଗ କରୁଅଛି; ଏଥିପାଇଁ ଯେ ପବିତ୍ର କୁରଆନ୍ ତ କହୁଅଛି:

یُّصِبۡکُمۡ بَعۡضُ الَّذِیۡ یَعِدُکُمۡ (ମୁମିନ୍ 40:29)

ଦୁଃଖ ଏହି ଯେ, ଅନେକ ଲୋକ ମୌଲବୀ କୁହାଉ ଅଛନ୍ତି କିନ୍ତୁ ସେମାନଙ୍କୁ ନା କୁରଆନ୍‌ର ଜ୍ଞାନ ଅଛି ନା ହଦିସ୍‌ର ନା ଧର୍ମ ପ୍ରବର୍ତ୍ତକମାନଙ୍କ ସୁନ୍ନତ (ଦର୍ଶିତ ମାର୍ଗ)ର କେବଳ ଇର୍ଷା ପରାୟଣତାରେ ବକ୍‌ବକ୍ ହୋଇଥାନ୍ତି । ସେଥିପାଇଁ ସେମାନେ ଧୋକା ଦେଇଥାନ୍ତି । ମନେରଖ:الکریم اذا وعد وفٰی

ରହୀମ୍ (ଦୟାଳୁ)ର ସଂଜ୍ଞା ଏହିକି ଯେ, ଦଣ୍ଡଯୋଗ୍ୟ ପାଇଁ ମଧ୍ୟ କ୍ଷମା କରିଦେଇଥାଏ ଏବଂ ଏହା ତ ମନୁଷ୍ୟର ସ୍ୱଭାବରେ ମଧ୍ୟ ରହିଛି ଯେ, ସେ କ୍ଷମା କରିଦେଇଥାଏ । ଥରେ ମୋ ପ୍ରତିପକ୍ଷରେ ଜଣେ ବ୍ୟକ୍ତି ମିଥ୍ୟା ସାକ୍ଷ୍ୟ ଦେଲା । ତାହା ଉପରେ ଦୋଷ ସାବ୍ୟସ୍ତ ଥିଲା । ସେହି ମକଦ୍ଦମା ଗୋଟିଏ ଇଂରେଜ ପାଖରେ ଥିଲା । ତାହାକୁ ସଂଯୋଗ ବଶତଃ ପତ୍ର ଆସିଗଲା ଯେ ତାହାର ଗୋଟିଏ ଦୂରସ୍ଥ ସ୍ଥାନକୁ ବଦଳି ହୋଇଯାଇଛି । ସେ ଦୁଃଖିତ ହେଲା । ଦୋଷି ଜଣକ ବୃଦ୍ଧ ବ୍ୟକ୍ତି ଥିଲା । ମୁନ୍‌ସୀକୁ କହିଲା; ଏ ତ କାରାଗାରରେ ହିଁ ମରିଯିବ । ସେ (ମୁନ୍‌ସୀ) ମଧ୍ୟ କହିଲା; ହଜୁର ଗୃହସ୍ଥିବାଲା ଅଟେ । ଏଥିପ୍ରତି ସେ ଇଂରେଜ ପୁନଶ୍ଚ କହିଲା; ଏବେ ତ ଫାଇଲ୍ ତିଆର ହୋଇ ସାରିଲାଣି । ଏବେ କ'ଣ କିଛି ହୋଇପାରିବ ? ଆହୁରି କହିଲା କି ଠିକ୍ ଅଛି ସେହି ଫାଇଲକୁ ନଷ୍ଟ କରିଦିଅ । ଏବେ ବିଚାର କର ଯେ, ଇଂରେଜକୁ ତ ଦୟା ଆସିଯାଇ ପାରେ ହେଲେ ପରମେଶ୍ୱରଙ୍କୁ ଆସେ ନାହିଁ ?

ପୁଣି କଥା ଉପରେ ଗଭୀର ବିଚାର କର ଯେ, ସଦ୍‌କା ଏବଂ ଖୈରାତ୍ (ଦାନ ଓ ପୂଣ୍ୟ) କାହିଁକି ପ୍ରଚଳିତ ? ଏବଂ ପ୍ରତ୍ୟେକ ସମ୍ପ୍ରଦାୟରେ ଏହାର ପରମ୍ପରା ରହିଛି । ସ୍ୱଭାବିକ ରୂପେ ମନୁଷ୍ୟ ବିପଦ ଓ ଆପଦ ବେଳେ ସଦ୍‌କା ଦେବାକୁ ଚାହିଁଥାଏ ଏବଂ ପୁଣ୍ୟ ମଧ୍ୟ କରିଥାଏ । ଆଉ କୁହାଯାଏ ଯେ ଛେଳି ଦିଅ, ବସ୍ତ୍ର ଦିଅ, ଏହା ଦିଅ, ତାହା ଦିଅ । ଯଦି ଏହା ଦ୍ୱାରା ବିପତ୍ତି ଦୂର ହୁଏ ନାହିଁ ତେବେ ପୁଣି ମନୁଷ୍ୟ ବିବଶ ହୋଇ କାହିଁକି ଏପରି କରିଥାଏ ? ନୁହେଁ ! ବିପତ୍ତି ଦୂର ହୋଇଥାଏ । ଏକ ଲକ୍ଷ ଚବିଶି ହଜାର ଧର୍ମ ପ୍ରବର୍ତ୍ତକଙ୍କ ସହମତିରୁ ଏହା ସାବ୍ୟସ୍ତ ଏବଂ ମୁଁ ନିଶ୍ଚିତ ରୂପେ ଜାଣିଅଛି ଯେ, ଏହା କେବଳ ମୁସଲମାନମାନଙ୍କର ହିଁ ମତ ନୁହଁ ବରଂ ଇହୁଦୀ, ଖ୍ରୀଷ୍ଟିୟାନ୍ ଓ ହିନ୍ଦୁମାନଙ୍କର ମଧ୍ୟ ଏହି ମତ ଏବଂ ମୋର ଜାଣିବାରେ ଭୂ-ପୃଷ୍ଠରେ କେହି ମଧ୍ୟ ଏହି କଥାରେ ଅରାଜି ନାହାଁନ୍ତି । ଯଦି କଥା ଏଭଳି ତେବେ ସ୍ପଷ୍ଟ ଜାହିର୍ ହୋଇଗଲା ଯେ, ପରମେଶ୍ୱରଙ୍କ ସେହି ନିୟତ ଟଳି ଯାଇଥାଏ ।

ଭବିଷ୍ୟବାଣୀ ଏବଂ ଈଶ୍ୱରଙ୍କ ଇଚ୍ଛା ମଧ୍ୟରେ କେବଳ ଏତିକି ପାର୍ଥକ୍ୟ ଯେ, ଭବିଷ୍ୟବାଣୀର ସୂଚନା ଅବତାରକୁ ଦିଆଯାଇଥାଏ ଏବଂ ଈଶ୍ୱରଙ୍କ

ଇଚ୍ଛା କାହାରିକୁ ଜଣା ନଥାଏ ବରଂ ତାହା ଗୋପନୀୟ ରହିଥାଏ। ଯଦି ଈଶ୍ୱରଙ୍କ ସେହି ଇଚ୍ଛା ଅବତାରଙ୍କ ଉପରେ ପ୍ରକଟ କରିଦିଆଯାଏ ତେବେ ତାହା ଭବିଷ୍ୟବାଣୀ ହୋଇଥାଏ। ଯଦି ଭବିଷ୍ୟବାଣୀ ଟଳିପାରିବ ନାହିଁ ତେବେ ଈଶ୍ୱରଙ୍କ ଇଚ୍ଛା ମଧ୍ୟ ସଦ୍‌କା ଏବଂ ଖୈରାତ୍ (ଦାନ ପୁଣ୍ୟ) ଦ୍ୱାରା ଟଳିପାରିବ ନାହିଁ। କିନ୍ତୁ ଏହା ସମ୍ପୂର୍ଣ୍ଣ ଭୁଲ ଅଟେ। ଯେହେତୁ ଐଶ୍ୱରିକ ପାପଗୁଡ଼ିକ ଟଳି ଯାଇଥାଏ। ସେଥିପାଇଁ ଅଲ୍ଲାଃ କହିଛନ୍ତି:-

وَاِنْ يَّكُ صَادِقًا يُّصِبْكُمْ بَعْضُ الَّذِىْ يَعِدُكُمْ

(ମୁମିନ୍ 40:29) ଏବେ ସର୍ବଶକ୍ତିମାନ ଅଲ୍ଲାଃ ନିଜେ ସାକ୍ଷୀ ଦେଉଛନ୍ତି ଯେ, ହଜରତ ମୁହମ୍ମଦ ସ.ଅଙ୍କ କେତେକ ଭବିଷ୍ୟତ ବାଣୀମାନ ମଧ୍ୟ ଟଳି ଯାଇଥିଲା। ଯଦି ମୋର କୌଣସି ଭବିଷ୍ୟତ ବାଣୀ ଉପରେ ଏପରି ଆପତ୍ତି କରାଯାଉଅଛି ତେବେ ମୋତେ ଏହାର ଉତ୍ତର ଦିଅ। ଯଦି ଏହି ବିଷୟରେ ମୋର ଅସ୍ୱୀକାର କରିବ ତେବେ ମୋର ନୁହେଁ ବରଂ ସର୍ବଶକ୍ତିମାନ ଅଲ୍ଲାଃଙ୍କୁ ଅସ୍ୱୀକାର କରିବାବାଲା ସାବ୍ୟସ୍ତ ହେବ। ମୁଁ ଅତ୍ୟନ୍ତ ବିଶ୍ୱାସର ସହ କହୁଅଛି ଯେ, ଏହା ସମସ୍ତ ଅହ୍‌ଲେ ସୁନ୍ନତ୍ ଜମାଅତ୍ ଏବଂ ସମଗ୍ର ଦୁନିଆର ସାମୂହିକ ମତ ଯେ, ବିନମ୍ରତା ଦ୍ୱାରା ଶାସ୍ତିର ପ୍ରତିଶୃତି ଟଳି ଯାଇଥାଏ। କ'ଣ ହଜରତ ୟୁନୁସ୍ ଅ.ସଙ୍କ ଉଦାହରଣ ମଧ୍ୟ ତୁମ୍ଭେ ଭୁଲିଯାଇଅଛ? ହଜରତ ୟୁନୁସ୍‌ଙ୍କ ସମ୍ପ୍ରଦାୟ ଉପରୁ ଯେଉଁ ଦଣ୍ଡ ଟଳି ଯାଇଥିଲା ତାହାର କାରଣ କ'ଣ ଥିଲା? "ଦୂର୍‌ରେ ମନସୂର୍" ଇତ୍ୟାଦିକୁ ଦେଖ ଏବଂ ବାଇବେଲ୍‌ରେ ୟୁହନା ଅବତାରଙ୍କ ପୁସ୍ତକ ମହଜୁଦ ରହିଛି। ସେ ଶାସ୍ତିର ଅଟଳ ପ୍ରତିଶୃତି ଥିଲା କିନ୍ତୁ ହଜରତ ୟୁନୁସ୍ ଅ.ସଙ୍କ ସମ୍ପ୍ରଦାୟର ଲୋକମାନେ ଶାସ୍ତିର ପୂର୍ବାଭାସ ଦେଖି ଅନୁତାପ କଲେ ଏବଂ ତାଙ୍କ (ଅର୍ଥାତ୍ ଈଶ୍ୱରଙ୍କ) ଆଡ଼କୁ ମୁହାଁଇଲେ। ଈଶ୍ୱର ସେମାନଙ୍କୁ କ୍ଷମା କଲେ ଏବଂ ଦଣ୍ଡ ଟଳିଗଲା। ସେପଟେ ହଜରତ ୟୁନୁସ୍ ନିର୍ଦ୍ଧାରିତ ଦିନ ଦଣ୍ଡର ପ୍ରତୀକ୍ଷା କରୁଥିଲେ। ଲୋକମାନଙ୍କଠାରୁ ଖବରମାନ ପଚାରୁଥିଲେ। ଗୋଟିଏ ଜମିଦାରକୁ ପଚାରିଲେ ଯେ, ନିନେଭା (ବସ୍ତି)ର ଖବର କ'ଣ? ସେ କହିଲା; (ସେମାନଙ୍କ) ଖବର ଭଲ। ଏଥିରୁ ହଜରତ ୟୁନୁସ୍

ଅ.ସ.ଙ୍କୁ ଅତି ଦୁଃଖ ଘାରିଲା । ସେ କହିଲେ; لن ارجع الی قومی کذّابًا ଅର୍ଥାତ୍ ମୁଁ ନିଜ ସମ୍ପ୍ରଦାୟ ପାଖକୁ ମିଥ୍ୟାବାଦୀ ବୋଲାଇ ଯିବି ନାହିଁ । ଏବେ ଏହି ଉଦାହରଣ ଥାଉଥାଉ ଏବଂ ପବିତ୍ର କୁରଆନ୍‌ର ଦୃଢ଼ ସାକ୍ଷ୍ୟର ଉପସ୍ଥିତିରେ ମୋର ଏପରି କୌଣସି ଭବିଷ୍ୟତ ବାଣୀ ଉପରେ ଯାହା ପ୍ରଥମରୁ ହିଁ ସର୍ତ୍ତମୂଳକ ଥିଲା, ଆପତ୍ତି କରିବା ଧାର୍ମିକତା ବିରୁଦ୍ଧ ଅଟେ । ଧର୍ମପରାୟଣ ବ୍ୟକ୍ତିର ଏହା ଶୋଭା ନୁହେଁ ଯେ, ସେ ବିନା ଭାବିଚିନ୍ତି ମୁଖରୁ କଥା ବାହାର କରିଦେବ ଏବଂ ପ୍ରତ୍ୟାଖ୍ୟାନ କରିବାକୁ ରାଜି ହୋଇଯିବ ।

ହଜରତ ୟୁନୁସ୍‌ଙ୍କ ବୃତ୍ତାନ୍ତ ଅତ୍ୟନ୍ତ କରୁଣ ଓ ଶିକ୍ଷଣୀୟ ଏବଂ ତାହା ପୁସ୍ତକଗୁଡ଼ିକରେ ଲେଖାଅଛି, ତାହାକୁ ଧ୍ୟାନର ସହ ପାଠ କର । ଏପରିକି ସେ ନଦୀରେ ପକାଇ ଦିଆଗଲେ ଏବଂ ମାଛ ପେଟକୁ ଗଲେ । ତେବେ ଯାଇ ଅନୁତାପ ସ୍ୱୀକାର ହେଲା । ଏହି ଶାସ୍ତି ଏବଂ ଚଡ଼କ ହଜରତ ୟୁନୁସ୍‌ଙ୍କ ଉପରେ କାହିଁକି ପଡ଼ିଲା ? ଏଥିପାଇଁ ଯେ ସେ ଈଶ୍ୱରଙ୍କୁ ସର୍ବଶକ୍ତିମାନ ଭାବିଲେ ନାହିଁ, ଯେ କି ପାପକୁ ଟାଳି ଦେଇଥାଏ । ତେବେ ତୁମ୍ଭେମାନେ ମୋ ବିଷୟରେ କାହିଁକି ଏତେ ତତ୍‌ପର ? ଏବଂ ମୋତେ ପ୍ରତ୍ୟାଖ୍ୟାନ କରିବା ପାଇଁ ସମସ୍ତ ଅବତାରମାନଙ୍କୁ ପ୍ରତ୍ୟାଖ୍ୟାନ କରୁଅଛ ?

ମନେରଖ ! ପରମେଶ୍ୱରଙ୍କ ନାମ ହେଉଛି ଗଫାର୍ (ଅତ୍ୟନ୍ତ କ୍ଷମାଶୀଳ । ତେବେ ପୁଣି ସେ (ଅଲ୍ଲାଃ) ଫେରନ୍ତାମାନଙ୍କୁ କାହିଁକି କ୍ଷମା ନ କରିବେ ? ଏହିପରି ଭ୍ରମ ଧାରଣାମାନ ଧର୍ମ ମଧ୍ୟରେ ସୃଷ୍ଟି ହୋଇଯାଇଛି । ଏହି ଭ୍ରମ ଧାରଣାମାନ ମଧ୍ୟରୁ ଜିହାଦ୍ (ଧର୍ମଯୁଦ୍ଧ)ର ଭ୍ରମ ଧାରଣା ମଧ୍ୟ ଗୋଟିଏ । ମୋତେ ଆଶ୍ଚର୍ଯ୍ୟ ଲାଗେ ଯେ, ଯେତେବେଳେ ମୁଁ କହେ ଜିହାଦ୍ (ଧର୍ମଯୁଦ୍ଧ) ନିଷିଦ୍ଧ ସେତେବେଳେ ସେମାନେ କ୍ରୋଧରେ ଚକ୍ଷୁ ଲାଲ କରିଦିଅନ୍ତି । ଯଦି ଓ ନିଜେ ମଧ୍ୟ ମାନୁଛନ୍ତି କି ଯେଉଁ ହଦିସ୍‌ଗୁଡ଼ିକ ଖୁନୀ ମେହଦୀ (ରକ୍ତାକ୍ତ ମେହଦୀ) ବିଷୟରେ ରହିଛି ସେଗୁଡ଼ିକ ଭ୍ରମାତ୍ମକ । ମୌଲବୀ ହୁସୈନ୍ ବଟାଲଭ୍ୱୀ ଏହି ବିଷୟରେ ପ୍ରବନ୍ଧମାନ ଲେଖିଛନ୍ତି ଏବଂ ଏହି ବିଚାର ମିୟାଁ ନଜୀର ହୁସୈନ୍ ଦେହେଲଭ୍ୱୀଙ୍କର ମଧ୍ୟ ରହିଛି ସେ ଏଗୁଡ଼ିକୁ କେବେ ବି ଠିକ୍ ବୋଲି ଭାବୁ ନଥିଲେ । ତେବେ ପୁଣି ମୋତେ ମିଥ୍ୟାବାଦୀ କାହିଁକି କୁହା ଯାଉଅଛ ? ସତ୍ୟ

କଥା ଏହି ଯେ ମସିହ ମଉଦ୍ ଏବଂ ମେହଦୀର କାମ ଏହିକି ଯେ, ସେ ଯୁଦ୍ଧର ଶୃଙ୍ଖଳାକୁ ବନ୍ଦ କରିବ । କଲମ-ପ୍ରାର୍ଥନା-ଧ୍ୟାନ ଦ୍ୱାରା ଇସଲାମ୍‌କୁ ଚର୍ଚ୍ଚିତ କରିବ । ଦୁଃଖର ବିଷୟ ଯେ, ଲୋକମାନେ ଏହି କଥା ବୁଝିପାରୁ ନାହାଁନ୍ତି । ଏହା ଏଥିପାଇଁ ଯେ ସଂସାର ପ୍ରତି ଯେତେ ଧ୍ୟାନ ରହିଛି, ଧର୍ମ ପ୍ରତି ନାହିଁ । ସଂସାରର ପ୍ରଦୂଷଣ ଏବଂ ଅପବିତ୍ରତାରେ ଘାଣ୍ଟି ହୋଇ କିପରି ଏ ଆଶା କରିପାରିବା ଯେ, ତାଙ୍କ ଉପରେ ପବିତ୍ର କୁରଆନ୍‌ର ରହସ୍ୟ ଉନ୍ମୋଚନ ହୋଇଯିବ । ସେଠାରେ (ପବିତ୍ର କୁରଆନ୍‌ରେ) ଏହା ତ ପରିଷ୍କାର ଲେଖାଅଛି:

لَّا يَمَسُّهُ إِلَّا الْمُطَهَّرُونَ (ୱାକେୟା 56:80 )

ଏହି କଥାକୁ ମଧ୍ୟ ଅନ୍ତରରୁ ଶୁଣ ଯେ, ମୋର ପ୍ରେରିତ ହେବାର ମୁଖ୍ୟ କାରଣ କ'ଣ ? ମୋର ଆସିବାର ଉଦ୍ଦେଶ୍ୟ ଏବଂ ଅଭିପ୍ରାୟ କେବଳ ଏହି ଯେ, ଇସଲାମ୍‌ର ନବୀକରଣ କରିବା ଏବଂ ସମର୍ଥନ କରିବା । ଏଥିରୁ ଏହା ବୁଝିବା ଉଚିତ୍ ନୁହଁ ଯେ, ମୁଁ ଏଥିପାଇଁ ଆସିଅଛି କି କୌଣସି ନୂଆ ଐଶ୍ୱରିକ ବିଧାନ ଶିଖାଇବି ଅଥବା ନୂତନ ନିର୍ଦ୍ଦେଶ ଦେବି ଅଥବା କୌଣସି ନୂଆ ପୁସ୍ତକ ଅବତୀର୍ଣ୍ଣ ହେବ, କଦାପି ନୁହେଁ । ଯଦି କୌଣସି ବ୍ୟକ୍ତି ଏଭଳି ଚିନ୍ତା କରୁଅଛି ତେବେ ମୋ ନିକଟରେ ସେ ଅତ୍ୟନ୍ତ ବିପଥଗାମୀ ଏବଂ ବିଧର୍ମୀ । ହଜରତ ମୁହମ୍ମଦ ସ.ଅ.ଙ୍କ ଉପରେ ଶରିଅତ୍ (ଐଶ୍ୱରିକ ବିଧାନ) ଏବଂ ନବୁଓ୍ୱତ୍ (ଅବତାରତ୍ୱ)ର ଅନ୍ତ ହୋଇ ସାରିଅଛି । ଏବେ କୌଣସି ଶରିୟତ୍ ଆସିପାରିବ ନାହିଁ । ପବିତ୍ର କୁରଆନ୍ ହେଉଛି ଶେଷ ପୁସ୍ତକ । ଏବେ ଏଥିରେ ବିନ୍ଦୁ ବିସର୍ଗ କମ୍ ବେଶୀର ମଧ୍ୟ ସ୍ଥାନ ନାହିଁ । ହଁ ଏହା ସତ୍ୟ ଯେ, ହଜରତ ମୁହମ୍ମଦ ସ.ଅ.ଙ୍କ ଆଶୀର୍ବାଦ ଏବଂ କଲ୍ୟାଣ ଓ ପବିତ୍ର କୁରଆନ୍‌ର ନୀତିଶିକ୍ଷା ଏବଂ ମାର୍ଗଦର୍ଶନର ଉପକାର ଶେଷ ହେବ ନାହିଁ । ତାହା ସବୁ ଯୁଗରେ ସଜ ହୋଇ ରହିଛି । ସେହି ଆଶୀର୍ବାଦ ଏବଂ କଲ୍ୟାଣଗୁଡ଼ିକର ପ୍ରମାଣ ନିମନ୍ତେ ସର୍ବଶକ୍ତିମାନ ଅଲ୍ଲାଃ **ମୋତେ ଛିଡ଼ା କରିଛନ୍ତି** । ଇସଲାମ୍‌ର ଅବସ୍ଥା ଯାହା ଏହି ସମୟରେ ଅଛି ତାହା କାହାରିକୁ ଅଜଣା ନୁହେଁ । ସର୍ବସମ୍ମତି ରୂପେ ଏହା ସ୍ୱୀକାର କରି ନିଆଯାଇଛି ଯେ, ସମସ୍ତ ପ୍ରକାରର ଦୁର୍ବଳତା ଏବଂ ପତନର ଶରବ୍ୟ ମୁସଲମାନ୍‌ମାନେ ହେଉଛନ୍ତି । ପ୍ରତ୍ୟେକ ଦୃଷ୍ଟିକୋଣରୁ ସେମାନେ ନିମ୍ନଗାମୀ । ସେମାନଙ୍କର ଜିହ୍ୱା

ସଙ୍ଗରେ ଅଛି ତ ହୃଦୟ ନାହିଁ ଏବଂ ଇସଲାମ୍ ଅନାଥ ହୋଇଯାଇଛି । ଏପରି ପରିସ୍ଥିତିରେ ପରମେଶ୍ୱର ମୋତେ ପଠାଇଛନ୍ତି । ମୁଁ ତାହାର ସମର୍ଥନ ଓ ତତ୍ତ୍ୱାବଧାୟକତା କରେ ଏବଂ ଅଲ୍ଲାଃ ନିଜର ପ୍ରତିଶୃତି ଅନୁଯାୟୀ (ମୋତେ) ପଠାଇଅଛନ୍ତି । ସେ କହିଛନ୍ତି:-

اِنَّا نَحۡنُ نَزَّلۡنَا الذِّكۡرَ وَ اِنَّا لَهٗ لَحٰفِظُوۡنَ (ହିଜର୍ 15:10)

ଯଦି ଏ ସମୟରେ ସମର୍ଥନ ଓ ସାହାଯ୍ୟ ଏବଂ ସୁରକ୍ଷା କରାଯାଇ ନଥାନ୍ତା ତେବେ ସେ ଆଉ କିଭଳି ସମୟ ଆସିବ ? ଏବେ ଏହି ଚତୁର୍ଦ୍ଦଶ ଶତାବ୍ଦୀରେ ସେହି ଅବସ୍ଥା ହୋଇଛି ଯାହା ବଦର୍ (ଯୁଦ୍ଧ) ସମୟରେ ହୋଇଥିଲା । ଯେଉଁଥିପାଇଁ ଅଲ୍ଲାଃତାଲା କହୁଛନ୍ତି:-

وَلَقَدۡ نَصَرَكُمُ اللّٰهُ بِبَدۡرٍ وَّاَنۡتُمۡ اَذِلَّةٌ (ଆଲେ ଇମ୍ରାନ୍ 3:124)

ଏହି ଆୟତରେ ମଧ୍ୟ ଗୋଟିଏ ଭବିଷ୍ୟବାଣୀ କେନ୍ଦ୍ରିତ ଥିଲା ଅର୍ଥାତ୍ ଚତୁର୍ଦ୍ଦଶ ଶତାବ୍ଦୀରେ ଯେତେବେଳେ ଇସଲାମ୍ ଦୁର୍ବଳ ଏବଂ ଶକ୍ତିହୀନ ହୋଇପଡ଼ିବ । ସେହି ସମୟରେ ଈଶ୍ୱର ଏହି ରକ୍ଷା କରିବାର ପ୍ରତିଶୃତି ଅନୁଯାୟୀ ତାହାର ସାହାଯ୍ୟ କରିବେ । ତେବେ ପୁଣି ତୁମ୍ଭେ କାହିଁକି ଆଶ୍ଚର୍ଯ୍ୟ ହେଉଅଛ ଯେ, ସେ (ଅଲ୍ଲାଃ) ଇସଲାମ୍‌ର ସାହାଯ୍ୟ କଲେ ? ମୋତେ ଏହି କଥାର ଦୁଃଖ ନାହିଁ ଯେ, ମୋର ନାମ ଦଜ୍ଜାଲ ଓ କଜ୍ଜାବ୍ (ମିଥ୍ୟାବାଦୀ) ରଖାଯାଉ ଅଛି ଏବଂ ମୋ ପ୍ରତି ମିଥ୍ୟାରୋପ କରାଯାଉ ଅଛି, ଏଥିପାଇଁ ଏହା ଜରୁରୀ ଥିଲା କି ମୋ ସହିତ ସେହି ବ୍ୟବହାର କରାଯାଆନ୍ତା ଯାହା ମୋ ଠାରୁ ପୂର୍ବେ ଅଲ୍ଲାଃଙ୍କ ଦ୍ୱାରା ପ୍ରେରିତମାନଙ୍କ ସିହତ କରା ଯାଇଥିଲା ଯଦ୍ୱାରା ମୁଁ ମଧ୍ୟ ସେହି ଚିରାଚରିତ ସୁନ୍ନତ (ଐଶ୍ୱରିକ ନିୟମ)ରୁ ଭାଗ ପାଆନ୍ତି । ମୁଁ ତ ସେହି ଦୁଃଖ ଭୋଗ ଏବଂ ନିଷ୍ଠୁରତାର କିଛି ମଧ୍ୟ ଅଂଶ ପାଇ ନାହିଁ । କିନ୍ତୁ ଯେଉଁ ବିପତ୍ତି ଓ କଷ୍ଟମାନ ଆମ ସୈୟଦ ଏବଂ ମୌଲା ହଜରତ ମୁହମ୍ମଦ [ସ.ଅ]ଙ୍କ ମାର୍ଗରେ ଆସିଥିଲା ତାହାର ଉଦାହରଣ ଅନ୍ୟ ଅବତାର [ଅ.ସ]ଙ୍କ ଶୃଙ୍ଖଳାରେ କାହାରି ପାଇଁ ମଧ୍ୟ ଦେଖାଯାଇ ନଥିଲା । ଆପଣ[ସ.ଅ] ଇସଲାମ୍ ପାଇଁ ଏପରି ଅନେକ ଦୁଃଖକଷ୍ଟ ଉଠାଇଥିଲେ କି କଲମ ତାହାକୁ ଲେଖିବା ପାଇଁ ଏବଂ ଜିହ୍ୱା ତାହାକୁ ବର୍ଣ୍ଣନା କରିବା

ପାଇଁ ଅକ୍ଷମ ଏବଂ ଏଥିରୁ ଜଣା ପଡୁଅଛି ଯେ, ଆପଣ[ସ.ଅ] କିପରି ଏକ ଉଚ୍ଚ ମର୍ଯ୍ୟାଦା ବିଶିଷ୍ଟ ଏବଂ ଦୃଢ଼-ନିଶ୍ଚୟର ନବୀ ଥିଲେ । ଯଦି ପରମେଶ୍ୱରଙ୍କ ଅଲ୍ଲାଃତାଲାଙ୍କର ସମର୍ଥନ ଏବଂ ସାହାଯ୍ୟ ଆପଣ [ସ.ଅ]ଙ୍କ ସହିତ ନଥାନ୍ତା ତେବେ ସେହି ସଙ୍କଟମାନର ପାହାଡ଼କୁ ଉଠାଇବା ଅସମ୍ଭବ ହୋଇପଡ଼ିଥାନ୍ତା । ଯଦି କେହି ଅନ୍ୟ ଅବତାର ହୋଇଥାନ୍ତା ତେବେ ସେ ମଧ୍ୟ ଅଟକି ଯାଇଥାନ୍ତା । ପରନ୍ତୁ ଯେଉଁ ଇସଲାମ୍‌କୁ ଏପରି ବିପଦ ଏବଂ ଦୁଃଖ ସହିତ ଆପଣ[ସ.ଅ] ପ୍ରସାର କରିଥିଲେ ଆଜି ତାହାର ଯେଉଁ ଅବସ୍ଥା ହୋଇଯାଇଅଛି ତାହା ମୁଁ କେଉଁପରି କହିବି ?

ଇସଲାମ୍‌ର ଅର୍ଥ ତ ଏହା ଥିଲା ଯେ, ମନୁଷ୍ୟ ପରମେଶ୍ୱରଙ୍କ ପ୍ରେମ ଏବଂ ଆଜ୍ଞାନୁବର୍ତ୍ତୀତାରେ ଲୀନ ହୋଇଯାଉ ଏବଂ ଯେପରି ଏକ ଛାଗଳର ଗଳା କଂସେଇ ଆଗରେ ରହିଥାଏ । ସେହିପରି ମୁସଲ୍‌ମାନଙ୍କର ଗଳା ପରମେଶ୍ୱରଙ୍କ ଆଜ୍ଞା ପାଳନ ଲାଗି ଏବଂ ତାଙ୍କ ସମ୍ବନ୍ଧରେ ରଖି ଦିଆଯାଉ । ତାହାର ତାତ୍ପର୍ଯ୍ୟ ଏହା ଥିଲା କି ଈଶ୍ୱରଙ୍କୁ ହିଁ ଅଦ୍ୱିତୀୟ ଏବଂ ସମକକ୍ଷ ବିହୀନ ବୁଝାଯାଉ । ଯେତେବେଳେ ହଜରତ ମୁହମ୍ମଦ[ସ.ଅ] ଅବତୀର୍ଣ୍ଣ ହେଲେ ସେତେବେଳେ ଏହି ଏକେଶ୍ୱରବାଦ ଲୋପ ପାଇଯାଇଥିଲା ଏବଂ ଏହି ଦେଶ ଆର୍ଯ୍ୟବର୍ତ୍ତ ମଧ୍ୟ ମୂର୍ତ୍ତିମାନଙ୍କ ଦ୍ୱାରା ପୂର୍ଣ୍ଣ ଥିଲା । ଯେପରିକି ପଣ୍ଡିତ ଦୟାନନ୍ଦ ସରସ୍ୱତୀ ମଧ୍ୟ ଏହାକୁ ସ୍ୱୀକାର କରିଛନ୍ତି । ଏପରି ସମୟ ଏବଂ ଏପରି ଅବସ୍ଥାରେ ଆପଣଙ୍କ ଅବତୀର୍ଣ୍ଣ ହେବା ଜରୁରୀ ଥିଲା । ଏ ଯୁଗ ମଧ୍ୟ ତାହାରି ସମଦଶା ସମ୍ପନ୍ନ ଯେଉଁଥିରେ ମୂର୍ତ୍ତିପୂଜା ସହ ମାନବ ପୂଜା ଏବଂ ନାସ୍ତିକତା ମଧ୍ୟ ବ୍ୟାପି ଯାଇଅଛି । ଇସଲାମ୍‌ର ଅସଲ ଉଦ୍ଦେଶ୍ୟ ଏବଂ ଆତ୍ମା (କିଛି ବି) ବାକି ନାହିଁ । ଏହାର ସାର ତ ଏହା ଥିଲା ଯେ, ଈଶ୍ୱରଙ୍କ ପ୍ରେମରେ ବିଲୀନ ହୋଇଯିବା ଏବଂ ତାଙ୍କ ବ୍ୟତିରେକେ ଅନ୍ୟ କାହାକୁ ଉପାସନା ଯୋଗ୍ୟ ମନେ ନକରିବା । ଏହାର ଉଦ୍ଦେଶ୍ୟ ଏହିକି ଯେ, ମୁନୁଷ୍ୟ ଈଶ୍ୱରଙ୍କ ସହିତ ସଂଲଗ୍ନ ହୋଇଯାଉ ଏବଂ ସଂସାର ସହିତ ଜଡ଼ିତ ହୋଇ ନରହୁ । ଏହି ଉଦ୍ଦେଶ୍ୟ ନିମନ୍ତେ ଇସଲାମ୍ ସ୍ୱଶିକ୍ଷାକୁ ଦୁଇ ଭାଗରେ ବିଭକ୍ତ କରିଅଛି । ପ୍ରଥମ ଈଶ୍ୱରଙ୍କ ଅଧିକାର ଏବଂ ଦ୍ୱିତୀୟ ମାନବର ଅଧିକାର । ଈଶ୍ୱରଙ୍କ ଅଧିକାର ଏହି ଯେ, ତାଙ୍କୁ ମାନିବା

ଯୋଗ୍ୟ ବିଶ୍ୱାସ କରିବା । ମନୁଷ୍ୟର ଅଧିକାର ଏହି ଯେ, ଈଶ୍ୱରଙ୍କ ସୃଷ୍ଟି ସହିତ ସମ୍ବେଦନଶୀଳ ହେବା । ଏ ପଥ ଭଲ ନୁହେଁ ଯେ, କେବଳ ଧାର୍ମିକ ବିରୋଧତା ଯୋଗୁଁ କାହାରିକୁ ଦୁଃଖ ଦେବା । ସହାନୁଭୂତି ପ୍ରଦର୍ଶନ କରିବା ଓ ଉତ୍ତମ ବ୍ୟବହାର କରିବା ଭିନ୍ନ କଥା ଏବଂ ଧର୍ମବିରୋଧ ଅନ୍ୟ ଏକ କଥା । ମୁସଲ୍‌ମାନଙ୍କର ସେହି ସମୂହ ଯେ କି ଜିହାଦ୍‌ର ଭୁଲ ଏବଂ ଭ୍ରମ ଧାରଣାରେ ଜଡ଼ିତ ସେମାନେ ଏହାକୁ ମଧ୍ୟ ବୈଧ ରଖିଛନ୍ତି କି କାଫିର୍ (ଅବିଶ୍ୱାସୀ)ର ସମ୍ପତ୍ତିକୁ ଅବୈଧ ରୂପେ ନେଇଯିବା ଠିକ୍ । ସ୍ୱୟଂ ମୋ ସମ୍ବନ୍ଧରେ ମଧ୍ୟ ସେହି ଲୋକମାନେ ଫତୁଓ୍ୱା ଦେଲେ ଯେ, ଏହାଙ୍କ ସମ୍ପତ୍ତି ଲୁଟିନିଅ ବରଂ ଏପର୍ଯ୍ୟନ୍ତ ମଧ୍ୟ କହିଲେ ଯେ, ସେମାନଙ୍କ ପତ୍ନୀମାନଙ୍କୁ ନେଇଯାଅ ? ଯଦିଓ ଇସଲାମ୍‌ରେ ଏହି ପ୍ରକାରର ଅପବିତ୍ର ଶିକ୍ଷାମାନ ନଥିଲା । ତାହା ତ ଏକ ପରିଷ୍କାର ଏବଂ ପ୍ରାଞ୍ଜଳ ଧର୍ମ ଥିଲା । ଇସଲାମ୍‌ର ଉଦାହରଣ ଆମ୍ଭେ ଏପରି ଦେଇପାରିବା ଯେ, ଯେପରି ବାପା ନିଜର ପୈତୃତ ଅଧିକାରକୁ ହିଁ ଚାହୁଁଥାଏ ସେହିପରି ସେ ଚାହୁଁଥାଏ ଯେ, ସନ୍ତାନମାନଙ୍କ ମଧ୍ୟରେ ପରସ୍ପର ପ୍ରତି ସହାନୁଭୂତି ରହୁ । ସେ ଚାହେଁ ନାହିଁ ଯେ, (ତା'ର ସନ୍ତାନମାନେ) ପରସ୍ପରକୁ ହତ୍ୟା କରନ୍ତୁ । ଇସଲାମ୍ ମଧ୍ୟ ଯେଉଁଠି ଏହା ଚାହେଁ ଯେ, ଈଶ୍ୱରଙ୍କ କେହି ସମକକ୍ଷ ନହୁଅନ୍ତୁ ସେଠାରେ ତା'ର ଏହା ମଧ୍ୟ ଉଦ୍ଦେଶ୍ୟ ଯେ ମାନବ ସମାଜରେ ପ୍ରେମ ଏବଂ ଏକତା ହେଉ ।

(ଅଲହକମ୍ ତା : ୧୭ ଅକ୍ଟୋବର ୧୯୦୬ ପୃଷ୍ଠା- ୪,୫)

ନମାଜ ଏକତ୍ର ପାଠ କରିବାରେ ଯେଉଁ ଅଧିକ ପୂଣ୍ୟ ରଖାଯାଇ ଅଛି ତହିଁରେ ଏହି ଉଦ୍ଦେଶ୍ୟ ରହିଛି ଯେ, ଏହା ଦ୍ୱାରା ଏକତା ସୃଷ୍ଟି ହୋଇଥାଏ । ପୁଣି ସେହି ଏକତାକୁ ବ୍ୟବହାରିକ ରୂପରେ ଆଣିବା ପାଇଁ ଏପର୍ଯ୍ୟନ୍ତ ପରାମର୍ଶ ଏବଂ ନିର୍ଦ୍ଦେଶ ରହିଛି କି ପରସ୍ପରର ପାଦ ମଧ୍ୟ ସମାନ ରହୁ, ଧାଡ଼ି ସଳଖ ରହୁ ଏବଂ ପରସ୍ପର ସହିତ ଲାଗି ଲାଗି ରୁହନ୍ତୁ । ଏହାର ମତଲବ୍ ଏହି ଯେ, ଯେପରି ଜଣେ ହିଁ ବ୍ୟକ୍ତି ମାନ୍ୟ ହେବେ ଏବଂ ଜଣକର ଜ୍ୟୋତି ଅନ୍ୟ ଜଣକ ମଧ୍ୟରେ ପ୍ରବେଶ କରିପାରିବ ଏବଂ ସେହି ବ୍ୟବହାର ଯେଉଁଥିରୁ ସ୍ୱାର୍ଥ ଏବଂ ସ୍ୱାର୍ଥପରତା ଜନ୍ମ ନେଇଥାଏ, ତାହା ନରହୁ । ଏହା ଭଲ ଭାବରେ ମନେରଖ !

ଯେ ମନୁଷ୍ୟଠାରେ ଏପରି ସାମର୍ଥ୍ୟ ରହିଛି ଯେ, ସେ ଅନ୍ୟର ଜ୍ୟୋତିକୁ ଆହରଣ କରିଥାଏ । ପୁଣି ଏହି ଏକତା ପାଇଁ ଆଦେଶ ରହିଛି ଯେ, ପ୍ରତିଦିନର ନମାଜ ପାଇଁ ବସ୍ତିର ମସଜିଦ୍‌ରେ ଏବଂ ସପ୍ତାହ ପରେ ସହରର ମସଜିଦ୍‌ରେ ଏବଂ ପୁଣି ବର୍ଷପରେ ଇଦ୍‌ଗାହ୍‌ରେ ଏକତ୍ର ହୁଅ । ସମଗ୍ର ଭୂ-ପୃଷ୍ଠର ମୁସଲ୍‌ମାନ ବର୍ଷକୁ ଥରେ ବୈତୁଲ୍ଲାଃ (ଈଶ୍ୱରଙ୍କ ଗୃହ, ମକ୍‌କା) ଠାରେ ଏକତ୍ରିତ ହୁଅନ୍ତୁ । ଏହି ସମସ୍ତ ଆଦେଶଗୁଡ଼ିକର ଉଦ୍ଦେଶ୍ୟ ସେହି ଏକତା ଅଟେ ।

ପରମେଶ୍ୱର ଅଲ୍ଲାଃ ଅଧିକାରଗୁଡ଼ିକୁ (କେବଳ) ଦୁଇ ଭାଗରେ ବିଭକ୍ତ କରିଛନ୍ତି । **ପ୍ରଥମ** ଅଲ୍ଲାଃଙ୍କ ଅଧିକାର (ହୁକୁକୁଲ୍ଲାଃ), **ଦ୍ୱିତୀୟ** ଭକ୍ତର ଅଧିକାର (ହୁକୁକୁଲ୍ ଇବାଦ୍) ଏହା ଉପରେ ପବିତ୍ର କୁରଆନ୍‌ରେ ଅନେକ କିଛି ବର୍ଣ୍ଣନା କରାଯାଇଛି । ଗୋଟିଏ ସ୍ଥାନରେ ଈଶ୍ୱର ବର୍ଣ୍ଣନା କରନ୍ତି:-

فَاذْكُرُوا اللّٰهَ كَذِكْرِكُمْ اٰبَآءَكُمْ اَوْ اَشَدَّ ذِكْرًا

(ଅଲ୍ ବକରା 2:201) ଅର୍ଥାତ୍ ଅଲ୍ଲାଃଙ୍କୁ ସ୍ମରଣ କର । ଯେପରି ତୁମ୍ଭେ ନିଜ ପିତା, ପିତାମହମାନଙ୍କୁ ସ୍ମରଣ କରୁଅଛ ବରଂ ତାହା ଠାରୁ ମଧ୍ୟ ଅଧିକା ଏଠାରେ ଦୁଇଟି ସଂକେତ ରହିଛି । ଗୋଟିଏ ତ ଅଲ୍ଲାଃଙ୍କ ସ୍ମରଣକୁ ପିତା, ପିତାମହଙ୍କ ସ୍ମରଣ ସହିତ ସମାନତା ଦିଆଯାଇଅଛି । ଏଥିରେ ଏହି ରହସ୍ୟ ରହିଛି ଯେ ପିତା, ପିତାମହଙ୍କ ପ୍ରେମ ବ୍ୟକ୍ତିଗତ ଏବଂ ସ୍ୱଭାବିକ ପ୍ରେମ ହୋଇଥାଏ । ଦେଖ ଯେତେବେଳେ ମାଆ ନିଜ ପିଲାକୁ ମାରେ ସେତେବେଳେ ମଧ୍ୟ ସେ ମାଆ ମାଆ ହିଁ ଡ଼ାକିଥାଏ । ଏହି ଆୟତ୍‌ରେ ସର୍ବଶକ୍ତିମାନ ଅଲ୍ଲାଃ ଯେପରି ମନୁଷ୍ୟକୁ ଏହି ଶିକ୍ଷା ଦେଉଛନ୍ତି ଯେ, ସେ ଈଶ୍ୱରଙ୍କ ସହିତ ସ୍ୱାଭାବିକ ପ୍ରେମର ସମ୍ପର୍କ ଜନ୍ମାଉ । ଏହି ପ୍ରେମ ଉତ୍ତାରେ ଅଲ୍ଲାଃତାଲାଙ୍କ ଆଦେଶ ପାଳନ ସ୍ୱତଃ ସୃଷ୍ଟି ହୋଇଯାଏ । ଈଶ୍ୱର ଚେତନାର ଏହା ହିଁ ସେହି ଅସଲ ସ୍ଥାନ ଯେଉଁଠାକୁ ମନୁଷ୍ୟ ପହଞ୍ଚିବା ଦରକାର । ଅର୍ଥାତ୍ ତା'ଠାରେ ସର୍ବଶକ୍ତିମାନ ଅଲ୍ଲାଃଙ୍କ ସକାଶେ ସ୍ୱଭାବିକ ଏବଂ ବ୍ୟକ୍ତିଗତ ପ୍ରେମ ସୃଷ୍ଟି ହୋଇଯାଉ । ଅନ୍ୟ ଏକ ସ୍ଥାନରେ ଏପରି  କହିଛନ୍ତି ଯେ:-

اِنَّ اللّٰهَ يَاْمُرُ بِالْعَدْلِ وَالْاِحْسَانِ وَاِيْتَآئِ ذِى الْقُرْبٰى

(ଅନ୍ ନହଲ୍ 16:91) ଏହି ଆୟତ୍‌ରେ ସେହି ତିନିଗୋଟି ସୋପାନର ବର୍ଣ୍ଣନା ହୋଇଅଛି ଯାହାକୁ ମନୁଷ୍ୟ ହାସଲ କରିବା ଦରକାର । ପ୍ରଥମ ସୋପାନ ହେଉଛି ନ୍ୟାୟ । ଏବଂ ନ୍ୟାୟ ହେଉଛି ପ୍ରତିବଦଳର ସର୍ତ୍ତରେ କାହାରି ହିତସାଧନ ଏବଂ ଏହା ସ୍ପଷ୍ଟ କଥା ଯେ ଏପରି ପୁଣ୍ୟ କାର୍ଯ୍ୟ କୌଣସି ଉଚ୍ଚ ସ୍ତରର ବିଷୟ ନୁହଁ । ବରଂ ସବୁଠାରୁ ନିମ୍ନସ୍ତର ହେଉଛି ଏହି ଯେ, ନ୍ୟାୟ କର ଏବଂ ଯଦି ଏଥିରେ ଉନ୍ନତି କର ତେବେ ତାହା ଏହସାନ୍ (ଉପକାର)ର ଶ୍ରେଣୀ । ଅର୍ଥାତ୍ ବିନା ପ୍ରତିବଦଳରେ କାର୍ଯ୍ୟ କର । କିନ୍ତୁ ଏକଥା ଯେ କିଏ ଯଦି ଅନାଚାର କରୁଥାଏ ତା ସହିତ ସଦାଚାର କରିବା, ଯଦି ଗୋଟିଏ ଗାଲରେ ଚାପୁଡ଼ା ମାରେ ତେବେ ଅନ୍ୟ ଗାଲଟି ମଧ୍ୟ ଦେଖାଇଦେବା, ଏଗୁଡ଼ିକ ଠିକ୍ କଥା ନୁହେଁ । ବରଂ କୁହାଯାଇପାରେ ଯେ ସାଧାରଣତଃ ଏଭଳି ଶିକ୍ଷାକୁ କାର୍ଯ୍ୟ କ୍ଷେତ୍ରରେ ପାଳନ କରାଇବା ସମ୍ଭବ ନୁହଁ । ଅତଃ "ସାଆଦି" କହୁଅଛନ୍ତି;

نکوئی بابداں کردن چنان است  کہ بد کردن برائے نیک مرداں

ଏଥି ନିମନ୍ତେ ଇସଲାମ୍ ପ୍ରତିଶୋଧର ସୀମାଗୁଡ଼ିକରେ ଯେଉଁ ଉଚ୍ଚ ଶ୍ରେଣୀର ଶିକ୍ଷା ଦେଇଅଛି ଯାହାର ଅନ୍ୟ କୌଣସି ଧର୍ମ ମୁକାବିଲା କରିପାରିବ ନାହିଁ, ତାହା ହେଉଛି:-

جَزٰٓؤُا سَيِّئَةٍ سَيِّئَةٌ مِّثْلُهَا ۚ فَمَنْ عَفَا وَاَصْلَحَ

(ଅଶ୍ ଶୁରା 42:41)

ଅର୍ଥାତ୍ ମନ୍ଦର ଦଣ୍ଡ ସମପରିମାଣର ମନ୍ଦ ଅଟେ ଏବଂ ଯେ କ୍ଷମା କରିଦିଏ କିନ୍ତୁ ଏପରି ସ୍ଥାନ ଓ କାଳରେ କି ତାହା ସୁଧାରର କାରଣ ହୋଇଥାଏ ତେବେ ତାହା ଉତ୍ତମ । ଇସଲାମ୍ ଦୋଷ କ୍ଷମା କରିଦେବାର ଶିକ୍ଷା ଦେଇଅଛି କିନ୍ତୁ ଏହା ନୁହେଁ ଯେ ତଦ୍ୱାରା ଦୁଷ୍କର୍ମ ବଢୁ ।

ଅତଏବ ନ୍ୟାୟ ପରେ ଦ୍ୱିତୀୟ ସୋପାନ ହେଉଛି ଏହ୍‌ସାନ (ହିତସାଧନ) । ଅର୍ଥାତ୍ କୌଣସି ପ୍ରତିବଦଳ ବିନା ବ୍ୟବହାର କରିବା । କିନ୍ତୁ ଏହି ବ୍ୟବହାରରେ ମଧ୍ୟ ଏକ ପ୍ରକାରର ସ୍ୱାର୍ଥପରତା ରହିଥାଏ । କୌଣସି

ନା କୌଣସି ସମୟରେ ମନୁଷ୍ୟ ଏହି ଉପକାର ଅଥବା ପୂଣ୍ୟକୁ ଚେତାଇ ଦେଇଥାଏ । ଏଥିପାଇଁ ଏହାଠାରୁ ମଧ୍ୟ ବଳି ଏକ ଶିକ୍ଷା ଦେଇଅଛି ଏବଂ ତାହା ହେଉଛି; اِيۡتَآىِٕ ذِى الۡقُرۡبٰى ର ସୋପାନ । (ଅନ୍ ନହଲ୍ 16:91) ମାଆ ନିଜ ପୁତ୍ର ସହିତ ଯେଉଁ ବ୍ୟବହାର କରିଥାଏ ସେ ତାହା ଠାରୁ କୌଣସି ବଦଳ ଏବଂ ପୁରସ୍କାର ଓ ସମ୍ମାନର ଇଛା ରଖେ ନାହିଁ । ସେ ତାହା ପ୍ରତି ଯେଉଁ ଉପକାର କରିଥାଏ ତାହା କେବଳ ସ୍ୱାଭାବିକ ପ୍ରେମ ଯୋଗୁଁ କରିଥାଏ । ଯଦି ରାଜା ତାକୁ ଆଦେଶ ଦିଏ କି ତୁ ତାକୁ ଦେବୁ ନାହିଁ ଏବଂ ଯଦି ସେ ତୋର ଅବହେଳାରୁ ମୃତ୍ୟୁବରରଣ ମଧ୍ୟ କରେ ତେବେ ତୋତେ କୌଣସି ଦଣ୍ଡ ଦିଆଯିବ ନାହିଁ ବରଂ ପୁରସ୍କାର ଦିଆଯିବ । ଏଭଳି ସ୍ଥଳେ ସେ ରାଜାଙ୍କ ଆଦେଶକୁ ମାନିବାକୁ ପ୍ରସ୍ତୁତ ହେବ ନାହିଁ ବରଂ ତାଙ୍କୁ ଗାଳିଗୁଲଜ କରିବ ଯେ ଏ ମୋ ସନ୍ତାନର ଶତ୍ରୁ । ଏହାର କାରଣ ଏହିକି ଯେ ସେ ନିଜସ୍ୱ ପ୍ରେମ ଯୋଗୁଁ ଏପରି କରୁଥାଏ । ତାହାର କୌଣସି ଉଦ୍ଦେଶ୍ୟ ଏଥି ମଧ୍ୟରେ ନିହିତ ନଥାଏ । ଏହା ଉଚ୍ଚ ଧରଣର ଶିକ୍ଷା ଯାହା ଇସଲାମ୍ ଉପସ୍ଥାପନା କରୁଅଛି ଏବଂ ଏହି ଆୟତ ଅଲ୍ଲାଃଙ୍କ ଅଧିକାର (ହୁକୁକୁଲ୍ଲାଃ) ଏବଂ ଭକ୍ତଙ୍କ ଅଧିକାର (ହୁକୁକୁଲ୍ ଇବାଦ୍) ଉଭୟ ଉପରେ ବ୍ୟାପ୍ତ । ଅଲ୍ଲାଃଙ୍କ ଅଧିକାର ଦୃଷ୍ଟିକୋଣରୁ ଏହି ଆୟତ୍‌ର ଅର୍ଥ ହେଉଛି ନ୍ୟାୟପୂର୍ଣ୍ଣ ରୂପେ ସର୍ବଶକ୍ତିମାନ ଅଲ୍ଲାଃଙ୍କ ଆଜ୍ଞାପାଳନ ଏବଂ ଉପାସନା ଯେ କି ତୁମ୍ଭଙ୍କୁ ଜନ୍ମ କରିଛନ୍ତି ଏବଂ ତୁମ୍ଭର ପାଳନ କରୁଅଛନ୍ତି ଏବଂ ଯେ ଈଶ୍ୱରଙ୍କ ଆଜ୍ଞା ପାଳନରେ ଏହି ଅବସ୍ଥାରୁ ଉନ୍ନତି କରେ ତେବେ ଉପକାରକୁ ପୂର୍ଣ୍ଣତା ସହକାରେ ପାଳନ କରେ । କାରଣ ସେ ଉପକାରୀ ଏବଂ ତାଙ୍କର ଉପକାରଗୁଡ଼ିକୁ କେହି ଗଣନା କରିପାରି ନାହିଁ । ଏବଂ ଯେହେତୁ ଉପକାରୀର ରୂପ ଏବଂ ଗୁଣମାନକୁ ଦୃଷ୍ଟିରେ ରଖିଲେ ତା'ର ଉପକାର ସଦ୍ୟ-ସତେଜ ରହିଥାଏ । ଏଥିପାଇଁ ଉପକାରର ଅର୍ଥ ହଜରତ ମୁହମ୍ମଦ[ସ.ଅ] ଏହା ବର୍ଣ୍ଣନା କରିଛନ୍ତି ଯେ, (ମନୁଷ୍ୟ) ଏପରି ଭାବେ ସର୍ବ ଶକ୍ତିମାନ ଅଲ୍ଲାଃଙ୍କ ଉପାସନା କରୁ ସତେ ଯେପରି ତାଙ୍କୁ ଦେଖୁଅଛି ଅଥବା ଅତି କମ୍‌ରେ ଏହି ଯେ ପରମେଶ୍ୱର ତାକୁ ଦେଖୁଛନ୍ତି । ଏହି ଅବସ୍ଥା ପର୍ଯ୍ୟନ୍ତ ମନୁଷ୍ୟଠାରେ ଏକ ପ୍ରକାରର ବ୍ୟବଧାନ ରହିଥାଏ କିନ୍ତୁ ଏହାପରେ ଯେଉଁ ତୃତୀୟ ସୋପାନ ରହିଛି: اِيۡتَآىِٕ ذِى الۡقُرۡبٰى

(ଅନ୍ ନହଲ୍ 16:91) ଅର୍ଥାତ୍ ସର୍ବଶକ୍ତିମାନ ଅଲ୍ଲାଃଙ୍କ ସହିତ ତାହାର ବ୍ୟକ୍ତିଗତ ପ୍ରେମ ଜାତ ହୋଇଯାଏ ଏବଂ ମାନବାଧିକାର ଦୃଷ୍ଟିରୁ ମୁଁ ଏହାର ଅର୍ଥ ପୂର୍ବରୁ ବର୍ଣ୍ଣନା କରିସାରିଛି ଏବଂ ଏହା ମଧ୍ୟ ମୁଁ ବର୍ଣ୍ଣନା କରିଅଛି ଯେ, ଏହି ଶିକ୍ଷା ଯାହା ପବିତ୍ର କୁରଆନ୍ ଦେଇଅଛି ଅନ୍ୟ କୌଣସି ପୁସ୍ତକ ଦେଇ ନାହିଁ । ଏବଂ ଏହା ଏପରି ପୂର୍ଣ୍ଣାଙ୍ଗ ଯେ କେହି ଏହାର ଦୃଷ୍ଟାନ୍ତ ଉପସ୍ଥାପନ କରିପାରିବ ନାହିଁ । ଅର୍ଥାତ ‌جَزٰٓؤُا سَيِّئَةٍ سَيِّئَةٌ مِّثْلُهَا

(ଅଶ୍ ଶୁରା 42:41) ଏଥିରେ କ୍ଷମା ପାଇଁ ଏହି ସର୍ତ୍ତ ରଖା ଯାଇଅଛି, ଯେପରି ଏହା ଦ୍ୱାରା ସୁଧାର ହେଉ । ଇହୁଦୀମାନଙ୍କ ଧର୍ମ ଏହା ହିଁ କରିଥିଲା ଯେ, ଚକ୍ଷୁ ବଦଳରେ ଚକ୍ଷୁ ଏବଂ ଦନ୍ତ ବଦଳରେ ଦନ୍ତ (ଶେଷପର୍ଯ୍ୟନ୍ତ)

(ଅଲ୍ ମାଏଦା ୫ : ୪୬ / ଇସତେସ୍ନା ଭାଗ ୧୯ ପଦ ୨୧)

ସେମାନଙ୍କ ମଧ୍ୟରେ ପ୍ରତିଶୋଧୀୟ ପ୍ରବୃତ୍ତି ଏତେ ମାତ୍ରାରେ ବୃଦ୍ଧି ପାଇଯାଇ ଥିଲା ଏବଂ ଏତେ ଦୂର ଏହି ସ୍ୱଭାବ ସେମାନଙ୍କ ମଧ୍ୟରେ ଦୃଢ଼ ହୋଇଯାଇ ଥିଲା ଯେ ଯଦି ପିତା ପ୍ରତିଶୋଧ ନେଇପାରିଲା ନାହିଁ ତେବେ ପୁତ୍ର ଓ ପୌତ୍ର ପର୍ଯ୍ୟନ୍ତଙ୍କ କର୍ତ୍ତବ୍ୟ ମଧ୍ୟରେ ରହୁଥିଲା ଯେ ସେ ପ୍ରତିଶୋଧ ନେବେ । ସେମାନଙ୍କ ମଧ୍ୟରେ ଆକ୍ରୋଶ ପ୍ରବୃତ୍ତି ବଢ଼ିଯାଇ ଥିଲା ଏବଂ ସେମାନେ ଅତ୍ୟନ୍ତ ପାଷାଣ ହୃଦୟ ଓ ନିର୍ଦୟୀ ହୋଇଯାଇଥିଲେ । ଖ୍ରୀଷ୍ଟିୟାନ୍‌ମାନେ ଏହି ଶିକ୍ଷା ବଦଳରେ ଏ ଶିକ୍ଷା ଦେଲେ ଯେ, ଯଦି କେହି ଗୋଟିଏ ଗାଲରେ ଚପୁଡ଼ା ମାରେ ତେବେ ଅନ୍ୟଟି ମଧ୍ୟ ଦେଖାଇ ଦିଅ । ଏକ କୋଶ ଜୋର ଦେଇ ନେଇଯାଇଥାଏ ତେବେ ଦୁଇ କୋଶ ଚାଲି ଯାଅ ଇତ୍ୟାଦି । ଏହି ଶିକ୍ଷାରେ ଯେଉଁ ତ୍ରୁଟି ରହିଛି ତାହା ସ୍ପଷ୍ଟ ଭାବେ ଦୃଶ୍ୟମାନ ଯେ, ଏହା କାର୍ଯ୍ୟକାରୀ ହୋଇପାରିବ ନାହିଁ ଏବଂ ଖ୍ରୀଷ୍ଟିଆନ୍ ସରକାରଗୁଡ଼ିକ ବ୍ୟବହାରିକ ରୂପେ ସାବ୍ୟସ୍ତ କରି ଦେଇଛନ୍ତି ଯେ, ଏହି ଶିକ୍ଷା ଦୋଷପୂର୍ଣ୍ଣ । କ'ଣ କୌଣସି ଖ୍ରୀଷ୍ଟିଆନ୍‌ର ଏ ସାହସ ହୋଇପାରିବ କି ଯଦି କେହି ବଦମାସ ଚପୁଡ଼ା ମାରି ଦାନ୍ତ ବାହାର କରିଦିଏ ତେବେ ସେ ଅନ୍ୟ ଗାଲ ଦେଖାଇ ଦେବ ଯେ, ହଁ ଏବେ ଅନ୍ୟ ଦାନ୍ତ ମଧ୍ୟ ବାହାର କରିଦିଅ । ସେ ବଦମାସ ତ ଆହୁରି ସାହସି ହୋଇଯିବ ଏବଂ ଏତଦ୍ ଦ୍ୱାରା ସାର୍ବଜନିକ ଶାନ୍ତିରେ ବିଘ୍ନ ଉପୁଜିବ ।

ତେବେ କିପରି ଆମ୍ଭେ ସ୍ୱୀକାର କରିନେବା ଯେ, ଏହି ଶିକ୍ଷା ଉତ୍କୃଷ୍ଟ ଅଥବା ସର୍ବଶକ୍ତିମାନ ଅଲ୍ଲାଃଙ୍କ ଇଚ୍ଛା ଅନୁଯାୟୀ ଅଟେ ? ଯଦି ଏହା କାର୍ଯ୍ୟକାରୀ ହୁଏ ତେବେ କୌଣସି ରାଷ୍ଟ୍ରର ପରିଚାଳନା ମଧ୍ୟ ସମ୍ଭବ ହୋଇପାରିବ ନାହିଁ। ଯଦି ଗୋଟିଏ ରାଷ୍ଟ୍ରକୁ ଗୋଟିଏ ଶତ୍ରୁ ଛଡ଼ାଇ ନିଏ ତେବେ ଅନ୍ୟଟିକୁ ସ୍ୱୟଂ ହସ୍ତାନ୍ତର କରିବାକୁ ପଡ଼ିବ। ଗୋଟିଏ ଅଧିକାରୀ ଗିରଫ ହୋଇଯାଏ ତେବେ ଆଉ ଦଶଗୋଟି ଦେଇ ଦେବାକୁ ହେବ। ଏହି ଦୋଷମାନ ରହିଛି ଯାହା ଏହି ଶିକ୍ଷାଗୁଡ଼ିକରେ ଅଛି ଏବଂ ଏହା ଠିକ୍ ନୁହେଁ। ହଁ ଏହା ସମ୍ଭବ ଯେ, ଏହି ଆଦେଦଶାଗୁଡ଼ିକ ବିଧି ରୂପେ ଯୁଗ ଭିତ୍ତିକ ଥିଲା। ଯେବେ ସେହି ଯୁଗ ଅତୀତ ହୋଇଗଲା ଅନ୍ୟମାନଙ୍କ ଅବସ୍ଥା ଅନୁଯାୟୀ ସେ ଆଉ ରହିଲା ନାହିଁ। ଇହୁଦୀମାନଙ୍କର ଯୁଗଥିଲା ଯେ ସେମାନେ ଚାରିଶହ ବର୍ଷ ପର୍ଯ୍ୟନ୍ତ ଦାସତ୍ୱରେ ଥିଲେ ଏବଂ ସେହି ଦାସତ୍ୱ ଜୀବନ୍ତ କାରଣରୁ ସେମାନଙ୍କ ମଧ୍ୟରେ ହୃଦୟର କଠୋରତା ବଢ଼ିଗଲା ଏବଂ ସେମାନେ ଆକ୍ରୋଶ ପରାୟଣ ହୋଇଗଲେ ଏବଂ ଏହା ନିୟମର କଥା ଯେ କି ଯେଉଁ ବ୍ୟକ୍ତି ଯେଉଁ ରାଜାଙ୍କ ସମୟରେ ଥାଏ, ତା'ର ଆଚରଣ ମଧ୍ୟ ସେହିପରି ହୋଇ ଯାଇଥାଏ। ଶିଖ୍ମାନଙ୍କ ଯୁଗରେ ଅଧିକାଂଶ ଲୋକ ଡ଼କାୟତ୍ ହୋଇଯାଇ ଥିଲେ। ଇଂରେଜମାନଙ୍କ ସମୟରେ ସଭ୍ୟତା ଏବଂ ଶିକ୍ଷା ପ୍ରସାରିତ ହୋଇଚାଲିଛି ଏବଂ ପ୍ରତ୍ୟେକ ବ୍ୟକ୍ତି ଏହି ଦିଗରେ ଚେଷ୍ଟା କରୁଅଛି। ଅତଏବ, (ଇସ୍ରାଇଲୀୟ ସନ୍ତାନଗଣ) ଫାରୋର ଅଧୀନରେ ରହିଥିଲେ। ଏଥିଯୋଗୁଁ ସେମାନଙ୍କଠାରେ ଅତ୍ୟାଚାର ପ୍ରବଣତା ବଢ଼ିଯାଇଥିଲା। ସେଥିପାଇଁ ତୋରା (ତୌରାତ୍)ର ଯୁଗରେ ନ୍ୟାୟର ଆବଶ୍ୟକତା ପ୍ରାଥମିକ ଥିଲା କାରଣ ସେମାନେ ଏଥିରୁ ଅଜ୍ଞ ଥିଲେ ଏବଂ ଅତ୍ୟାଚାରୀ ସ୍ୱଭାବର ଥିଲେ। ସେମାନେ ବିଶ୍ୱାସ କରିନେଇ ଥିଲେ ଦାନ୍ତ ବଦଳରେ ଦାନ୍ତ ଭାଙ୍ଗିବା ଜରୁରୀ ଏବଂ ଏହା ଆମ୍ଭର କର୍ତ୍ତବ୍ୟ। ଏହି କାରଣରୁ ସର୍ବଶକ୍ତିମାନ ଅଲ୍ଲାଃ ସେମାନଙ୍କୁ ଶିକ୍ଷା ଦେଇଥିଲେ ଯେ, କଥା ନ୍ୟାୟ ପରେ ସମାପ୍ତ ହୋଇଯାଏ ନାହିଁ ବରଂ ହୀତସାଧନ ମଧ୍ୟ ଜରୁରୀ। ଏହି କାରଣରୁ ମସିହ୍ ଦ୍ୱାରା ସେମାନଙ୍କୁ ଏହି ଶିକ୍ଷା ଦିଆଗଲା ଯେ ଗୋଟିଏ ଗାଲରେ ଚପୁଡ଼ା ଖାଇ କରି ଅନ୍ୟଟି ଦେଖାଇ ଦିଅ ଏବଂ ଯେତେବେଳେ ଏହା ଉପରେ ସମସ୍ତ ଜୋର୍ ଦିଆଗଲା ସେତେବେଳେ ସର୍ବଶକ୍ତିମାନ ଅଲ୍ଲାଃ ହଜରତ ମୁହମ୍ମଦ [ସ.ଅ]ଙ୍କ

ମାଧ୍ୟମରେ ଏହି ଶିକ୍ଷାକୁ ମୂଳବିନ୍ଦୁ ପର୍ଯ୍ୟନ୍ତ ପହଞ୍ଚାଇ ଦେଲେ ଏବଂ ତାହା ଏହି ଶିକ୍ଷା ଥିଲା ଯେ, ମନ୍ଦର ବଦଳ ସେହି ପରିମାଣର ମନ୍ଦ ଅଟେ । କିନ୍ତୁ ଯେଉଁ ବ୍ୟକ୍ତି କ୍ଷମା କରିଦିଏ ଏବଂ କ୍ଷମା କରିବା ଦ୍ୱାରା ଯଦି ଶୁଦ୍ଧିକରଣ ଘଟୁଥାଏ ତେବେ ତାହା ପାଇଁ ସର୍ବଶକ୍ତିମାନ ଅଲ୍ଲାଃଙ୍କଠାରେ ପୁରସ୍କାର ରହିଅଛି । କ୍ଷମାର ଶିକ୍ଷା ଦେଇଛନ୍ତି କିନ୍ତୁ ସାଙ୍ଗରେ ପ୍ରତିବନ୍ଧ ଲଗାଇଛନ୍ତି ଯେ, ଶୁଦ୍ଧିକରଣ ହେଉ । ଅସ୍ଥାନରେ କ୍ଷମା (କରିଦେବା) କ୍ଷତି ପହଞ୍ଚାଇ ଥାଏ ।

ସୁତରାଂ ସେ ଅବସ୍ଥା ପ୍ରତି ଧ୍ୟାନ ଦେବା ଆବଶ୍ୟକ ଯେ ଯଦି ସୁଧୁରି ଯିବାର ସମ୍ଭାବନା ଥାଏ ତେବେ କ୍ଷମା କରିଦେବା ହିଁ ଉଚିତ୍ । ଉଦାହରଣ ସ୍ୱରୂପ (ଜଣେ ବ୍ୟକ୍ତିର) ଦୁଇଜଣ ସେବକ ଅଛନ୍ତି । ଜଣେ ଅତ୍ୟନ୍ତ ଶିଷ୍ଟ ଏବଂ ଆଜ୍ଞାବହ ଓ ଶୁଭଚିନ୍ତକ ଅଥଚ ଘଟଣାକ୍ରମେ ତା ଦ୍ୱାରା କୌଣସି ଭୁଲ ହୋଇଯାଏ ଯେ ସମୟରେ ତାକୁ କ୍ଷମା କରିଦେବା ହିଁ ଶ୍ରେୟସ୍କର । ଯଦି ଦଣ୍ଡ ଦିଆଯାଏ ତେବେ ଠିକ୍ ହେବ ନାହିଁ । କିନ୍ତୁ ଅନ୍ୟଟି ବଦ୍‌ମାସ ଏବଂ ଦୁଷ୍ଟ । ପ୍ରତିଦିନ (କିଛି ନା କିଛି) ତ ହାନି ଘଟାଉ ଥାଏ ଓ ଦୁଷ୍ଟାମିରୁ ବିରତ ରୁହେ ନାହିଁ । ଯଦି କାହାକୁ ଛାଡ଼ି ଦିଆଯାଏ ତେବେ ସେ ଆହୁରି ଧୃଷ୍ଟ ହୋଇଯିବ । ତାହାକୁ ଦଣ୍ଡ ଦିଆଯିବା ଉଚିତ୍ । ଅତଏବ ଏହିପରି ଭାବେ ସ୍ଥାନ-କାଳ ଦେଖି କାମ କର । ଏହି ଶିକ୍ଷା ଇସଲାମ୍ ଦେଇଅଛି, ଯାହାକି ଏକ ସମ୍ପୂର୍ଣ୍ଣ ଶିକ୍ଷା ଏହାପରେ ଅନ୍ୟ କୌଣସି ନୂତନ ଶିକ୍ଷା ଅଥବା ଶରିଅତ୍ (ନିୟମ) ଆସିପାରିବ ନାହିଁ । ହଜରତ ମୁହମ୍ମଦ[ସ.ଅ] ଖାତମୁନ୍ ନବୀଇନ୍ (ଶ୍ରେଷ୍ଠ ନବୀ) ଏବଂ ପବିତ୍ର କୁରଆନ୍ ଖାତମୁଲ୍ କୁତୁବ୍ (ଶ୍ରେଷ୍ଠ ପୁସ୍ତକ) ଏବେ ଅନ୍ୟ କୌଣସି କଲ୍‌ମା ଅଥବା ଅନ୍ୟ କୌଣସି ନମାଜ ହୋଇପାରିବ ନାହିଁ । ଯାହାକିଛି ମୁହମ୍ମଦ[ସ.ଅ] କହିଛନ୍ତି ଅଥବା ପାଳନ କରି ଦେଖାଇଛନ୍ତି ଏବଂ ଯାହାକିଛି ପବିତ୍ର କୁରଆନ୍‌ରେ ଅଛି ତାହାକୁ ଛାଡ଼ି ମୁକ୍ତି ମିଳିପାରିବ ନାହିଁ । ଯେ ଏହାକୁ ଛାଡ଼ିବ ସେ ନର୍କକୁ ଯିବ । ଏହା ଆମର ଧର୍ମ ଓ ବିଶ୍ୱାସ । କିନ୍ତୁ ଏଥି ସହିତ ଏହା ମଧ୍ୟ ମନେ ରଖିବା ଉଚିତ୍ ଯେ, ଏ ଜାତି ପାଇଁ (ଐଶ୍ୱରିକ) ସମ୍ଭାଷଣ ଓ ବାର୍ତ୍ତାଳାପର ଦ୍ୱାର ଖୋଲା ଅଛି । ଏବଂ ଏହି ଦ୍ୱାର ସତେ ଯେମିତି ପବିତ୍ର କୁରଆନ୍‌ର ସତ୍ୟତା ଓ ହଜରତ ମୁହମ୍ମଦ[ସ.ଅ]ଙ୍କ ସତ୍ୟତା ପ୍ରତି ସବୁ ସମୟ ପାଇଁ ସଦ୍ୟତମ

ସାକ୍ଷ୍ୟ ଏବଂ ଏଥିପାଇଁ ସର୍ବଶକ୍ତିମାନ ଅଲ୍ଲାଃ ସୁରାଃ ଫାତିହାରେ ହିଁ ଏହି ଦୁଆ ଶିଖାଇଛନ୍ତି: اِهۡدِنَا الصِّرَاطَ الۡمُسۡتَقِيۡمَ صِرَاطَ الَّذِيۡنَ اَنۡعَمۡتَ عَلَيۡهِمۡ

(ଅଲ୍ ଫାତିହା 1:6,7) (ଅନ୍‌ଅମ୍‌ତା ଆଲୈହିମ୍)ର ମାର୍ଗ ପାଇଁ ଯେଉଁ ପ୍ରାର୍ଥନା ଶିଖାଇଛନ୍ତି, ଏଥିରେ ଅବତାର[ଅ.ସ] ମାନବ ଶ୍ରେଷ୍ଠତ୍ୱ ହାସଲ କରିବା ପ୍ରତି ଇଶାରା ରହିଛି ଯେ ଅବତାର [ସ.ଅ]ମାନଙ୍କୁ ଯେଉଁ ଉତ୍କର୍ଷତା ଦିଆଯାଇଛି ତାହା ବହୁ ଜ୍ଞାନର ହିଁ ଶ୍ରେଷ୍ଠତ୍ୱ ଥିଲା ଏବଂ ଏହି ଆଶିର୍ବାଦ ସେମାନଙ୍କୁ ଐଶ୍ୱରିକ ସମ୍ଭାଷଣ ଏବଂ ବାର୍ତ୍ତାଳାପମାନ ଦ୍ୱାରା ପ୍ରାପ୍ତ ହୋଇଥିଲା ତୁମେମାନେ ମଧ୍ୟ ଏଥିର ଅଭିଳାଷୀ ହୁଅ । ସୁତରାଂ ଏହି ବରଦାନ ନିମନ୍ତେ ଏ ଖିଆଲ କରିବା ଯେ, ପବିତ୍ର କୁରଆନ୍ ଏହି ପ୍ରାର୍ଥନାର ତ ଉପଦେଶ ଦେଉଛି କିନ୍ତୁ ଏ ପ୍ରାର୍ଥନାର ଫଳପ୍ରାପ୍ତି କିଛି ବି ନାହିଁ । ଅଥବା ଏହି ଜାତିର କୌଣସି ବ୍ୟକ୍ତିକୁ ମଧ୍ୟ ଏହି ଶ୍ରେଷ୍ଠତ୍ୱ ମିଳିପାରିବ ନାହିଁ ଏବଂ କୟାମତ୍ (ପ୍ରଳୟ ଦିବସ) ପର୍ଯ୍ୟନ୍ତ ଏହି ଦ୍ୱାର ବନ୍ଦ ହୋଇଯାଇଅଛି । ମୋତେ କୁହ ଯେ ଏହା ଦ୍ୱାରା ଇସଲାମ୍ ଏବଂ ହଜରତ ମୁହମ୍ମଦ [ସ.ଅ]ଙ୍କ ଅସମ୍ମାନ ସାବ୍ୟସ୍ତ ହେବ ଅବା କୌଣସି ଗୁଣ ସାବ୍ୟସ୍ତ ହେବ । ମୁଁ ସତ କହୁଛି ଯେ, ଯେଉଁ ବ୍ୟକ୍ତି ଏହି ଚିନ୍ତାଧାରା ରଖୁଅଛି ସେ ଇସଲାମ୍‌କୁ ନିନ୍ଦିତ କରୁଅଛି ଏବଂ ସେ ଇସଲାମୀୟ ଧର୍ମବିଧାନର ସାର ହିଁ ବୁଝି ନାହିଁ । ଇସଲାମ୍‌ର ଉଦ୍ଦେଶ୍ୟଗୁଡ଼ିକ ମଧ୍ୟରେ ଏ ବିଷୟ ମଧ୍ୟ ଥିଲା ଯେ ମନୁଷ୍ୟ କେବଳ ମୁଖରୁ وَحدهٗ لا شریک ନକହୁ ବରଂ ବାସ୍ତବରେ ବୁଝୁ ଏବଂ ସ୍ୱର୍ଗ ନର୍କ ଉପରେ କାଳ୍ପନିକ ବିଶ୍ୱାସ ନକରୁ ବରଂ ବାସ୍ତବରେ ଏହି ଜୀବନରେ ସେ ସ୍ୱର୍ଗୀୟ ଅବସ୍ଥାଗୁଡ଼ିକ ପ୍ରତି ସୂଚନା ପାଉ । ଏବଂ ସେହି ପାପଗୁଡ଼ିକରୁ ଯେଉଁଥିରେ ବର୍ବର ମନୁଷ୍ୟ ଜଡିତ (ତହିଁରୁ) ମୁକ୍ତି ଲାଭ କରୁ । ଏହି ମହାନ୍ ଉଦ୍ଦେଶ୍ୟ ଇସଲାମ୍‌ର ଥିଲା ଓ ରହିଛି । ଏହା କିପରି ଏକ ପବିତ୍ର ଏବଂ ଶୁଦ୍ଧ ଉଦ୍ଦେଶ୍ୟ ଯେ, ଅନ୍ୟ କୌଣସି ଜାତି ଏହାର ଉଦାହରଣ ନିଜ ଧର୍ମରେ ଉପସ୍ଥାପନ କରିପାରିବ ନାହିଁ କି ତାହାର ନମୁନା ଦେଖାଇପାରିବ । କହିବାକୁ ତ ସମସ୍ତେ କହି ପାରିବେ କିନ୍ତୁ ସେ କିଏ ଯେ କି ଦେଖେଇ ଦେଇ ପାରିବ ?

ମୁଁ ଆର୍ଯ୍ୟ ସମାଜୀମାନଙ୍କୁ ଓ ଖ୍ରୀଷ୍ଟିୟାନ୍‌ମାନଙ୍କୁ ପଚାରିଛି, ସେହି ଈଶ୍ୱର ଯାହାକୁ ତୁମ୍ଭେ ମାନୁଅଛ ତାହାର କୌଣସି ପ୍ରମାଣ ପ୍ରଦାନ କର । କେବଳ ମୌଖିକ ବାହାସ୍ଫୋଟ ଓ ବଡ଼ିମା ଠାରୁ ଅଧିକ ସେମାନେ କିଛି ଦେଖାଇ ପାରିବେ ନାହିଁ । ସେହି ସତ୍ୟ ଈଶ୍ୱର ଯାହାକୁ ପବିତ୍ର କୁରଆନ୍ ଉପସ୍ଥାପନ କରିଅଛି ତହିଁରୁ ଏହି ଲୋକେ ଅଜ୍ଞାତ ରହିଛନ୍ତି । ଏଥିପ୍ରତି ସୂଚନା ପ୍ରାପ୍ତ କରିବା ପାଇଁ ବାର୍ତ୍ତାଳାପର ଏହି ଏକ ମାଧ୍ୟମ ଥିଲା, ଯାହା ଯୋଗୁଁ ଇସଲାମ୍ ଅନ୍ୟ ଧର୍ମମାନ ଠାରୁ ଉଚ୍ଚରେ ଥିଲା କିନ୍ତୁ ଦୁଃଖ ଯେ, ଏ ମୁସଲ୍‌ମାନମାନେ ମୋର ବିରୋଧ ହେତୁ ଏହାକୁ ମଧ୍ୟ ପ୍ରତ୍ୟାଖ୍ୟାନ କରିଦେଲେ । ନିଃସନ୍ଦେହ ରୂପେ ମନେରଖ ଯେ, ପାପଗୁଡ଼ିକରୁ ମୁକ୍ତି ପାଇବାର ଭାଗ୍ୟ ସେତେବେଳେ ମିଳିପାରିବ ଯେତେବେଳେ ମନୁଷ୍ୟ ସମ୍ପୂର୍ଣ୍ଣ ରୂପେ ସର୍ବଶକ୍ତିମାନ ଅଲ୍ଲାଃଙ୍କ ଉପରେ ବିଶ୍ୱାସ ଆଣିବ । ଏହା ହିଁ ମନୁଷ୍ୟ ଜୀବନର ବଡ଼ ଉଦ୍ଦେଶ୍ୟ ଯେ, ସେ ପାପ କବଳରୁ ମୁକ୍ତି ଲାଭ କରିନେଉ । ଦେଖ ଗୋଟିଏ ସର୍ପ ଯାହା କି ସୁନ୍ଦର ଜଣାପଡ଼େ, ଗୋଟିଏ ଶିଶୁ ତାକୁ ହାତରେ ଧରିବା ପାଇଁ ଇଛା କରିପାରେ ଏବଂ ହାତ ମଧ୍ୟ ପକାଇ ଦେଇପାରେ କିନ୍ତୁ ଗୋଟିଏ ବୁଦ୍ଧିମାନ ମଣିଷ ଜାଣିଛି ଯେ, ସାପ କାମୁଡ଼ି ଦେବ ଏବଂ ମାରି ଦେବ । ସେ କେବେ ମଧ୍ୟ ସାହସ କରିବ ନାହିଁ କି ତା ଆଡ଼କୁ ଯାଉ ବରଂ ଯଦି ଜଣା ପଡ଼ିଯାଏ ଯେ ଅମୁକ ଘରେ ସାପ ଅଛି ତେବେ ସେଥିରେ ମଧ୍ୟ ପ୍ରବେଶ କରିବ ନାହିଁ । ସେହିପରି ବିଷକୁ ଯେଉଁ ବ୍ୟକ୍ତି ମାରିଦେବାର ବସ୍ତୁ ମନେକରେ ସେ ସମୟରେ ତାହାକୁ ଖାଇବା ପାଇଁ ସାହସୀ ହେବ ନାହିଁ । ଅତଏବ ଏହିପରି ଭାବେ ଯେଉଁ ପର୍ଯ୍ୟନ୍ତ ପାପକୁ ମାରାତ୍ମକ ବିଷ ମାନି ନ ନିଏ ସେଥିରୁ ମୁକୁଳି ପାରିବ ନାହିଁ । ଏହି ବିଶ୍ୱାସ ବ୍ରହ୍ମଜ୍ଞାନ ବ୍ୟତିରେକେ ଉତ୍ପନ୍ନ ହୋଇପାରିବ ନାହିଁ । ଏହା କି କଥା ଯେ, ମନୁଷ୍ୟ ପାପଗୁଡ଼ିକ ପ୍ରତି ଏପରି ଭାବେ ସାହସୀ ହୋଇଯାଉଛି । ଏହା ସତ୍ତ୍ୱେ ଯେ ସେ ଈଶ୍ୱରଙ୍କ ପ୍ରତି ବିଶ୍ୱାସ କରୁଅଛି ଏବଂ ପାପକୁ ପାପ ବୋଲି ବୁଝିଛି । ଏହାର କାରଣ ଏହା ବ୍ୟତୀତ ଅନ୍ୟ କିଛି ନୁହେଁ କି ସେହି ବ୍ରହ୍ମଜ୍ଞାନ ଓ ଅନ୍ତଦୃଷ୍ଟି ରଖେ ନାହିଁ ଯାହା କି ପାପ ଜାଳିଦେବା ସ୍ୱଭାବ ଉତ୍ପନ୍ନ କରିଥାଏ । ଯଦି ଏହା ଉତ୍ପନ୍ନ ହେଉ ନାହିଁ ତେବେ ଈଶ୍ୱର କ୍ଷମା କରନ୍ତୁ, ଏହା ସ୍ୱୀକାର କରିବାକୁ ପଡ଼ିବ ଯେ ଇସଲାମ୍ ନିଜ ପ୍ରକୃତ ଉଦ୍ଦେଶ୍ୟ ଠାରୁ ବିଚ୍ଛିନ୍ନ । କିନ୍ତୁ

ମୁଁ କହୁଛି ଏପରି ନୁହଁ । ଏହି ଉଦ୍ଦେଶ୍ୟ କେବଳ ଇସଲାମ୍ ହିଁ ସମ୍ପୂର୍ଣ୍ଣ ରୂପେ ପୂର୍ଣ୍ଣ କରୁଅଛି ଏବଂ ଏହାର କେବଳ ଗୋଟିଏ ମାତ୍ର ଉପାୟ ରହିଛି; ଐଶ୍ୱରିକ ବାର୍ତ୍ତାଳାପ ଓ ଐଶ୍ୱରିକ ସମ୍ଭାଷଣ । କାରଣ ଏହାରି ଦ୍ୱାରା ସର୍ବଶକ୍ତିମାନ ଅଲ୍ଲାଃଙ୍କ ଅସ୍ତିତ୍ୱ ପ୍ରତି ସମ୍ପୂର୍ଣ୍ଣ ବିଶ୍ୱାସ ଜନ୍ମିଥାଏ ଏବଂ ଏଥିରୁ ଜଣାପଡ଼ି ଥାଏ ଯେ, ବାସ୍ତବରେ ସର୍ବଶକ୍ତିମାନ ଅଲ୍ଲାଃ ପାପ ପ୍ରତି ବିରକ୍ତିଭାବ ରଖନ୍ତି ତଥା ସେ ଏଥିପାଇଁ ଦଣ୍ଡ ଦିଅନ୍ତି । ପାପ ଏକ ବିଷ, ଯାହା ପ୍ରଥମେ ଛୋଟରୁ ଆରମ୍ଭ ହୁଏ ଏବଂ (କ୍ରମଶଃ) ବଡ଼ ହୋଇଯାଏ । ପରିଶେଷରେ କୁଫର୍ (ଅବିଶ୍ୱାସ) ପର୍ଯ୍ୟନ୍ତ ପହଞ୍ଚାଇ ଦେଇଥାଏ ।

ମୁଁ (ଏଠାରେ ଏକ) ଅତିରିକ୍ତ ଅସମ୍ବନ୍ଧିତ ବାକ୍ୟ ରୂପେ କହୁଅଛି; ନିଜ ନିଜ ସ୍ଥାନରେ ପ୍ରତ୍ୟେକ ସମ୍ପ୍ରଦାୟକୁ ଏହି ଚିନ୍ତା ଲାଗି ରହିଛି ଯେ, ଆମ୍ଭେ କିପରି ପାପରୁ ମୁକ୍ତ ହୋଇଯାଉ । ଉଦାହରଣତଃ ଆର୍ଯ୍ୟସମାଜୀମାନେ ତ ଏକଥା ଧାର୍ଯ୍ୟ କରି ରଖିଛନ୍ତି ଯେ, ପାପରୁ ପବିତ୍ର ହେବା ସକାଶେ ଦଣ୍ଡ ବ୍ୟତୀତ ଅନ୍ୟ କୌଣସି ପନ୍ଥା ହିଁ ନାହିଁ । ଗୋଟଏ ପାପ ପ୍ରତିବଦଳରେ ଅନେକ ଲକ୍ଷ ଜନ୍ମ ନେବା ରହିଛି । ଯେପର୍ଯ୍ୟନ୍ତ ମନୁଷ୍ୟ ସେହି ଜୀବନଗୁଡ଼ିକୁ ଭୋଗୀ ନ ନେଇଛି ସେ ପବିତ୍ର ହୋଇ ହିଁ ପାରିବ ନାହିଁ । କିନ୍ତୁ ଏଥିରେ ବଡ଼ ଅସୁବିଧାମାନ ରହିଛି । ସବୁଠାରୁ ବଳି ଏହିକି ଯେ, ଯେତେବେଳେ ସମଗ୍ର ସୃଷ୍ଟି ପାପୀ ତେବେ ଏଥିରୁ ମୁକ୍ତି କେବେ ହେବ ? ଏବଂ ଏହାଠାରୁ ମଧ୍ୟ ଅଜବ କଥା ଏହି ଯେ, ସେସମାନଙ୍କ ପାଖରେ ଏକଥା ସ୍ୱୀକାର୍ଯ୍ୟ ଯେ ମୁକ୍ତି ପ୍ରାପ୍ତ ବ୍ୟକ୍ତିଗଣ ମଧ୍ୟ ଗୋଟିଏ ସମୟ ପରେ ମୁକ୍ତି ଗୃହରୁ ବାହାର କରି ଦିଆଯିବେ । ତେବେ ପୁଣି ଏହି ମୁକ୍ତିରୁ ଲାଭ କ'ଣ ହେଲା ? ଯେତେବେଳେ ଏ ପ୍ରଶ୍ନ କରାଯାଏ କି ମୁକ୍ତି ପାଇବା ପରେ କାହିଁକି ବାହାର କରିଦେଉଛ ସେତେବେଳେ କେତେକ କୁହନ୍ତି; ବାହାର କରିବା ପାଇଁ ଗୋଟିଏ ପାପ ବାକି ରଖି ଦିଆଯାଇଥାଏ । ଏବେ ଚିନ୍ତା କରି କୁହ, କ'ଣ ଏହା ସର୍ବଶକ୍ତିମାନ ଈଶ୍ୱରଙ୍କ କାର୍ଯ୍ୟ ହୋଇପାରେ ? ଏବଂ ଅଧିକନ୍ତୁ ଯେତେବେଳେ ପ୍ରତ୍ୟେକ ଜୀବାତ୍ମା ନିଜ ଆତ୍ମାର ନିଜେ ସ୍ରଷ୍ଟା ରହିଛି ଓ ସର୍ବଶକ୍ତିମାନ ଅଲ୍ଲାଃ ତାହାର ସ୍ରଷ୍ଟା ହିଁ ନୁହଁନ୍ତି معاذ الله (ଅଲ୍ଲାଃ କ୍ଷମା କରନ୍ତୁ) । ତେବେ ତାହାର କ'ଣ ଆବଶ୍ୟକତା ରହିଛି ଯେ, ତାଙ୍କର ଅଧୀନ ହୋଇ ରହିବ ?

ଦ୍ୱିତୀୟ ଦୃଷ୍ଟିକୋଣ ଖ୍ରୀଷ୍ଟିୟାନ୍‌ମାନଙ୍କର । ସେମାନେ ପାପରୁ ମୁକ୍ତ ହେବାର ଏକ ଦୃଷ୍ଟିକୋଣ ଚିନ୍ତା କରିଛନ୍ତି । ତାହା ହେଉଛି ଯିଶୁଖ୍ରୀଷ୍ଟ [ଅ.ସ]ଙ୍କୁ ଈଶ୍ୱର ଓ ଈଶ୍ୱରଙ୍କ ପୁତ୍ର ମାନିନିଅ । ତତ୍‌ପରେ ବିଶ୍ୱାସ କରି ନିଅ ଯେ, ସେ ଯିଶୁଖ୍ରୀଷ୍ଟ (ହଜରତ ଇସା[ଅ.ସ]) ଆମ୍ଭମାନଙ୍କ ପାପକୁ ମୁଣ୍ଡାଇ ନେଇଛନ୍ତି ଏବଂ ସେ କ୍ରୁଶବିଦ୍ଧ ହୋଇ ଅଭିଷପ୍ତ ହୋଇଯାଇଛନ୍ତି । نعوذ بالله من ذالك ଏଥିରୁ ଆମେ ଅଲ୍ଲାଃଙ୍କ ଆଶ୍ରୟ ଭିକ୍ଷା କରୁଛି । ଏବେ ଚିନ୍ତା କର ମୋକ୍ଷ ପ୍ରାପ୍ତି ସହ ଏହି ପଦ୍ଧତିର କି ସମ୍ବନ୍ଧ? ପାପରୁ ମୁକ୍ତି ଲଭିବା ସକାଶେ ଆଉ ଏକ ବଡ଼ ପାପ ନିର୍ଣ୍ଣୟ କରାଗଲା । ମନୁଷ୍ୟକୁ ଈଶ୍ୱର କରି ଦିଆଗଲା । କ'ଣ ଏହାଠାରୁ ବଳି ଅନ୍ୟ କୌଣସି ପାପ ହୋଇପାରିବ? ପୁନଶ୍ଚ ଈଶ୍ୱର କରିଦେବା ପରେ ତୁରନ୍ତ ତାଙ୍କୁ ଅଭିଷପ୍ତ ବୋଲି ମଧ୍ୟ ଘୋଷଣା କରି ଦିଆଗଲା । ଏହାଠାରୁ ବଳି ଧୃଷ୍ଟତା ଓ ଅଶିଷ୍ଟତା ସର୍ବଶକ୍ତିମାନ ଅଲ୍ଲାଃଙ୍କର ଆଉ କ'ଣ ହେବ? ଜଣେ ଖାଉଥିବା ପିଉଥିବା ତଥା ନିଜ ଆବଶ୍ୟକତା ପ୍ରତି ନିର୍ଭରଶୀଳ (ବ୍ୟକ୍ତି)କୁ ଈଶ୍ୱର କରି ଦିଆଗଲା ଯଦିଓ ତୋରାରେ ଲେଖାଥିଲା ଯେ, ଦ୍ୱିତୀୟ ଈଶ୍ୱର ନହେଉ, ନା ଆକାଶରେ, ନା ଭୂ-ପୃଷ୍ଠରେ । ପୁଣି ଦ୍ୱାରଗୁଡ଼ିକରେ ଓ ଚୌକାଠମାନଙ୍କ ଉପରେ ଏହି ଶିକ୍ଷା ଲିପିବଦ୍ଧ କରା ହୋଇଥିଲା, ସେଗୁଡ଼ିକୁ ଛାଡ଼ି ଏହି ନୂତନ ଈଶ୍ୱର ନିର୍ମାଣ କରାଗଲା ଯାହାର ତୋରାରେ କୌଣସି ଚିହ୍ନ ମିଳେ ନାହିଁ । ମୁଁ ଇହୁଦୀ ବିଦ୍ୱାନ ପଣ୍ଡିତମାନଙ୍କୁ ପଚାରିଛି ଯେ କ'ଣ ତୁମମାନଙ୍କ ପାଖରେ ଏପରି ଏକ ଈଶ୍ୱରଙ୍କ ଠିକଣା ଅଛି ଯେ ମରିୟମ୍‌ଙ୍କ ଗର୍ଭରୁ ବାହାରିଛି ଏବଂ ଇହୁଦୀମାନଙ୍କ ହାତରୁ ମାଡ଼ ଖାଇ ବୁଲିଛି । ଏହା ଉପରେ ଇହୁଦୀ ବିଦ୍ୱାନମାନେ ମୋତେ ଏହି ଉତ୍ତର ଦେଲେ ଯେ, ଏହା କେବଳ ମାତ୍ର ମିଥ୍ୟା ଅପବାଦ । ତୋରାରୁ ଏପରି କୌଣସି ଈଶ୍ୱରଙ୍କ ସନ୍ଧାନ ମିଳେ ନାହିଁ । ଆମ୍ଭମାନଙ୍କର ସେହି ଈଶ୍ୱର ଯେ କି ପବିତ୍ର କୁରଆନ୍‌ର ଈଶ୍ୱର । ଅର୍ଥାତ୍ ଯେଉଁ ପ୍ରକାରେ ପବିତ୍ର କୁରଆନ୍ ଈଶ୍ୱରଙ୍କ ଅଦ୍ୱିତୀୟ ହେବାର ସୂଚନା ଦେଇଛି ସେହି ପ୍ରକାରେ ଆମେମାନେ ତୋରାର ଦୃଷ୍ଟିର ଈଶ୍ୱରଙ୍କୁ وَحدہٗ لاشریک (ସେ ଏକା ଏବଂ ତାଙ୍କର ସମକକ୍ଷ ନାହାଁନ୍ତି) ସ୍ୱୀକାର କରୁଛୁ ଏବଂ କୌଣସି ମନୁଷ୍ୟକୁ ଈଶ୍ୱର ସ୍ୱୀକାର କରିପାରିବୁ

ନାହିଁ ଓ ଏହା ତ ଏକ ସ୍ଥୂଳ ବିଷୟ । ଯଦି ଇହୁଦୀମାନଙ୍କ ପାଖରେ ଏପରି କୌଣସି ଈଶ୍ୱରଙ୍କ ଖବର ଦିଆଯାଇଥାନ୍ତା ଯେ କି ନାରୀ ଗର୍ଭରୁ ଜାତ ହେବାର ଥିଲା ତେବେ ଶେଷ ହଜରତ ଯିଶୁ ମସିହ୍[ଅ.ସ] ଏପରି ଦୃଢ଼ ବିରୋଧ କାହିଁକି କରିଥାନ୍ତେ ? ଏପରିକି ସେମାନେ ତାଙ୍କୁ କ୍ରୁଶ ଉପରେ ଚଢ଼ାଇ ଦେଲେ ଏବଂ ତାଙ୍କ ଉପରେ ଅବିଶ୍ୱାସ (କୁଫର୍) କହିବାର ଦୋଷ ମଧ୍ୟ ଲଗାଉଥିଲେ । ଏଥିରୁ ସ୍ପଷ୍ଟ ଜଣାପଡୁଅଛି ଯେ, ସେମାନେ ଏହି କାର୍ଯ୍ୟକୁ ମାନିବା ପାଇଁ ଆଦୌ ପ୍ରସ୍ତୁତ ନଥିଲେ । ସୁତରାଂ ଖ୍ରୀଷ୍ଟିୟାନ୍‌ମାନେ ପାପକୁ ଦୂର କରିବାର ଯେଉଁ ଚିକିତ୍ସା ନିର୍ଣ୍ଣୟ କରିଛନ୍ତି ତାହା ଏପରି ଯାହାକି ସ୍ୱୟଂ ପାପକୁ ସୃଷ୍ଟି କରୁଅଛି ଏବଂ ତାହାକୁ ପାପରୁ ମୁକ୍ତିଲାଭ କରିବା ସହିତ କୌଣସି ସମ୍ପର୍କ ହିଁ ନାହିଁ ।

(ଅଲ୍‌ହକମ୍ ୨୪ ଅକ୍ଟୋବର ୧୯୦୬, ପୃଷ୍ଠା- ୩,୪)

ସେମାନେ ପାପକୁ ଦୂର କରିବାର ଚିକିତ୍ସା ପାପକୁ ନିର୍ଣ୍ଣୟ କରିଛନ୍ତି ଯାହା କୌଣସି ସ୍ଥିତିରେ ଏବଂ କୌଣସି ରୂପରେ ଉଚିତ୍ ନୁହେଁ । ଏହି ଲୋକମାନେ ଆମ ଅଜ୍ଞ ବନ୍ଧୁ ଏବଂ ଏମାନଙ୍କର ଉଦାହରଣ ସେହି ମାଙ୍କଡ଼ ସଦୃଶ ଯେ କି ନିଜ ମାଲିକକୁ ହତ୍ୟା କରି ଦେଇଥିଲା । ନିଜର ଉଦ୍ଧାର ପାଇଁ ଏବଂ ପାପଗୁଡ଼ିକରୁ ମୁକ୍ତି ପାଇବା ପାଇଁ ଏପରି ଏକ ନିର୍ଣ୍ଣୟ କଲେ ଯାହା କୌଣସି ପ୍ରକାରରେ କ୍ଷମା ଯୋଗ୍ୟ ନୁହେଁ । ଅର୍ଥାତ୍ ଶିର୍କ୍ (ଈଶ୍ୱରଙ୍କ ସହ ଅନ୍ୟକୁ ସମକକ୍ଷ) କଲେ ଓ ଅସହାୟ ମନୁଷ୍ୟକୁ ଈଶ୍ୱର କରିଦେଲେ । ମୁସଲ୍‌ମାନମାନଙ୍କ ପାଇଁ କେତେ ଅଧିକ ଆନନ୍ଦର କଥା ଯେ, ସେମାନଙ୍କର ଈଶ୍ୱର ଏପରି ଈଶ୍ୱର ନୁହେଁ ଯାହାଙ୍କ ଉପରେ କୌଣସି ଆପତ୍ତି କିମ୍ବା ଆକ୍ରମଣ ହୋଇପାରେ । ସେମାନେ ତାଙ୍କର (ଅଲ୍ଲାଃଙ୍କର) ଅସୀମ ଶକ୍ତି ଓ ଦକ୍ଷତାମାନ ଉପରେ ବିଶ୍ୱାସ ରଖିଥାନ୍ତି ଏବଂ ତାଙ୍କର ଗୁଣାବଳୀ ଉପରେ ବିଶ୍ୱାସ କରିଥାନ୍ତି । କିନ୍ତୁ ଯେଉଁମାନେ ମନୁଷ୍ୟକୁ ଈଶ୍ୱର ବନାଇଛନ୍ତି ଅଥବା ଯେଉଁମାନେ ତାଙ୍କ (ଈଶ୍ୱରଙ୍କ) କର୍ତ୍ତୃତ୍ୱକୁ ଅସ୍ୱୀକାର କରି ଦେଇଛନ୍ତି ସେମାନଙ୍କ ପାଇଁ ଈଶ୍ୱରଙ୍କ ଅନୁପସ୍ଥିତି ଓ ଅସ୍ତିତ୍ୱ ସମାନ । ଉଦାହରଣ ସ୍ୱରୂପ ଯେପରି ଆର୍ଯ୍ୟ ସମାଜୀମାନଙ୍କ ଧର୍ମ ରହିଛି ଯହିଁରେ ନିଜ ଅସ୍ତିତ୍ୱର ପ୍ରତି

କଣିକା ସ୍ୱୟଂ ଈଶ୍ୱର ଅଟେ ଏବଂ ସେଥିପାଇଁ ସେ କିଛି ସୃଷ୍ଟି କରି ନାହାଁନ୍ତି। ଏବେ କୁହ ଯେ, ଯେତେବେଳେ କ୍ଷୁଦ୍ର କଣିକାଗୁଡ଼ିକର ଅସ୍ତିତ୍ୱର ସ୍ରଷ୍ଟା ଈଶ୍ୱର ନୁହଁନ୍ତି ତେବେ ସେମାନଙ୍କର ଅବସ୍ଥିତି ପାଇଁ ଈଶ୍ୱରଙ୍କ ଆବଶ୍ୟକତା କ'ଣ ଯେତେବେଳେ କି ଶକ୍ତିଗୁଡ଼ିକ ସ୍ୱୟଂ ସ୍ଥିତ ଏବଂ ସେମାନଙ୍କ ମଧ୍ୟରେ ସଂଯୋଗ ଏବଂ ବିଯୋଗର ଶକ୍ତିମାନ ମଧ୍ୟ ଉପଲବ୍ଧ ତେବେ ପୁଣି ନ୍ୟାୟରେ ସହ କୁହ ଯେ, ସେମାନଙ୍କ ପାଇଁ ଈଶ୍ୱରଙ୍କ ଅସ୍ତିତ୍ୱର ଆବଶ୍ୟକତା କ'ଣ ? ମୋ ମତରେ ଏହି ବିଶ୍ୱାସ ଧାରଣ କରିଥିବା ଆର୍ଯ୍ୟସମାଜ ସମୂହ ଓ ନାସ୍ତିକମାନଙ୍କ ମଧ୍ୟରେ (ଆଂଶିକ) ମାତ୍ର ୧୯ ଏବଂ ୨୦ର ପାର୍ଥକ୍ୟ। ଏବେ କେବଳ ଇସଲାମ୍ ହିଁ ଏକ ଏପରି ଧର୍ମ ଯାହା ସମ୍ପୂର୍ଣ୍ଣ ଓ ଜୀବନ୍ତ ଧର୍ମ। ଏବେ ସମୟ ଆସିଯାଇଛି ଯେ, ପୁଣି ଇସଲାମ୍ର ମହାନତା ଶ୍ରେଷ୍ଠତା ପ୍ରକାଶିତ ହେଉ ଏବଂ ଏହି ଉଦ୍ଦେଶ୍ୟକୁ ନେଇ ମୁଁ (ମସିହ ଓ ମେହଦୀ ହୋଇ) ଆସିଅଛି।

ମୁସଲ୍ମାନମାନଙ୍କୁ ଉଚିତ୍ ଯେ, ବର୍ତ୍ତମାନ ସମୟରେ ଆକାଶରୁ ଯେଉଁ ଜ୍ୟୋତି ଓ ଆଶିଷମାନ ଅବତୀର୍ଣ୍ଣ ହେଉଅଛି ସେମାନେ ତାହାର ସମ୍ମାନ କରନ୍ତୁ ଏବଂ ସର୍ବଶକ୍ତିମାନ ଅଲ୍ଲାଃଙ୍କୁ ଧନ୍ୟବାଦ ଦିଅନ୍ତୁ ଯେ, ଠିକ୍ ସମୟରେ ସେମାନଙ୍କୁ ସାହାଯ୍ୟ କରାଗଲା ଏବଂ ଈଶ୍ୱର ନିଜ ପ୍ରତିଶୃତି ଅନୁଯାୟୀ ଏହି ସଙ୍କଟ ସମୟରେ ସେମାନଙ୍କୁ ସାହାଯ୍ୟ କଲେ। କିନ୍ତୁ ଯଦି ସେମାନେ ଈଶ୍ୱରଙ୍କ ଏହି ବରଦାନର ସମ୍ମାନ ନ କରିବେ ତେବେ ଈଶ୍ୱର ସେମାନଙ୍କର କିଛି ବି ପରୱା କରିବେ ନାହିଁ। ସେ (ଅଲ୍ଲାଃ) ନିଜର କାର୍ଯ୍ୟ ଅବଶ୍ୟ କରିବେ କିନ୍ତୁ ସେମାନଙ୍କ ପ୍ରତି ଅବଶୋଷ କରା ହେବ।

ମୁଁ ଅତି ଜୋର୍ ଦେଇ ଏବଂ ପୂର୍ଣ୍ଣ ବିଶ୍ୱାସ ଏବଂ ସଂଦୃଷ୍ଟି ସହକାରେ କହୁଅଛି; ସର୍ବଶକ୍ତିମାନ ଏହା ମନସ୍ଥ କରିଛନ୍ତି ଯେ, ଅନ୍ୟ ଧର୍ମଗୁଡ଼ିକୁ ଲୋପ କରିଦେବେ ଏବଂ ଇସଲାମ୍କୁ ଜୟଯୁକ୍ତ କରାଇବେ ଓ ଶକ୍ତି ପ୍ରଦାନ କରିବେ। ଏବେ କୌଣସି ହସ୍ତ ଓ ଶକ୍ତି ନାହିଁ ଯେ, କି ଈଶ୍ୱରଙ୍କ ଏହି ଇଚ୍ଛାର ବିରୋଧ କରିପାରିବ। ସେ فَعَّالٌ لِّمَا يُرِيدُ ଅଟନ୍ତି।

(ଅଲ୍ ବୁରୁଜ୍ 85:17)

ମୁସଲ୍‌ମାନଗଣ ମନେରଖ! ସର୍ବଶକ୍ତିମାନ ଅଲ୍ଲାଃ ମୋ ଜରିଆରେ ତୁମ୍ଭମାନଙ୍କୁ ଏହି ଖବର ଦେଇଛନ୍ତି ଏବଂ ମୁଁ ନିଜ ବାର୍ତ୍ତା ପହଞ୍ଚାଇ ଦେଇଅଛି, ଏବେ ତାହାକୁ ଶୁଣିବା ଅଥବା ନଶୁଣିବା ତୁମମାନଙ୍କ ଅକ୍ତିଆରରେ । ଏହା ସତ୍ୟ ଯେ, ଇସା ମସିହ[ଅ.ସ] ମୃତ୍ୟୁ ଲଭି ସାରିଛନ୍ତି ଏବଂ ମୁଁ ଈଶ୍ୱରଙ୍କ ଶପଥ ନେଇ କହୁଅଛି; ଯେଉଁ ପ୍ରତିଶୃତ ଆସିବାର ଥିଲା ସେ ମୁଁ ହିଁ ଅଟେ । ଏହା ମଧ୍ୟ ନିଶ୍ଚିତ କଥା ଯେ, **ଇସଲାମ୍‌ର ଜୀବନ ଇସା ମସିହ [ଅ.ସ]ଙ୍କ ମୃତ୍ୟୁରେ ହିଁ ରହିଛି ।**

ଯଦି ଏହି ବିଷୟ ଉପରେ ଧ୍ୟାନ ଦେବେ ତେବେ ତୁମମାନଙ୍କୁ ଜଣା ପଡ଼ିଯିବ ଯେ, ଏହି ବିଷୟ (ହିଁ) ଅଟେ ଯାହା କି ଖ୍ରୀଷ୍ଟଧର୍ମକୁ ଶେଷ କରିଦେଇ ପାରିବେ । ଏହା ଖ୍ରୀଷ୍ଟଧର୍ମର ବିରାଟ ସ୍ତମ୍ଭ ଏବଂ ଏହାରି ଉପରେ ଏହି ଧର୍ମର ପ୍ରାସାଦନ ନିର୍ମାଣ କରାଯାଇଛି । ଏହାକୁ ପଡ଼ିଯିବାକୁ ଦିଅ, ଏହି ମାମଲା ଅତି ସହଜରେ ସ୍ଥିର ହୋଇଯାଇଥାନ୍ତା ଯଦି ମୋର ବିରୋଧୀଗଣ ଈଶ୍ୱର-ଭୟ ଏବଂ ଧର୍ମର ସହିତ କାମ କରିଥାନ୍ତେ । କିନ୍ତୁ ଏପରି ଜଣକର ନାମ କୁହ ଯେ କି ଅମାନବିକତାକୁ ତେଜି ଦେଇ ମୋ ନିକଟକୁ ଆସିଛି ଓ ନିଜ ଆଶ୍ୱସ୍ତି ଚାହିଁଛି । ସେମାନଙ୍କର ତ ଅବସ୍ଥା ଏପରି ଯେ, ମୋର ନାମ ନେବା ମାତ୍ରେ ସେମାନେ କ୍ରୋଧରେ ଫାଟି ପଡ଼ନ୍ତି ଏବଂ ଗାଳି ଦେବାକୁ ଲାଗନ୍ତି । ଭଲା ଏପରି ଭାବେ କୌଣସି ବ୍ୟକ୍ତି କେବେ ବି ସତ୍ୟକୁ ପାଇପାରିବ ?

ମୁଁ ତ ପବିତ୍ର କୁରଆନ୍‌ର ସ୍ୱଷ୍ଟ ଆଦେଶଗୁଡ଼ିକୁ ଉପସ୍ଥାପନ କରୁଅଛି ଓ ହଦିସ୍ ଉପସ୍ଥାପନ କରୁଅଛି । ସାହାବା (ହଜରତ ମୁହମ୍ମଦ [ସ.ଅ]ଙ୍କ ଅନୁଗାମୀ) ମାନଙ୍କର ଇଜ୍‌ମା (ସହମତି) ଉପସ୍ଥାପନ କରୁଅଛି କିନ୍ତୁ ସେମାନେ ଏପରି ଯେ, ଏହି କଥାଗୁଡ଼ିକୁ ଶୁଣନ୍ତି ନାହିଁ ଏବଂ କାଫିର୍ (ଅବିଶ୍ୱାସୀ) ଦଜ୍ଜାଲ୍ (ପ୍ରତାରକ) ହଲ୍ଲା କରନ୍ତି । ମୁଁ ସ୍ୱଷ୍ଟ ରୂପେ କହୁଅଛି; ପବିତ୍ର କୁରଆନ୍‌ରୁ ତୁମ୍ଭେ ସାବ୍ୟସ୍ତ କର ଯେ, ଇସା ମସିହ୍[ଅ.ସ] ଜୀବନ୍ତ ଆକାଶକୁ ଚାଲିଯାଇଛନ୍ତି । ହଜରତ ମୁହମ୍ମଦ୍ [ସ.ଅ]ଙ୍କ ଦୃଷ୍ଟିଭଙ୍ଗି ବିପରୀତେ କୌଣସି କଥା ଉପସ୍ଥାପନ କର ଅଥବା ଅବୁବକର୍ [ର.ଅ]ଙ୍କ ସମୟରେ ହଜରତ ମୁହମ୍ମଦ [ସ.ଅ]ଙ୍କ ମୃତ୍ୟୁ ସମୟରେ ଯେଉଁ ପ୍ରଥମ ଇଜ୍‌ମା ହୋଇଥିଲା ତା ବିରୁଦ୍ଧରେ ଦେଖାଅ ସେତେବେଳେ (କିନ୍ତୁ) ଉତ୍ତର ମିଳୁନାହିଁ । ପୁଣି କେତେକ ଲୋକ ହଲ୍ଲା କରୁଅଛନ୍ତି ଯେ,

ଯଦି ଆଗମନକାରୀ ସେହି ମରିୟମ୍ ସନ୍ତାନ ଇସା (ମସିହ) ଇସ୍ରାଇଲୀୟ ଅବତାର ନଥିଲା ତେବେ ଆଗମନକାରୀର ଏହି ନାମ କାହିଁକି ରଖାଗଲା ? ମୁଁ କହୁଅଛି କି ଏହି ଆରୋପ କିପରି ମୂର୍ଖତାପୂର୍ଣ୍ଣ ଆରୋପ । ଆଶ୍ଚର୍ଯ୍ୟର କଥା ଏହିକି ଯେ, ଆରୋପକାରୀ ନିଜ ସନ୍ତାନମାନଙ୍କର ନାମ ତ ମୁସା-ଇସା-ଦାଉଦ୍-ଅହମଦ୍-ଇବ୍ରାହିମ୍-ଇସମାଇଲ୍ ରଖିବାର ଅଧିକାରୀ ହୁଅନ୍ତୁ ଏବଂ ଯଦି ସର୍ବଶକ୍ତିମାନ ଅଲ୍ଲାଃ କାହାର ନାମ ଇସା ରଖି ଦିଅନ୍ତି ତେବେ ସେଥିପ୍ରତି ଆପତ୍ତି !! ଧ୍ୟାନ ଯୋଗ୍ୟ କଥା ତ ଏହି ସ୍ଥାନରେ ଏହା ଥିଲା ଯେ ଆସିବାବାଲା ନିଜ ସହିତ ନିଦର୍ଶନମାନ ରଖୁଅଛି ଅଥବା ନାହିଁ ? ଯଦି ସେମାନେ ସେହି ନିଦର୍ଶନମାନ ପାଆନ୍ତେ ତେବେ ନାହିଁ କରିବା ପାଇଁ ସାହସ କରନ୍ତେ ନାହିଁ । କିନ୍ତୁ ସେମାନେ ନିଦର୍ଶନଗୁଡ଼ିକର ଏବଂ (ଐଶ୍ୱରିକ) ସମର୍ଥନମାନର ପରୱା କଲେ ନାହିଁ ଏବଂ ଦାବି ଶୁଣିବା ମାତ୍ରେ କହିଦେଲେ- اَنْتَ كَافِرٌ 'ତୁମେ କାଫିର୍ ଅଟ' ।

ଏହା ସିଦ୍ଧାନ୍ତର କଥା ଯେ, ଅବତାରଗଣଙ୍କୁ ଏବଂ ଈଶ୍ୱର ପ୍ରେରିତମାନଙ୍କୁ ଚିହ୍ନିବାର ଉପାୟ ହେଉଛି ସେମାନଙ୍କ ଚମତ୍କାରୀତା ଏବଂ ନିଦର୍ଶନମାନ । ଯେପରିକି ସରକାରଙ୍କ ଦ୍ୱାରା ଯଦି କୌଣସି ବ୍ୟକ୍ତିକୁ ହାକିମ ନିଯୁକ୍ତ କରାଯାଏ ତେବେ ତାହାକୁ (ଏକ) ସନ୍ତକ ଦିଆଯାଇଥାଏ । ଏହିପରି ଈଶ୍ୱର ପ୍ରେରିତମାନଙ୍କ ଚିହ୍ନଟ କରିବା ପାଇଁ ମଧ୍ୟ ଚିହ୍ନମାନ ହୋଇଥାଏ ଏବଂ ମୁଁ ଦାବିର ସହ କହୁଅଛି ଯେ ଈଶ୍ୱର ମୋ ସମର୍ଥନ ପାଇଁ ଗୋଟିଏ ନୁହେଁ, ଦୁଇଟି ନୁହେଁ, ଦୁଇଶହ ନୁହେଁ ବରଂ ଲକ୍ଷାଧିକ ଚିହ୍ନମାନ ଉଦ୍‌ଭାସିତ କଲେ । ପୁନଶ୍ଚ ସେହି ଚିହ୍ନଗୁଡ଼ିକ ଏହିପରି ନୁହେଁ ଯେ, କେହି ସେଗୁଡ଼ିକୁ ଜାଣି ନାହାନ୍ତି ବରଂ ଲକ୍ଷ୍ୟାଧିକ ଲୋକେ ସେଗୁଡ଼ିକର ସାକ୍ଷୀ ରହିଛନ୍ତି । ମୁଁ କହିପାରେ ଯେ, ଏହି ସଭାରେ ମଧ୍ୟ ଶତାଧିକ ବ୍ୟକ୍ତି ତହିଁର ସାକ୍ଷୀ ଉପସ୍ଥିତ ଥିବେ । ସ୍ୱର୍ଗରୁ ମୋ ପାଇଁ ଚିହ୍ନମାନ ପ୍ରକଟ ହୋଇଅଛି । ଭୂ-ପୃଷ୍ଠରୁ ମଧ୍ୟ ପ୍ରକଟ ହୋଇଅଛି ।

ସେହି ଚିହ୍ନମାନ ଯେଉଁଗୁଡ଼ିକ ମୋ ଦାବି ସହିତ ନିର୍ଦ୍ଦିଷ୍ଟ ଥିଲେ ଏବଂ ଯେଉଁଗୁଡ଼ିକରେ ସୂଚନା ସମୟ ପୂର୍ବରୁ ଅନ୍ୟ ଅବତାରମାନଙ୍କ ଏବଂ ହଜରତ ମୁହମ୍ମଦ ସ.ଅ.ଙ୍କ ଦ୍ୱାରା ଦିଆଯାଇଥିଲା ତାହା ମଧ୍ୟ ପୂର୍ଣ୍ଣ ହୋଇଗଲା । ଉଦାହରଣତଃ

ସେମାନଙ୍କ ମଧ୍ୟରୁ ଗୋଟିଏ ସୂର୍ଯ୍ୟପରାଗ ଏବଂ ଅନ୍ୟଟି ଚନ୍ଦ୍ରଗ୍ରହଣର ହିଁ ଚିହ୍ନ, ଯାହାକୁ ତୁମ୍ଭେ ସମସ୍ତେ ଦେଖିଲ । ସଠିକ୍ ହଦିସ୍‌ରେ ଏ ସୂଚନା ଦିଆଯାଇଥିଲା ଯେ, ମେହଦୀ ଏବଂ ମସିହ୍‌ଙ୍କ ସମୟରେ ରମ୍‌ଜାନ ମାସରେ ସୂର୍ଯ୍ୟପରାଗ ଏବଂ ଚନ୍ଦ୍ରଗ୍ରହଣ ହେବ । ଏବେ କୁହ, କ'ଣ ଏହି ଚିହ୍ନ ପୂର୍ଣ୍ଣ ହେଲା ଅଥବା ନାହିଁ ? କେହି ଅଛି ଯେ ଏହା କହିବ କି ସେ (ଉକ୍ତ) ଚିହ୍ନ ଦେଖି ନାହିଁ ? ଏବଂ ସେହିପରି ଏହା ମଧ୍ୟ ଖବର ଦିଆଯାଇଥିଲା ଯେ, ସେହି ସମୟରେ ପ୍ଲେଗ୍ ବ୍ୟାପିବ । ଏପର୍ଯ୍ୟନ୍ତ ମାରାତ୍ମକ ହେବ ଯେ ଦଶଜଣଙ୍କ ମଧ୍ୟରୁ ସାତ ଜଣ ମୃତ୍ୟୁବରଣ କରିବେ । ଏବେ କୁହ ଯେ କ'ଣ ପ୍ଲେଗ୍‌ର ଚିହ୍ନ ପ୍ରକଟ ହେଲା ଅଥବା ନାହିଁ ? ପୁଣି ଏହା ମଧ୍ୟ ଉଲ୍ଲେଖ ଥିଲା ଯେ, ସେହି ସମୟରେ ଗୋଟିଏ ନୂତନ ବାହାନ ଦୃଶ୍ୟମାନ (ଉଦ୍ଭାବନ) ହେବ ଯଦ୍ୱାରା ଓଟମାନେ ଅଦରକାରୀ ହୋଇଯିବେ । କ'ଣ ରେଳ ଚାଲିବା ଦ୍ୱାରା ଏହି ଚିହ୍ନ ପୂର୍ଣ୍ଣ ହେଲା ନାହିଁ ? ମୁଁ କେଉଁ ପର୍ଯ୍ୟନ୍ତ ଗଣନା କରିବି ? ଏହା ଉକ୍ତ ଚିହ୍ନମାନର ଅତି ବିରାଟ ଶୃଙ୍ଖଳା । ଏବେ ଚିନ୍ତା କର ଯେ, ମୁଁ ଦାବିଦାର (ହୋଇ) ପ୍ରତାରକ ଏବଂ ମିଥ୍ୟାବାଦୀ ଘୋଷିତ ହେଲି । ତେବେ କ'ଣ ଯେ ମୋ ଭଳି ମିଥ୍ୟାବାଦୀ ସକାଶେ ହିଁ ଏସମସ୍ତ ଚିହ୍ନମାନ ପୂର୍ଣ୍ଣ ହୋଇଗଲା ? ପୁନଶ୍ଚ ଯଦି ଆସବାବାଲା ଆଉ କେହି ରହିଛି ତେବେ କ'ଣ ମିଳିବ ? କିଛି ତ ନ୍ୟାୟ କର ଏବଂ ଈଶ୍ୱରଙ୍କୁ ଭୟ କର । କ'ଣ ଈଶ୍ୱର କୌଣସି ମିଥ୍ୟାବାଦୀର ମଧ୍ୟ ଏପରି ସମର୍ଥନ କରିଥାନ୍ତି ? ଅଜବ କଥା ଏହିକି ଯେ, ଯିଏ ବି ମୋ ବିରୋଧରେ ଆସିଲା ସେ ଅସଫଳ ହେଲା ଏବଂ ନିରାଶ ରହିଲା ଏବଂ ବିରୋଧୀମାନେ ମୋତେ ଯେଉଁ ବିପତ୍ତି ଏବଂ ଦୁର୍ଦ୍ଦଶାରେ ପକାଇଲେ ମୁଁ ସେଥି ମଧ୍ୟରୁ ସକୁଶଳେ ଓ ସଫଳ ହୋଇ ବାହାରିଲି । ବର୍ତ୍ତମାନ ଶପଥ କରି କହୁ ଯେ, ମିଥ୍ୟାବାଦୀମାନଙ୍କ ସହିତ ଏପରି ବ୍ୟବହାର ହୋଇଥାଏ ।

ମୋତେ ଦୁଃଖର ସହିତ କହିବାକୁ ପଡୁଅଛି ଯେ, ବିରୋଧୀ ମତ ରଖୁଥିବା ପଣ୍ଡିତମାନଙ୍କୁ କ'ଣ ହୋଇଛି ? ସେମାନେ ଧ୍ୟାନପୂର୍ବକ ପବିତ୍ର କୁରଆନ୍ ଏବଂ ହଦିସ୍‌ଗୁଡ଼ିକୁ ପାଠ କରୁ ନାହାଁନ୍ତି । କ'ଣ ସେମାନଙ୍କୁ ଜଣା ନାହିଁ ଯେ, ଜାତିରେ ଯେତେ ସବୁ ମହାନ୍ ବ୍ୟକ୍ତିଗଣ ଆସିଛନ୍ତି ସେ ସମସ୍ତେ

ଦର୍ଶାଇ ଆସିଛନ୍ତି ଯେ, ପ୍ରତିଶୃତ ମସିହ୍‌ଙ୍କ ଆଗମନ ଚତୁର୍ଦ୍ଦଶ ହିଜ୍‌ରୀ (ଶତାବ୍ଦୀ) ରେ ହେବ ଏବଂ ସମସ୍ତ ଦୈବିବାଣୀ ଲାଭକାରୀଙ୍କ ଦୈବିବାଣୀ ଏହିଠାରେ ଆସି ଅଟକି ଯାଇଥାଏ । ହିଜଜୁଲ୍ କିରାମାରେ ସ୍ୱଷ୍ଟ ଉଲ୍ଲେଖ ରହିଛି, (ଏହା) ଚତୁର୍ଦ୍ଦଶ ଶତାବ୍ଦୀରୁ ଆଗକୁ ଯିବ ନାହିଁ । ଏହି ଲୋକେ ମଞ୍ଚ ଉପରେ ଚଢ଼ି ବର୍ଣ୍ଣନା କରୁଥିଲେ ଯେ, ତ୍ରୟୋଦଶ ଶତାବ୍ଦୀରୁ ପଶୁମାନେ ମଧ୍ୟ ଆଶ୍ରୟ ଭିକ୍ଷା କରିଛନ୍ତି ଏବଂ ଚତୁର୍ଦ୍ଦଶ ଶତାବ୍ଦୀ କଲ୍ୟାଣକର ହେବ କିନ୍ତୁ ଏ କ'ଣ ହେଲା । ସେହି ଚତୁର୍ଦ୍ଦଶ ଶତାବ୍ଦୀ ଯହିଁରେ ଜଣେ ପ୍ରତିଶୃତ ଇମାମ୍ ଆସିବାର ଥିଲା, ସେଥିରେ ସତ୍ୟବାଦୀ ବଦଳରେ ମିଥ୍ୟାବାଦୀ ଆସିଗଲା ଏବଂ ତାହାର ସମର୍ଥନରେ ହଜାରେ, ଲକ୍ଷେ ନିଦର୍ଶନମାନ ମଧ୍ୟ ପ୍ରକଟ ହୋଇଗଲା । ଆଉ ଈଶ୍ୱର ମଧ୍ୟ ପ୍ରତ୍ୟେକ କ୍ଷେତ୍ରରେ ଏବଂ ପ୍ରତ୍ୟେକ ମୁକାବିଲାରେ ତା'ର ହିଁ ସାହାଯ୍ୟ କଲେ । ଏହି କଥାଗୁଡ଼ିକର ଟିକିଏ ଚିନ୍ତା କରି ଉତ୍ତର ଦିଅ । ଏମିତି ମୁହଁରୁ ଗୋଟିଏ କଥା କହିଦେବା ସହଜ କିନ୍ତୁ ଈଶ୍ୱରଙ୍କୁ ଭୟକରି କଥା କହିବା କଠିନ ।

ଏହା ବ୍ୟତୀତ ଏହି କଥା ମଧ୍ୟ ଧ୍ୟାନ ଯୋଗ୍ୟ ଯେ, ଈଶ୍ୱର ଜଣେ ପ୍ରତାରକ ଏବଂ ମିଥ୍ୟାବାଦୀ ବ୍ୟକ୍ତିକୁ ଏପରି ଲମ୍ବା ଅବଧି ଦିଅନ୍ତି ନାହିଁ ଯେ, ସେ ହଜରତ ମୁହମ୍ମଦ [ସ.ଅ.]ଙ୍କ ଠାରୁ ମଧ୍ୟ ଅଧିକ ହୋଇଯିବ । ମୋର ବୟସ ୬୭ ବର୍ଷ ଏବଂ ମୋର (ଅବତାର ରୂପେ) ଅବତୀର୍ଣ୍ଣ ହେବାର ଅବଧି ୨୩ ବର୍ଷରୁ ଅଧିକ ହୋଇଗଲାଣି । ଯଦି ମୁଁ ଏପରି ପ୍ରତାରକ ଓ ମିତ୍ୟାବାଦୀ ଥିଲି ତେବେ ସର୍ବଶକ୍ତିମାନ ଅଲ୍ଲାଃ ଏହି ମାମଲାକୁ ଏତେ ଲମ୍ବା ହେବାକୁ ଦେଇନଥାନ୍ତେ । କିଛି ଲୋକ ଏହା ମଧ୍ୟ କହୁଛନ୍ତି କି ତୁମର ଆସିବା ଦ୍ୱାରା ଲାଭ କ'ଣ ହେଲା ?

ମନେରଖ ! ମୋ ଆସିବାର ଦୁଇଟି ଉଦ୍ଦେଶ୍ୟ ରହିଛି । ଗୋଟିଏ ଏହିକି ଯେ, ବର୍ତ୍ତମାନ ସମୟରେ ଯେଉଁ ପ୍ରଭୁତ୍ୱ ଇସଲାମ୍ ଉପରେ ଅନ୍ୟ ଧର୍ମଗୁଡ଼ିକର ହୋଇଅଛି, ସତେ ଯେପରି ସେମାନେ ଇସଲାମ୍‌କୁ ଖାଇ ଯାଉଛନ୍ତି ଏବଂ ଇସଲାମ୍ ଅତ୍ୟନ୍ତ ଦୁର୍ବଳ ଏବଂ ଅନାଥ ଶିଶୁ ସଦୃଶ ପାଲଟି ଯାଇଛି । ସୁତରାଂ ଏହି ସମୟରେ ଈଶ୍ୱର ମୋତେ (ଏଥିପାଇଁ) ପଠାଇଛନ୍ତି କି ମୁଁ ଇସଲାମ୍‌କୁ ମିଥ୍ୟା ଧର୍ମମାନର ଆକ୍ରମଣରୁ ରକ୍ଷା କରିବି ଏବଂ ଇସଲାମ୍‌ର ଜୋର୍‌ଦାର୍ ଯୁକ୍ତି ଏବଂ ସତ୍ୟତାର ପ୍ରମାଣଗୁଡ଼ିକୁ ଉପସ୍ଥାପନ କରିବି ତଥା

ସେହି ପ୍ରମାଣଗୁଡ଼ିକ ବିଦ୍ୟାଗତ ତର୍କ ସ୍ୱର୍ଗୀୟ ଜ୍ୟୋତି ଏବଂ କଲ୍ୟାଣମାନ ସମ୍ବଳିତ । ଯାହା କି ସର୍ବଦା ଇସଲାମ୍‌ର ସମର୍ଥନରେ ପ୍ରକଟିତ ହୋଇ ଆସିଛି । ଏହି ସମୟରେ ଯଦି ତୁମେ ପାଦ୍ରୀମାନଙ୍କର ରିପୋର୍ଟଗୁଡ଼ିକୁ ପଢ଼ିବ ତେବେ ଜଣାପଡ଼ିଯିବ ଯେ, ସେମାନେ ଇସଲାମ୍‌ର ବିରୋଧ ପାଇଁ କି ବ୍ୟବସ୍ଥାମାନ କରୁଛନ୍ତି ଏବଂ ସେମାନଙ୍କର ଗୋଟିଏ ଗୋଟିଏ ପ୍ରଚାରପତ୍ର କେତେ ପରିମାଣରେ ପ୍ରକାଶିତ ହେଉଅଛି । ଏପରି ଅବସ୍ଥାରେ ଜରୁରୀ ଥିଲା ଯେ, ଇସଲାମ୍‌ର ବୈଶିଷ୍ଟ୍ୟ (ଜାହିର୍) କରାଯାଆନ୍ତା । ଅତଏବ ଏହି ଉଦ୍ଦେଶ୍ୟ ପାଇଁ ଈଶ୍ୱର ମୋତେ ପଠାଇଛନ୍ତି । ମୁଁ (ପୂର୍ଣ୍ଣ) ବିଶ୍ୱାସର ସହିତ କହୁଅଛି; ଇସଲାମ୍‌ର ବିଜୟ ନିଶ୍ଚୟ ହେବ ଏବଂ ଏହାର ଲକ୍ଷଣ ପ୍ରକଟ ହୋଇ ସାରିଲାଣି । ହଁ ଏହା ସତ୍ୟ ଯେ, ଏହି ବିଜୟ ପାଇଁ କୌଣସି ଖଣ୍ଡା ଏବଂ ବନ୍ଧୁକର ଆବଶ୍ୟକତା ନାହିଁ ଏବଂ ନା ଈଶ୍ୱର ମୋତେ ଅସ୍ତ୍ରଶସ୍ତ୍ର ସହିତ ପଠାଇଛନ୍ତି । ଏ ସମୟରେ ଯେଉଁ ବ୍ୟକ୍ତି ଏପରି ଭାବୁଥାଏ (ତେବେ) ସେ ଇସଲାମ୍‌ର ନିର୍ବୋଧ ବନ୍ଧୁ ହେବ । ଧର୍ମର ଉଦ୍ଦେଶ୍ୟ ହୃଦୟକୁ ଜୟ କରିବା ଏବଂ ଏହି ଉଦ୍ଦେଶ୍ୟ ତରବାରୀ ଦ୍ୱାରା ହାସଲ ହୋଇପାରିବ ନାହିଁ । ହଜରତ ମୁହମ୍ମଦ[ସ.ଅ] ଯେଉଁ ତରବାରୀ ଉଠାଇଥିଲେ ମୁଁ ଅନେକ ଥର ବର୍ଣ୍ଣନା କରିସାରିଛି ଯେ, ସେ ତରବାରୀ କେବଳ ମାତ୍ର ଆତ୍ମରକ୍ଷା ଓ ସୁରକ୍ଷା ସକାଶେ ଥିଲା ଏବଂ ତାହା ମଧ୍ୟ ସେ ସମୟରେ ଯେତେବେଳେ ବିରୋଧୀମାନଙ୍କ ତଥା ଅସ୍ୱୀକାରୀମାନଙ୍କ ଅତ୍ୟାଚାର ସୀମାଲଙ୍ଘି ଯାଇଥିଲା ଏବଂ ଅସହାୟ ମୁସଲ୍‌ମାନମାନଙ୍କର ରକ୍ତରେ ଭୂ-ପୃଷ୍ଠ ଲାଲ୍ ହୋଇ ସାରିଥିଲା ।

ଅତଏବ ମୋର ଆସିବାର ଉଦ୍ଦେଶ୍ୟ ତ ଏହା ହିଁ ଯେ ଇସଲାମ୍‌ର ଅନ୍ୟ ଧର୍ମଗୁଡ଼ିକ ଉପରେ ବିଜୟ ଲାଭ ହେଉ । ଦ୍ୱିତୀୟ କାର୍ଯ୍ୟ ଏହିକି ଯେ, ଯେଉଁ ଲୋକମାନେ ଏହା କହୁଛନ୍ତି କି ଆମେ ନମାଜ ପାଠ କରୁଅଛୁ ଏବଂ ଏହା କହୁଅଛୁ, ତାହା କରୁଅଛୁ ଏହା କେବଳ ମାତ୍ର ତାଙ୍କ ମୁହଁର ହିସାବ । ଏଥି ନିମନ୍ତେ ଏହା ଆବଶ୍ୟକ ରହିଛି ଯେ, ମନୁଷ୍ୟ ମଧ୍ୟରେ ସେହି ଅବସ୍ଥା ଜନ୍ମ ହୋଇଯାଉ ଯାହା ହେଉଛି ଇସଲାମ୍‌ର ମୂଳତତ୍ତ୍ୱ ଏବଂ ସାର । ମୁଁ ତ ଏହା ହିଁ ଜାଣିଛି ଯେ, କୌଣସି ବ୍ୟକ୍ତି ମୋମିନ୍ (ବିଶ୍ୱାସୀ) ତଥା ମୁସଲ୍‌ମାନ

ହୋଇପାରିବ ନାହିଁ ଯେପର୍ଯ୍ୟନ୍ତ ଅବୁବକର୍‌-ଉମର୍‌-ଉସ୍‌ମାନ୍‌-ଅଲୀ ର.ଅଙ୍କ ରୂପ (ତା'ଠାରେ) ଜନ୍ମେ ନାହିଁ ।

ସେମାନେ ସଂସାରର ମୋହ ରଖୁ ନଥିଲେ ବରଂ ନିଜ ଜୀବନ ଈଶ୍ୱରଙ୍କ ମାର୍ଗରେ ଉତ୍ସର୍ଗ କରି ଦେଇଥିଲେ । ଏବେ ଯାହା କିଛି ଅଛି ତାହା କେବଳ ଦୁନିଆ ନିମନ୍ତେ ଏବଂ ଦୁନିଆ ଗର୍ଭରେ ଏତେଦୂର ଲୀନ ହୋଇଯାଉ ଅଛି ଯେ, ଈଶ୍ୱରଙ୍କ ସକାଶେ କୌଣସି ସ୍ଥାନ ବାକି ରଖି ନାହିଁ । ବ୍ୟାପାର ଅଛି ତ ସଂସାର ନିମନ୍ତେ । ଅଟ୍ଟାଳିକା ଅଛି ତ ସଂସାର ନିମନ୍ତେ । ବରଂ ଯଦି ନମାଜ ଓ ରୋଜା ଅଛି ତେବେ ତାହା ମଧ୍ୟ ସଂସାର ନିମନ୍ତେ । ସଂସାରୀମାନଙ୍କ ସମୀପବର୍ତ୍ତୀ ହେବା ସକାଶେ ତ ସବୁକିଛି କରା ଯାଉଅଛି ମାତ୍ର ଧର୍ମ ପ୍ରତି ତିଳେ ମାତ୍ର ସମ୍ମାନ ନାହିଁ । ଏବେ ପ୍ରତ୍ୟେକ ବ୍ୟକ୍ତି ବୁଝିପାରିବ ଯେ, କ'ଣ ଇସଲାମ୍‌କୁ ମାନିବା ଏବଂ ଗ୍ରହଣ କରିବାର ଏତିକି ମାତ୍ର ଉଦ୍ଦେଶ୍ୟ ଥିଲା ଯାହା ମନେକରି ନିଆଯାଇଛି ? ଅଥବା ତାହା ଏକ ଉଚ୍ଚକୋଟୀର ଉଦ୍ଦେଶ୍ୟ ଥିଲା । ମୁଁ ଏହା ହିଁ ଜାଣିଛି ଯେ, ବିଶ୍ୱାସକାରୀକୁ ପବିତ୍ର କରାଯାଇଥାଏ ଏବଂ ତା'ଠାରେ ଦେବଦୂତଙ୍କ ରୂପ ଆସିଯାଇ ଥାଏ । ଯେତେ ଯେତେ ଈଶ୍ୱରଙ୍କ ସହ ନିକଟତା ବଢ଼ିଚାଲେ ସେ ଈଶ୍ୱରଙ୍କ ବାଣୀ ଶୁଣେ, ତହିଁରୁ (ଆତ୍ମ) ସନ୍ତୋଷ ଲଭିଥାଏ ।

ଏବେ ତୁମ୍ଭମାନଙ୍କ ମଧ୍ୟରୁ ପ୍ରତ୍ୟେକ ନିଜ ମନ ମଧ୍ୟରେ ଭାବି ନେଉ ଯେ, କ'ଣ ତାକୁ ଏହି ଅବସ୍ଥା ପ୍ରାପ୍ତ ହୋଇଛି ? ମୁଁ ସତ କହୁଛି, ତୁମେମାନେ କେବଳ ଚୋପା ଓ ଛାଲରେ ସନ୍ତୁଷ୍ଟ ହୋଇଯାଇଛ । କିନ୍ତୁ ତାହା କିଛି (କାମର) ବସ୍ତୁ ନୁହଁ, ଈଶ୍ୱର ସାର (ମଗଜ) ଚାହାଁନ୍ତି । ସୁତରାଂ ଯେପରି ମୋର କାମ ଏହିକି ଯେ, ସେହି ଆକ୍ରମଣଗୁଡ଼ିକର ପ୍ରତିରୋଧ କରାଯାଉ ଯାହା ବାହ୍ୟ ରୂପେ ଇସଲାମ୍‌ ଉପରେ ହେଉଅଛି, ସେହିପରି ମୁସଲ୍‌ମାନମାନଙ୍କ ମଧ୍ୟରେ ଇସଲାମ୍‌ର ସତ୍ୟତା ଏବଂ ଆତ୍ମା ସୃଷ୍ଟି କରାଯାଉ । ମୁଁ ଚାହୁଁଛି ଯେ, ମୁସଲ୍‌ମାନମାନଙ୍କ ହୃଦୟରେ ଈଶ୍ୱରଙ୍କ ବଦଳରେ ସଂସାରର ଯେଉଁ ପ୍ରତିମାକୁ ପ୍ରାଧାନ୍ୟ ଦିଆଯାଇଛି ତାହାର ଆଶା ଅଭିଳାଷାଗୁଡ଼ିକୁ ରଖାଯାଇଛି, ଝଗଡ଼ା, ମିଳାମିଶା ଯାହାକିଛି ରହିଅଛି ସଂସାର ପାଇଁ ରହିଛି । ସେହି ପ୍ରତିମାକୁ ଖଣ୍ଡ ବିଖଣ୍ଡ କରି ଦିଆଯାଉ ଏବଂ ସର୍ବଶକ୍ତିମାନ ଅଲ୍ଲାହ୍‌ଙ୍କ ମହାନତା ଏବଂ ପ୍ରତିଷ୍ଠା

ସେମାନଙ୍କ ହୃଦୟରେ ସ୍ଥାପିତ ହେଉ ଏବଂ ବିଶ୍ୱାସର ବୃକ୍ଷ ତାଜା ତଟକା ଫଳ ଦେଉ । ବର୍ତ୍ତମାନ ସମୟରେ ବୃକ୍ଷର ଆକୃତି ରହିଛି କିନ୍ତୁ ଅସଲ ବୃକ୍ଷ ନାହିଁ, କାରଣ ବୃକ୍ଷ ନିମନ୍ତେ ବର୍ଣ୍ଣନା କରାଯାଇଛି ଯେ:-

أَلَمْ تَرَ كَيْفَ ضَرَبَ اللّٰهُ مَثَلًا كَلِمَةً طَيِّبَةً كَشَجَرَةٍ طَيِّبَةٍ أَصْلُهَا ثَابِتٌ
وَّفَرْعُهَا فِي السَّمَآءِ تُؤْتِيْٓ أُكُلَهَا كُلَّ حِيْنٍ بِإِذْنِ رَبِّهَا

(ଇବ୍ରାହିମ୍ 14:25,26) ଅର୍ଥାତ୍ କ'ଣ ତୁମେ ଦେଖି ନାହଁ ଯେ, ଅଲ୍ଲାଃ (ଏକ) ପୂର୍ଣ୍ଣାଙ୍ଗ ଧର୍ମର କେଉଁପରି ଉଦାହରଣ ଦେଇଛନ୍ତି । ଅର୍ଥାତ୍ ସେହି ପବିତ୍ର ବାଣୀ (ଏକ) ପବିତ୍ର ବୃକ୍ଷ ସଦୃଶ ଯାହାର ମୂଳ (ଭୂ-ପୃଷ୍ଠରେ) ସୁଦୃଢ଼ ଥାଏ ଏବଂ ଯାହାର ଶାଖାମାନ ଆକାଶକୁ (ସ୍ପର୍ଶକରି) ଥାଆନ୍ତି ଏବଂ ସେ ବୃକ୍ଷ ନିଜର ଫଳ ନିଜ ପାଳନକର୍ତ୍ତାଙ୍କ ଆଦେଶ ଅନୁସାରେ ସର୍ବଦା ପ୍ରଦାନ କରୁଥାଏ । أَصْلُهَا ثَابِتٌ ର ଅଭିପ୍ରାୟ ଏହା ଯେ, ସେ ଧର୍ମର ସିଦ୍ଧାନ୍ତ ପ୍ରମାଣିତ ଏବଂ ନିଶ୍ଚିତ ହୋଇଥାଉ ଏବଂ ତାହା ପୂର୍ଣ୍ଣ ବିଶ୍ୱାସର ସ୍ତର ପର୍ଯ୍ୟନ୍ତ ପହଞ୍ଚି ଯାଇଥାଉ । ଏବଂ ସେ ସର୍ବଦା ନିଜର ଫଳ ପ୍ରଦାନ କରୁଥାଉ । କେବେ ବି ଶୁଷ୍କ ବୃକ୍ଷ ପରି ନହେଉ । କିନ୍ତୁ କୁହ କ'ଣ ଏବେ ଏପରି ଅବସ୍ଥା ଅଛି ? ଅନେକ ବ୍ୟକ୍ତି କହି ତ ଦେଉଛନ୍ତି ଯେ ଆବଶ୍ୟକତା ହିଁ କ'ଣ ? ସେ ରୋଗୀର କିପରି ମୁର୍ଖାମୀ ଯେ, ଏହା କହେ କି ଡ଼ାକ୍ତରର ଆବଶ୍ୟକତା ହିଁ କ'ଣ ? ସେ ଯଦି ଡ଼ାକ୍ତର ଠାରୁ ବେପରୱା ଏବଂ ତାହାର ଆବଶ୍ୟକତା ମନେକରେ ନାହିଁ ତେବେ ଏହାର ପରିଣାମ ତାହାର ବିନାଶ ବ୍ୟତୀତ ଆଉ କ'ଣ ହେବ ? ବର୍ତ୍ତମାନ ସମୟରେ ମୁସଲ୍‌ମାନମାନେ أَسْلَمْنَا(ଅସ୍‌ଲମ୍‌ନା) ମଧ୍ୟରେ ନିଃସନ୍ଦେହ ରୂପେ ଅନ୍ତର୍ଭୁକ୍ତ । କିନ୍ତୁ آمَنَّا ମଧ୍ୟରେ ଅନ୍ତର୍ଗତ ନୁହଁ । ଆଉ ତାହା ସେତେବେଳେ ହେବ ଯେତେବେଳେ ଏକ ଜ୍ୟୋତି (ତାଙ୍କ) ସଙ୍ଗରେ ଥିବ । ଅତଏବ ଏଗୁଡ଼ିକ ହେଉଛି ସେହି କଥାମାନ ଯେଉଁଥିପାଇଁ ମୁଁ ପ୍ରେରିତ ହୋଇଛି । ଏଣୁ ମୋ ମାମଲାରେ (ମୋର) ପ୍ରତ୍ୟାଖ୍ୟାନ ପାଇଁ ଶୀଘ୍ରତା କର ନାହିଁ । ବରଂ ଈଶ୍ୱରଙ୍କୁ ଭୟକର ଓ ଅନୁତାପ କର କାରଣ ଅନୁତାପକାରୀର ବୁଦ୍ଧି ପ୍ରଖର ହୋଇଥାଏ । ପ୍ଲେଗ୍‌ର ନିଦର୍ଶନ ଅତ୍ୟନ୍ତ ଭୟାବହ ନିଦର୍ଶନ ଏବଂ ଈଶ୍ୱର ଏ ସମ୍ପର୍କରେ ମୋ ପ୍ରତି ଯେଉଁ ବାଣୀ ଅବତୀର୍ଣ୍ଣ କରିଛନ୍ତି,

ତାହା ହେଉଛି:- اِنَّ اللّٰہَ لَا یُغَیِّرُ مَا بِقَوۡمٍ حَتّٰی یُغَیِّرُوۡا مَا بِاَنۡفُسِہِمۡ

(ରାଦ୍ 13: 12) "ଅର୍ଥାତ୍ ଅଲ୍ଲାଃ କଦାପି କୌଣସି ସମ୍ପ୍ରଦାୟର ଅବସ୍ଥାରେ (ସେପର୍ଯ୍ୟନ୍ତ) ପରିବର୍ତ୍ତନ କରନ୍ତି ନାହିଁ ଯେପର୍ଯ୍ୟନ୍ତ କି ସେମାନେ ନିଜ ଅନ୍ତରର ଅବସ୍ଥାକୁ ପରିବର୍ତ୍ତନ କରି ନାହାଁନ୍ତି ।" ଏହା ଈଶ୍ୱରଙ୍କ ବାଣୀ ଏବଂ ତା' ପ୍ରତି ଧିକ୍କାର ଯେ କି ଈଶ୍ୱରଙ୍କ ପ୍ରତି ମିଥ୍ୟାରୋପ କରେ । ଈଶ୍ୱର କହୁଛନ୍ତି ଯେ, ମୋ ବିଚାର ସେତେବେଳେ ବଦଳିବ ଯେତେବେଳେ ହୃଦୟଗୁଡ଼ିକରେ ପରିବର୍ତ୍ତନ ଘଟିବ । ସୁତରାଂ ଈଶ୍ୱରଙ୍କୁ ଡ଼ର ଏବଂ ତାଙ୍କ ପ୍ରକୋପକୁ ଭୟ କର । କେହି କାହାର ଉତ୍ତରଦାୟୀ ହୋଇପାରିବେ ନାହିଁ । ମାମୁଲି ମକଦ୍ଦମାଟିଏ କାହାରି ଉପରେ ହୋଇଗଲେ ଅଧିକାଂଶ ବ୍ୟକ୍ତି ସଙ୍ଗ-ନିର୍ବାହ କରିପାରନ୍ତି ନାହିଁ । ପୁଣି ତେବେ ବିଚାର ଦିନ କି ଭରଷା ରଖୁଛ ଯାହା ସମ୍ପର୍କରେ କୁହାଯାଇଛି:- یَوۡمَ یَفِرُّ الۡمَرۡءُ مِنۡ اَخِیۡہِ

(ଅବସା 80: 35) "ଅର୍ଥାତ୍ ଯେଉଁଦିନ ମନୁଷ୍ୟ ନିଜ ଭାଇଠାରୁ (ଦୂରକୁ) ପଳାୟନ କରିବ ।" ବିରୋଧୀମାନଙ୍କର ତ ଏହା କର୍ତ୍ତବ୍ୟ ଥିଲା କି ସେମାନେ ସକରାତ୍ମକ ଭାବରେ କାମ ନେଇଥାନ୍ତେ ଏବଂ

وَلَا تَقۡفُ مَا لَیۡسَ لَکَ بِہٖ عِلۡمٌ (ବନି ଇସ୍ରାଇଲ୍ 17:37)

"ଅର୍ଥାତ୍ ଯେଉଁ ବିଷୟରେ ତୁମ୍ଭର ଜ୍ଞାନ ନାହିଁ ତାହାର ଅନୁସରଣ କର ନାହିଁ ।" ଉପରେ କାର୍ଯ୍ୟ କରିଥାନ୍ତେ କିନ୍ତୁ ସେମାନେ ଶୀଘ୍ରତାର ସହ କାର୍ଯ୍ୟ କଲେ । ମନେରଖ ! ପୂର୍ବତନ ଜାତିଗୁଡ଼ିକ ଏହି ରୂପେ ଅଧୈର୍ଯ୍ୟ ହୋଇପଡ଼ିଥିଲେ । ବୁଦ୍ଧିମାନ୍ ଯେ କି ବିରୋଧ କରି ମଧ୍ୟ ଯେତେବେଳେ ତାକୁ ଜଣା ପଡ଼ିଥାଏ ଯେ, ସେ ଭୁଲ (ବାଟ) ରେ ଥିଲା, ତାକୁ ତ୍ୟାଗ କରିଦିଏ । କିନ୍ତୁ ଏହା ସେତେବେଳେ ଭାଗ୍ୟର ଜୁଟେ ଯଦି ଈଶ୍ୱର ଭୟ ଥାଏ । ବାସ୍ତବରେ ପୁରୁଷର କାର୍ଯ୍ୟ ହେଉଛି ଏହି କି ଯେ, ସେ ନିଜ ଭୁଲ ସ୍ୱୀକାର କରୁ । ସେ ହିଁ ହେଉଛି ପହିଲମାନ ଓ ତାକୁ ହିଁ ଈଶ୍ୱର ପସନ୍ଦ କରିଥାନ୍ତି ।

ଏହି ସମସ୍ତ କଥାଗୁଡିକୁ ଛାଡ଼ି ମୁଁ ଏବେ ଅନୁମାନ ବିଷୟରେ କିଛି କହିବାକୁ ଚାହୁଁ ଅଛି । ଯଦି ଓ ମୋ ସହିତ ପବିତ୍ର କୁରଆନ୍ ଏବଂ ହଦିସ୍‌ର

ସ୍ପଷ୍ଟ ଆଦେଶ ରହିଅଛି । ସାହାବା ର.ଅଙ୍କ ଇଜ୍‌ମା ମଧ୍ୟ ମୋର ସମର୍ଥନ କରୁଅଛି । ଐଶ୍ୱରିକ ନିଦର୍ଶନ ଓ ଐଶ୍ୱରିକ ସମର୍ଥନମାନ ମୋର ସହାୟକ ଅଟନ୍ତି । **ସମୟର ଆବଶ୍ୟକତା ମୋର ସତ୍ୟବାଦୀ ହେବା ଦର୍ଶାଉଛି ।** କିନ୍ତୁ ଅନୁମାନ ଦ୍ୱାରା ମଧ୍ୟ ଯୁକ୍ତି ସାବ୍ୟସ୍ତ ହୋଇପାରେ । ଏଣୁ ଦେଖିବା ଉଚିତ୍ ଯେ, ଅନୁମାନ କ'ଣ କହୁଅଛି ? ମନୁଷ୍ୟ କେବେ ହେଁ ଏପରି କୌଣସି ଜିନିଷକୁ ମାନିବାକୁ ପ୍ରସ୍ତୁତ ହୁଏ ନାହିଁ, ଯାହାର ତା ନିଜ ସଦୃଶ କୌଣସି ଉଦାହରଣ ନଥାଏ । ଉଦାହରଣ ସ୍ୱରୂପ ଯଦି ଗୋଟିଏ ବ୍ୟକ୍ତି ଆସି କୁହେ ଯେ, ତୁମ ପିଲାକୁ ପବନ ଉଡ଼ାଇ ଆକାଶକୁ ନେଇଯାଇଛି କିମ୍ବା ପିଲା କୁକୁର ହୋଇ ପଳାଇ ଯାଇଛି; ତେବେ କ'ଣ ତୁମେ ତାହାର କଥାକୁ ଅକାରଣେ ସଠିକ୍ ତଥା ଅନୁସନ୍ଧାନ ବିନା ମାନି ନେବ ? କଦାପି ନୁହେଁ । ପବିତ୍ର କୁରଆନ୍ କହିଲା; فَسْـَٔلُوْٓا اَهْلَ الذِّكْرِ اِنْ كُنْتُمْ لَا تَعْلَمُوْنَ (ନହଲ୍ 16:44)

"ଅର୍ଥାତ୍ ହେ ବିଶ୍ୱାସକାରୀମାନେ ! ଯଦି ତୁମେମାନେ (ଏହା) ଜାଣ ନାହିଁ, ତେବେ ଯେଉଁମାନେ ଏହି (ଧର୍ମ) ଗ୍ରନ୍ଥମାନଙ୍କ ସଂକ୍ରାନ୍ତରେ ଜ୍ଞାନ ରଖନ୍ତି ସେମାନଙ୍କୁ (ଏ ବିଷୟରେ) ପ୍ରଶ୍ନ କର (ତା'ହେଲେ) ସତ୍ୟ ପ୍ରକଟିତ ହେବ ।" ଏବେ ଯିଶୁ ମସିହ୍ ଅ.ସଙ୍କ ମୃତ୍ୟୁ ସମସ୍ୟା ଉପରେ ଏବଂ ତାଙ୍କର ଆକାଶମାର୍ଗକୁ ଉଡ଼ି ଚାଲିଯିବା ସମ୍ବନ୍ଧରେ ଚିନ୍ତା କର । ସେହି ତର୍କଗୁଡ଼ିକୁ ବାଦ୍ ଦେଇ ଯାହା ତାଙ୍କର ମୃତ୍ୟୁ ସମ୍ବନ୍ଧରେ ରହିଛି ଏହା ପକ୍କା କଥା ଯେ, ଅବିଶ୍ୱାସକାରୀମାନେ ହଜରତ ମୁହମ୍ମଦ୍ ସ.ଅଙ୍କଠାରୁ ଆକାଶ ମାର୍ଗକୁ ଚଢ଼ି ଯିବାର ନିଦର୍ଶନ ମାଗିଲେ । ଏବେ ହଜରତ ମୁହମ୍ମଦସ.ଅ ଯେ କି ସର୍ବଗୁଣ ସମ୍ପନ୍ନ ଏବଂ ସର୍ବଶ୍ରେଷ୍ଠ ଥିଲେ ତାଙ୍କୁ ଉଚିତ୍ ଥିଲା ଯେ, ସେ ଆକାଶକୁ ଚଢ଼ି ଯାଇଥାନ୍ତେ କିନ୍ତୁ ସେ ସର୍ବଶକ୍ତିମାନ ଅଲ୍ଲାଃଙ୍କ ବାଣୀ ଦ୍ୱାରା କ'ଣ ଉତ୍ତର ଦେଲେ:

قُلْ سُبْحَانَ رَبِّيْ هَلْ كُنْتُ اِلَّا بَشَرًا رَّسُوْلًا (ବନି ଇସ୍ରାଇଲ୍ 17:94)

"ଅର୍ଥାତ୍ ତୁମେ (ସେମାନଙ୍କୁ) କୁହ, ଆମ୍ଭର ପାଳନକର୍ତ୍ତା ଏପରି ଅଯଥା କଥା କହନ୍ତି ନାହିଁ, ବରଂ ସେ ପବିତ୍ର ଅଟନ୍ତି । ଆମ୍ଭେ ତ କେବଳ ମାନବ (ରୂପୀ) ରସୁଲ୍ । ତେଣୁ ସଶରୀରେ ଆକାଶକୁ ଯିବା ଅସମ୍ଭବ ।" ଏହାର ଅର୍ଥ ଏହି ଯେ, କହିଦିଅ ସର୍ବଶକ୍ତିମାନ ଅଲ୍ଲାଃ ଏ କାର୍ଯ୍ୟରୁ ପବିତ୍ର

ଯେ କି ସେ ପ୍ରତିଜ୍ଞାର ବିରୁଦ୍ଧାଚରଣ କରିବେ ଯେତେବେଳେ ସେ ମନୁଷ୍ୟ ପାଇଁ ଶରୀର ସହିତ ଆକାଶକୁ ଯିବା ନିଷିଦ୍ଧ କରିଦେଇଛନ୍ତି । ଯଦି ମୁଁ ଯିବି ତେବେ ମିଥ୍ୟାବାଦୀ ସାବ୍ୟସ୍ତ ହେବି । ଏବେ ଯଦି ତୁମ୍ଭର ଏହି ଆସ୍ଥା ସଠିକ୍ ଯେ ଯିଶୁ ମସିହ୍ ଆକାଶକୁ ଚାଲି ଯାଇଅଛନ୍ତି ଏବଂ କୌଣସି ବିରୋଧୀ ପାଦ୍ରୀ ଯଦି ଏହି ଆୟତ୍ ଉପସ୍ଥାପନ କରି ହଜରତ ମୁହମ୍ମଦ ସ.ଅଙ୍କୁ ସମାଲୋଚନା କରେ ତେବେ ତୁମେ ଏହାର କ'ଣ ଜବାବ ଦେଇପାରିବ ? ଅତଏବ ଏପରି କଥାଗୁଡ଼ିକୁ ମାନିବାର ଲାଭ କ'ଣ ଯାହାର କୌଣସି ଅସଲ ପବିତ୍ର କୁରଆନ୍‌ରେ ବିଦ୍ୟମାନ ନାହିଁ । ଏପରି ରୂପେ ତୁମେ ଇସଲାମ୍‌କୁ ଏବଂ ହଜରତ ମୁହମ୍ମଦ ସ.ଅଙ୍କୁ ବଦନାମ କରିବାବାଲା ସାବ୍ୟସ୍ତ ହେବ । ପୁଣି ପୂର୍ବକାଳୀନ ପୁସ୍ତକଗୁଡ଼ିକରେ ମଧ୍ୟ ଏହାର କୌଣସି ଉଦାହରଣ ମିଳୁ ନାହିଁ ଏବଂ ସେହି ପୁସ୍ତକଗୁଡ଼ିକରୁ ମତ ଆହରଣ କରିବା ନିଷିଦ୍ଧ ନୁହେଁ । ହଜରତ ମୁହମ୍ମଦ ସ.ଅଙ୍କ ସମ୍ବନ୍ଧରେ ସର୍ବଶକ୍ତିମାନ ଅଲ୍ଲାଃ କହିଛନ୍ତି; شَهِدَ شَاهِدٌ مِّنْۢ بَنِيْٓ اِسْرَآءِيْلَ

(ଅଲ୍ ଅହକାଫ୍ 46: 11) "ଅର୍ଥାତ୍ ଇସ୍ରାଇଲୀୟ ସନ୍ତାନମାନଙ୍କ ମଧ୍ୟରୁ ଜଣେ ସାକ୍ଷୀ (ଅର୍ଥାତ ମୁସା) ଏହି ସାକ୍ଷ୍ୟ (ମଧ୍ୟ) ପ୍ରଦାନ କରିଥାଏ ।" ଏବଂ ପୁନଶ୍ଚ କହିଲେ; كَفٰى بِاللّٰهِ شَهِيْدًا بَيْنِيْ وَبَيْنَكُمْ ۙ وَمَنْ عِنْدَهٗ عِلْمُ الْكِتٰبِ

(ଅର୍ ରାଦ୍ 13:44) "ଅର୍ଥାତ୍ ତୁମ୍ଭେ (ସେମାନଙ୍କୁ) କୁହ, ଆମ୍ଭେ ଓ ତୁମମାନଙ୍କ ମଧ୍ୟରେ ଅଲ୍ଲାଃ ସାକ୍ଷୀ ହିସାବରେ ଯଥେଷ୍ଟ ତଥା (ସେହିପରି) ସେ (ବ୍ୟକ୍ତି) ମଧ୍ୟ (ସାକ୍ଷୀ) ଯାହାଙ୍କ ନିକଟରେ ଏହି ଧର୍ମଗ୍ରନ୍ଥ ସମ୍ବନ୍ଧରେ ଜ୍ଞାନ ଅଛି ।"ଏବଂ ସେହିପରି କହିଲେ; يَعْرِفُوْنَهٗ كَمَا يَعْرِفُوْنَ اَبْنَآءَهُمْ

(ଅଲ୍ ବକରା 2:147) "ଅର୍ଥାତ୍ ସେମାନେ ଏହି ସତ୍ୟକୁ ଏପରି ଚିହ୍ନନ୍ତି ଯେପରି ସେମାନେ ନିଜର ପୁତ୍ରମାନଙ୍କୁ ଚିହ୍ନନ୍ତି ।" ଯେତେବେଳେ ହଜରତ ମୁହମ୍ମଦ ସ.ଅଙ୍କ ଅବତାରତ୍ୱର ପ୍ରମାଣ ପାଇଁ (ଅଲ୍ଲାଃ) ସେଗୁଡ଼ିକୁ ଉପସ୍ଥାପିତ କରୁଅଛନ୍ତି ତେବେ ଆମ୍ଭର ସେଗୁଡ଼ିକରୁ ମତ ଆହରଣ କାହିଁକି ନିଷିଦ୍ଧ ହୋଇଗଲା ।

ଏବେ ଏହି ପୁସ୍ତକଗୁଡ଼ିକ ମଧ୍ୟରେ ମଲାକି ନବୀଙ୍କର ଗୋଟିଏ ପୁସ୍ତକେ

ଅଛି ଯାହା ବାଇବେଲ୍‌ରେ ବିଦ୍ୟମାନ । ଏଥିରେ ଯିଶୁ ମସିହ୍‌ଙ୍କ ପୂର୍ବରୁ ଇଲିୟା ନବୀଙ୍କ ପୁନର୍ବାର ଆସିବାର ପ୍ରତିଶୃତି ରହିଛି । ଶେଷରେ ଯେତେବେଳେ ମରିୟମ୍ ପୁତ୍ର ଯିଶୁ ମସିହ୍ ଆସିଲେ ସେତେବେଳେ ଯିଶୁ ମସିହ୍‌ଙ୍କୁ ମଲାକି ନବୀଙ୍କ ଏହି ଭବିଷ୍ୟବାଣୀ ଅନୁସାରେ ଏଲିୟାଙ୍କ ପୁନର୍ବାର ଆସିବା ସମ୍ବନ୍ଧରେ ପ୍ରଶ୍ନ କରାଗଲା ହଜରତ ଯିଶୁ ମସିହ୍ ଏହା ନିଷ୍ପତ୍ତି କଲେ ଯେ, ସେ ଆଗମନକାରୀ ଯୋହନ୍ନା ରୂପରେ ଆସି ସାରିଲେଣି ।

ହଜରତ ଯିଶୁ ମସିହ୍‌ଙ୍କ ଅଦାଲତରେ ଏବେ ଏହି ଫଇସଲା ହୋଇସାରିଛି ଯେ, 'ଦ୍ୱିତୀୟଥର ଆଗମନକାରୀ'ର କ'ଣ ଅର୍ଥ ହୁଏ । ସେଠାରେ ୟହ୍‌ୟାଙ୍କର ନାମ "ଇଲିୟାସ୍‌ଙ୍କ ସଦୃଶ" ରଖାଯାଇ ନାହିଁ ବରଂ ତାଙ୍କୁ ହିଁ ଇଲିୟାସ୍ ଘୋଷିତ କରାଯାଇଛି । ଏବେ ଏହି ଅନୁମାନ ମଧ୍ୟ ମୋ ସହିତ ଅଛି ଯେ, ମୁଁ ତ ଉଦାହରଣ ସ୍ଥାପନ କରୁଅଛି । କିନ୍ତୁ ମୋର ବିରୋଧୀ କୌଣସି ଉଦାହରଣ ଉପସ୍ଥାପନ କରୁ ନାହାଁନ୍ତି । କେତେକ ଲୋକ ଯେଉଁମାନେ କି ଏହି ସ୍ଥାନରେ ନାଚର ହୋଇଯାଇ ଥାଆନ୍ତି ସେତେବେଳେ କହି ଦିଅନ୍ତି ଏହି ପୁସ୍ତକ ଅକ୍ଷରାନ୍ତରିତ ଏବଂ ପରିବର୍ତ୍ତିତ । କିନ୍ତୁ ଦୁଃଖର ବିଷୟ ଏହି ଲୋକମାନେ ଏତିକି ବୁଝିପାରୁ ନାହାଁନ୍ତି ଯେ, ହଜରତ ମୁହମ୍ମଦ[ସ.ଅ] ଓ ତାଙ୍କ ଅନୁଗାମୀମାନେ ଏଥିରୁ ପ୍ରମାଣ ନେଉଥିଲେ ଏବଂ ବିଶିଷ୍ଟ ବ୍ୟକ୍ତିଗଣ ବିକୃତି ଅର୍ଥଗତ ମନେ କରିଛନ୍ତି । ବୁଖାରୀ ମଧ୍ୟ ଏହା ହିଁ କହିଛନ୍ତି । ଏତଦ୍ ଭିନ୍ନ ଇହୁଦୀ ଏବଂ ଖ୍ରୀଷ୍ଟିୟାନ୍‌ମାନଙ୍କ ମଧ୍ୟରେ ସାଂଘାତିକ ଶତୃତା ରହିଛି ତଥା ସେମାନଙ୍କ ପୁସ୍ତକମାନ ଭିନ୍ନ । ସେମାନେ ଏପର୍ଯ୍ୟନ୍ତ ବିଶ୍ୱାସ କରି ଆସୁଛନ୍ତି ଯେ, ଇଲିୟାସ୍ ପୁନର୍ବାର ଆସିବେ । ଯଦି ଏହି ପ୍ରଶ୍ନ ନ ଥାଆନ୍ତା ତେବେ ହଜରତ ଯିଶୁ ମସିହ୍‌ଙ୍କୁ ସେମାନେ ମାନି ନେଇଥାନ୍ତେ ? ଜଣେ ଇହୁଦୀ ବିଦ୍ୱାନଙ୍କ ପୁସ୍ତକ ମୋ ପାଖରେ ଅଛି । ସେ ଅତ୍ୟନ୍ତ ଦୃଢ଼ ଭାବରେ ଲେଖୁଛନ୍ତି ଏବଂ ଆବେଦନ କରୁଅଛନ୍ତି ଯେ, ଯଦି ମୋତେ ଏହି ପ୍ରଶ୍ନ ପଚରାଯିବ ତେବେ ମୁଁ ମଲାକୀ ନବୀଙ୍କ ପୁସ୍ତକ ସାମ୍ନାରେ ରଖିଦେବି ଯେ, ଏଥିରେ ଇଲିୟାସ୍‌ଙ୍କର ପୁନର୍ବାର ଆସବାର ପ୍ରତିଶୃତି ଦିଆଯାଇଅଛି । ଏବେ ବିଚାର କର ଯେ, ଏହି ବାହାନାମାନ ସତ୍ତ୍ୱେ ଲକ୍ଷାଧିକ ଇହୁଦୀ ନର୍କଗାମୀ ହେଲେ ଏବଂ ଘୁଷୁରି, ମାଙ୍କଡ଼ ପାଲଟି ଗଲେ । ତେବେ କ'ଣ ମୋ

ବିରୁଦ୍ଧରେ ଏହି ବାହାନା ସଠିକ୍ ହେବ ଯେ, ସେଠାରେ ମରିୟମ୍‌ଙ୍କ ପୁତ୍ର ମସିହ୍‌ଙ୍କ ଉଲ୍ଲେଖ ରହିଛି । ଇହୁଦୀମାନେ ତ ନିରୁପାୟ ହୋଇପାରିଥାନ୍ତି । ସେମାନଙ୍କ ଠାରେ ଦୃଷ୍ଟାନ୍ତ ନଥିଲା । କିନ୍ତୁ ଏବେ ତ କୌଣସି ବାହାନା ବାକି ରହିନାହିଁ । ଯିଶୁ ମସିହ୍‌ଙ୍କର ମୃତ୍ୟୁ ପବିତ୍ର କୁରଆନ୍‌ରୁ ସାବ୍ୟସ୍ତ ରହିଛି ଏବଂ ହଜରତ ମୁହମ୍ମଦ ସ.ଅ.ଙ୍କ ଦୃଷ୍ଟିଭଙ୍ଗି ଏହାର ସମର୍ଥନ କରୁଅଛି । ଆଉ ତା'ପରେ ପବିତ୍ର କୁରଆନ୍ ଏବଂ ହଦିସ୍‌ରେ مِنْكُم(ଶବ୍ଦ) ଆସିଅଛି । ପୁଣି ଅଲ୍ଲାଃତାଲା ମୋତେ ଶୂନ୍ୟ ହସ୍ତରେ ପଠାଇ ନାହାଁନ୍ତି । ହଜାର ହଜାର, ଲକ୍ଷ ଲକ୍ଷ ଐଶ୍ୱରିକ ନିଦର୍ଶନମାନ ମୋ ସମର୍ଥନରେ ପ୍ରକାଶ ପାଇଛି ଏବଂ ଏବେ ମଧ୍ୟ ଯଦି କେହି ଚାଳିଶି ଦିନ ମୋ ପାଖରେ ରୁହେ ତେବେ ସେ ଐଶ୍ୱରିକ ନିଦର୍ଶନ ଦେଖିନେବ । ଲେଖରାମ୍ (ସମ୍ବନ୍ଧରେ) ଐଶ୍ୱରିକ ନିଦର୍ଶନ (ଏକ) ଅତି ବିରାଟ ନିଦର୍ଶନ । ମୂର୍ଖ ଲୋକେ କୁହନ୍ତି; ମୁଁ ହତ୍ୟା (ତାକୁ) କରାଇ ଦେଲି ! ଯଦି ଏହି ଆରୋପ ଠିକ୍ ତେବେ ଏପରି ନିଦର୍ଶନଗୁଡ଼ିକରୁ ଭରଷା ହିଁ ଉଠିଯିବ । ଆସନ୍ତାରେ କହି ଦିଆଯିବ ଯେ, ଖୁସ୍‌ରୋ ପରୱେଜ୍‌କୁ (ଅଲ୍ଲାଃ କ୍ଷମା କରନ୍ତୁ) ହଜରତ ମୁହମ୍ମଦସ.ଅ ହତ୍ୟା କରାଇ ଦେଇଥିବେ । ଏଭଳି ଆପତ୍ତି ସତ୍ୟାନ୍ୱେଷୀ ଏବଂ ସତ୍ୟସନ୍ଧିସ୍ନୁ ବ୍ୟକ୍ତିମାନଙ୍କର କାର୍ଯ୍ୟ ନୁହେଁ ।

ମୁଁ ଶେଷରେ ପୁଣି କହୁଅଛି ଯେ, ମୋର ନିଦର୍ଶନମାନ ସ୍ୱଳ୍ପ ନୁହଁନ୍ତି । ଏକଲକ୍ଷରୁ ଉର୍ଦ୍ଧ୍ୱ ଲୋକ ମୋର ନିଦର୍ଶନଗୁଡ଼ିକ ଉପରେ ସାକ୍ଷୀ ରହିଛନ୍ତି ଏବଂ ଜୀବିତ ଅଛନ୍ତି । ମୋର ପ୍ରତ୍ୟାଖ୍ୟାନରେ ଶୀଘ୍ର ତା କର ନାହିଁ । ନଚେତ୍ ମୃତ୍ୟୁ ପରେ କ'ଣ ଉତ୍ତର ଦେବି ? "ନିଃସନ୍ଦେହ ରୂପେ ମନେରଖ ଯେ ସର୍ବଶକ୍ତିମାନ ଅଲ୍ଲାଃ ମୁଣ୍ଡ ଉପରେ ରହିଛନ୍ତି ଏବଂ ସେ ସତ୍ୟବାଦୀକୁ ସତ୍ୟବାଦୀ ସାବ୍ୟସ୍ତ କରିଥାଆନ୍ତି ଏବଂ ମିଥ୍ୟାବାଦୀକୁ ମିଥ୍ୟାବାଦୀ ।"

(ଅଲହକମ୍ ୩୦ ନଭେମ୍ବର ୧୯୦୬, ପୃଷ୍ଠା-୪ ରୁ ୬)